Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 218
Wednesday, 14 October 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୧୪ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ରାଜ୍ୟ କ୍ୟାବିନେଟ୍‌ରେ ୧୧ଟି ବିଭାଗର ୧୬ଟି ପ୍ରସ୍ତାବକୁ ମୋହର

ଭୁବନେଶ୍ୱର, ୧୩/୧୦(ନ୍ୟୁ.ଏ): ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୮ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୧୧ ଟି ବିଭାଗର ୧୬ ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ବୈଠକ ପରେ ମୁଖ୍ୟମନ୍ତ୍ରୀ ମାଝୀ ଗଣମାଧ୍ୟମକୁ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ । ନିଜର ଅଭିଭାଷଣର ପ୍ରାରମ୍ଭରେ ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଥିବା ଅବସରରେ ଅଭିନନ୍ଦନ ଜଣାଇଥିଲେ । ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ । ସୂଚନାନୁସାରେ, ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗର ୨ଟି, ଶିଳ୍ପ ବିଭାଗର ୧ଟି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୧ଟି, ଅର୍ଥ ବିଭାଗର ୧ଟି, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗର ୧ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୧ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ୧ଟି, ଜଳ ସମ୍ପଦ ବିଭାଗର ୩ଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩ ଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧ଟି ଏବଂ ଗୋଟିଏ ପ୍ରସ୍ତାବ ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନର ସତ୍ରାବସାନ(ସଂସଦୀୟ ବ୍ୟାପାର)ସମ୍ପର୍କିତ ଏହିପରି ମୋଟ ୧୧ଟି ବିଭାଗର ୧୬ ଟି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଅନୁମୋଦିତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡ଼ିକ ମଧ୍ୟରେ, ପୁରୀ ଜିଲ୍ଲାର ଅସ୍ତରଙ୍ଗରେ ୩୩.୮୧ କୋଟି ଟଙ୍କା ବ୍ୟୟରେ ମତ୍ସ୍ୟବନ୍ଦର ନିର୍ମାଣ ହେବ, ସହରାଂଚଳ ବର୍ଷାଜଳ ନିଷ୍କାସନ ଓ ଉନ୍ନୟନ କାର୍ଯ୍ୟକ୍ରମରେ ୫୦୦କୋଟି ଟଙ୍କା ୨୦୨୬-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ମଧ୍ୟରେ ଖର୍ଚ୍ଚ କରାଯିବ, ୪ଲକ୍ଷ ୨୦ ହଜାର ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ଯୋଜନାରେ ସାମିଲ କରିବାକୁ ୪୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ, ପ୍ରାଥମିକ ଶିକ୍ଷା ନିଯୁକ୍ତି ପଦ୍ଧତି ଓ ଶିକ୍ଷକ ଓ ଅଧିକାରୀ ସେବା ନିୟମାବଳୀ ୧୯୯୭ର ସଂଶୋଧନ କରାଯିବ । ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ପ୍ରଦାନ କରାଯିବ । ପୂର୍ବରୁ କେବଳ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ମିଳୁଥିଲା ।

ପ୍ରତ୍ୟେକ ବର୍ଗଙ୍କୁ ପକ୍କା ଘର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩/୧୦ (ଆ.ପ୍ର) : 'ପିଏମ୍‌ଏୱାଇ-ଅର୍ବାନ୍ ବନ୍ଧୁ' ଯୋଜନାରେ ବହୁ ପ୍ରତୀକ୍ଷିତ ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡ଼କଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ଆଜି (ମଙ୍ଗଳବାର) ଲୋକାର୍ପିତ ହୋଇଛି । ଏହାସହ ରାଜଧାନୀ ଓ ଆଖପାଖ ଅଂଚଳରେ ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆର ମଧ୍ୟ ଉଦ୍‌ଘାଟନ ହୋଇଛି । ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଗ ଦେଇ କହିଛନ୍ତି, ଆମେ ଏପରି ଏକ ଭୁବନେଶ୍ୱର ଗଢ଼ିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ, ଶ୍ରମିକ ମାନେ ସୁଲଭ ଆବାସ ପାଇ ପାରିବେ, ଯୁବପିଢ଼ି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପ୍ରତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ । ଗାଡ଼କଣ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀମାଝି କହିଛନ୍ତି, ଖାଦ୍ୟ ପରେ ଜଣେ ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି 'ମୁଣ୍ଡ ଉପରେ ଛାତ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କେବଳ ଘର ନିର୍ମାଣ ନୁହେଁ, ବରଂ ଶୌଚାଳୟ, ପାଇପ୍ ଯୋଗେ ପିଇବା ପାଣି, ବିଦ୍ୟୁତ୍ ଏବଂ ରନ୍ଧନ ଗ୍ୟାସ ଯୋଗାଇ ଦେଇ ଗରିବ ପରିବାରଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଛନ୍ତି । ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ସହ ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ୧୨ଟି ଅତ୍ୟାଧୁନିକ ଖେଳ ପଡିଆ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ୍ୟ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି । ଭୁବନେଶ୍ୱର ଓ ଏହାର ଆଖପାଖ ଅଂଚଳରେ ବିଡ଼ିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି । ଏହି ଖେଳପଡ଼ିଆଗୁଡ଼ିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଳଥିଆ, ଡମାଣ୍ଡୋ, ନଖରା, ସିଡିଏସ୍‌ଇ ଆଂଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଂଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡ଼ିଆ ଅନ୍ତର୍ଭୁକ୍ତ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମଂଚରେ ଉପସ୍ଥିତ ରହି ଘାଟିକିଆସ୍ଥିତ 'ନୀଳକଣ୍ଠେଶ୍ୱର ରେସିଡେନ୍ସି'ର ହିତାଧିକାରୀ ଲକ୍ଷ୍ମୀଧର ସେଠୀ, ନଇମୁଦ୍ଦିନ ଖାନ୍, ରାମଚନ୍ଦ୍ର ସେଠୀ ଓ ରସିକ ଖଣ୍ଡାୟତରାୟ ଏବଂ ଗାଡ଼କଣସ୍ଥିତ 'ମୁକ୍ତେଶ୍ୱର ରେସିଡେନ୍ସି'ର ନିର୍ମଳା ବାରିକ, ଶଶ୍ମିତା ପାତ୍ର, ରୂପା ସାହୁ ଓ ଦ୍ରୌପଦୀ ଦେବୀଙ୍କୁ ସିଧା ସଳଖ ଭାବେ ବାସଗୃହ ଆବଂଟନ କରିଛନ୍ତି ।

ଇସ୍ତଫା ଦେଲେ କେନ୍ଦ୍ରମନ୍ତ୍ରୀ ଡ. ଏଲ୍. ମୁରୁଗାନ୍

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): ମୋଦୀ କ୍ୟାବିନେଟ୍‌ରୁ ବିଜେପିର ବରିଷ୍ଠ ନେତା ଏଲ୍. ମୁରୁଗାନ୍ ଇସ୍ତଫା ଦେଇଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମୁରୁଗାନ୍ ରାଜ୍ୟସଭା ସଦସ୍ୟ ପଦରୁ ମଧ୍ୟ ଇସ୍ତଫା ଦେଇଛନ୍ତି । ଦୁଇ ମନ୍ତ୍ରଣାଳୟର ଦାୟିତ୍ୱ ତୁଲାଉଥିବା ମୁରୁଗାନ୍ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଭାରତମାତା ଓ ତାମିଲନାଡୁର ସେବା କରିବା ତାଙ୍କ ଜୀବନର ସବୁଠାରୁ ବଡ଼ ସମ୍ମାନ ଥିଲା ।' ସେ କହିଛନ୍ତି, "ଦିନମଲୁରିଆଙ୍କ ପୁଅ ହେବାଠାରୁ ଆରମ୍ଭ କରି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ମନ୍ତ୍ରିପରିଷଦରେ ସେବା କରିବା ପର୍ଯ୍ୟନ୍ତ ଯାତ୍ରା ମୋ ଜୀବନର ସବୁଠାରୁ ବଡ଼ ସୌଭାଗ୍ୟ ରହିଛି । ଏବେ ମୁଁ ତୃଣମୂଳ ସ୍ତରକୁ ଫେରିବାକୁ ଚାହୁଁଛି । ନିଜ କାର୍ଯ୍ୟକର୍ତ୍ତାଙ୍କ ସହ ଠିଆ ହେବାକୁ ଚାହୁଁଛି ଏବଂ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ବିଜେପିକୁ ମଜବୁତ କରିବା ପାଇଁ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିବାକୁ ଚାହୁଁଛି ।

ଗଣତାନ୍ତ୍ରିକ ପ୍ରକ୍ରିୟା ପୁନଃସ୍ଥାପିତ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଲଗାତାର ୪ ଦିନର ଆନ୍ଦୋଳନ ଏବଂ ସୁପ୍ରିମ୍‌କୋର୍ଟରେ ସିଇସିଙ୍କ ବିରୋଧରେ ଏକ ଆବେଦନ କରିବାପରେ ଆଜି ଇଣ୍ଡିମେଂଟ ନେତାମାନେ ରାହୁଲ ଗାନ୍ଧୀଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ରାହୁଲ ଆଜି ଇଣ୍ଡିମେଂଟ ନେତାମାନଙ୍କ ପାଇଁ ଏକ 'ହାଇ ଟି'ର ଆୟୋଜନ କରିଥିବାବେଳେ ଏଥିରେ ସେମାନଙ୍କ ପରବର୍ତ୍ତୀ ରଣନୀତି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ବୈଠକ ପରେ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ, ସୁପ୍ରିୟା ସୁଲେ, ତେଜସ୍ୱୀ ଯାଦବ, ସଞ୍ଜୟ ରାଉତ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେବା ସହ ସିଇସିଙ୍କ ବିରୋଧରେ ଆନ୍ଦୋଳନ ଜାରି ରହିବ ବୋଲି ଦୃଢ଼ୋକ୍ତି କରିଛନ୍ତି । ବୈଠକର ନିଷ୍ପତି ଏବଂ ଆଗାମୀ କାର୍ଯ୍ୟସୂଚୀ ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ରାହୁଲ କହିଥିଲେ, ନିକଟ ଭବିଷ୍ୟତରେ ସିଇସିଙ୍କ ବିରୋଧରେ ଏକ ଚାଂଚଲ୍ୟକର ତଥ୍ୟ ଉପସ୍ଥାପନ କରାଯିବ ବା ଏକ ବଡ଼ ସରପ୍ରାଇଜ୍ ଦିଆଯିବ । ଆମେ ଆଗରୁ ସେ ସମ୍ପର୍କରେ ସୂଚନା ଦେବାକୁ ଚାହୁନୁ । ବୈଠକରେ ମଧ୍ୟ ବିଭିନ୍ନ ଛାତ୍ର ସଂଗଠନର ନେତା ଯୋଗ ଦେଇଛନ୍ତି । ରାହୁଲ ଗାନ୍ଧୀ ବୈଠକ ପରେ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆମେ ସମସ୍ତେ ଏଠି ଏକ ହୋଇ ଠିଆ ହୋଇଛୁ । କୌଣସି ସମାନ୍ତରାଳ ଆନ୍ଦୋଳନ ହେବନି । କେବଳ ଗୋଟିଏ ଆନ୍ଦୋଳନ ହେବ ଏବଂ ଏହାର ଲକ୍ଷ୍ୟ ଗୋଟିଏ ରହିବ- ଦେଶରେ ଗଣତାନ୍ତ୍ରିକ ପ୍ରକ୍ରିୟାର ପୁନଃସ୍ଥାପନ କରିବା । ରାହୁଲ ମଧ୍ୟ ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଏକ୍ସରେ ଏକ ପୋଷ୍ଟ କରି ସଙ୍କେତ ଦେଇଛନ୍ତି ଯେ କଂଗ୍ରେସ ଇଣ୍ଡିମେଂଟ ସହ ମଧ୍ୟ ଅନ୍ୟ ସଂଗଠନ ଯୋଗ ଦେବ । କିନ୍ତୁ ସେ କକ୍ରୋଚ୍ ଜନତା ପାର୍ଟିର ନାଁ ନେଇନାହାନ୍ତି । ରାହୁଲ କହିଛନ୍ତି, ଆଜି ମୁଁ ଇଣ୍ଡିମେଂଟ ନେତା, ବିରୋଧୀ ସାଂସଦ, ବିଭିନ୍ନ ଛାତ୍ର ସଂଗଠନ ଓ ନାଗରିକ ସମାଜର କାର୍ଯ୍ୟକର୍ତ୍ତାମାନଙ୍କୁ ମୋ ଘରକୁ ଚା'ଜଳଖିଆ ପାଇଁ ଡାକିଛି । ଗଣତନ୍ତ୍ରର ସୁରକ୍ଷା ଦିଗରେ ଆମେ ସମସ୍ତେ ଏକଜୁଟ୍ ହୋଇଛୁ । ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଭୋଟ୍ ଚୋରି ବିରୋଧରେ ଇଣ୍ଡିମେଂଟ ଆନ୍ଦୋଳନକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ମୋଦୀ ସରକାର ଏବଂ ଭୋଟ୍ ଚୋରି ବିରୋଧରେ ଆମର ଏହି ମିଳିତ ଲଢ଼େଇ ଜାରି ରହିବ । ବୈଠକରେ ହୋଇଥିବା ନିଷ୍ପତି ସଂକ୍ରାନ୍ତରେ ଟିପ୍ପଣୀ ରଖି ସିପିଆଇ ସାଧାରଣ ସଚିବ ଡି ରାଜା କହିଛନ୍ତି, ଆମେ ଇଣ୍ଡିମେଂଟର ବରିଷ୍ଠ ନେତାମାନଙ୍କ ସହ ବୈଠକ କରିଛୁ । ବୈଠକରେ ଦେଶରେ ଏବେ ଜାରି ରହିଥିବା ସ୍ଥିତି ଏବଂ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଚାଲିଥିବା ଅଭିଯାନ କିଭଳି ଆଗକୁ ବଢ଼ିବ ସେନେଇ ଆଲୋଚନା କରିଛୁ ।

ଦୀପାବଳି ଯାଏ ୟୁପିଆଇ ନେଣଦେଣ ଉପରେ ଲାଗିବନି କୌଣସି ଫି'

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): ୟୁପିଆଇ ବ୍ୟବହାରକାରୀଙ୍କୁ ବଡ଼ ଆଶ୍ୱସ୍ତି । ଆସନ୍ତା ଦୀପାବଳୀ ଯାଏ ୟୁପିଆଇ ନେଣଦେଣ ଉପରେ ଲାଗିବନି କୌଣସି ଫି' । ନ୍ୟାଶନାଲ ପେମେଂଟସ କର୍ପୋରେସନ ଅଫ ଇଣ୍ଡିଆ(ଏନପିସିଆଇ) ୟୁପିଆଇର ମର୍ଚ୍ଚାଂଟ ଫି' ବ୍ୟବସ୍ଥାକୁ ଦୀପାବଳି ଯାଏ ଲାଗୁ ନ କରିବାକୁ ନିଷ୍ପତି ନେଇଛି । ଦୀପାବଳି ନଭେମ୍ବର ଦ୍ୱିତୀୟ ସପ୍ତାହରେ ପଡୁଛି । ସେ ଯାଏ ୟୁପିଆଇରେ ମର୍ଚ୍ଚାଂଟ ଫି' ଲାଗୁ ହେବ ନାହିଁ । କିନ୍ତୁ କେବେଠାରୁ ଏହା ଲାଗୁ ହେବ, ତା'ର ତାରିଖ ଏଯାଏ ଘୋଷଣା ହୋଇନାହିଁ । ପୂର୍ବରୁ ଅକ୍ଟୋବର ୧୫ରୁ ୨୦୦୦ ଟଙ୍କାରୁ ଅଧିକ ନେଣଦେଣ ପାଇଁ ମର୍ଚ୍ଚାଂଟ ଡିସକାଉଂଟ ରେଟ୍ ଲାଗିବ ବୋଲି କୁହାଯାଇଥିଲା । ପାର୍ବଣ ଋତୁରେ ମର୍ଚ୍ଚାଂଟ ଫି' ବ୍ୟବସାୟକୁ ପ୍ରଭାବିତ କରିବାର ଆଶଙ୍କା ଥିବାରୁ ଆଜି ଏନପିସିଆଇ ଦୀପାବଳି ଯାଏ ଏହାକୁ ସ୍ଥଗିତ ରଖିଥିବା କୁହାଯାଉଛି । ସେହିପରି ୟୁପିଆଇ ଓ ସର୍ଭିସ ଷ୍ଟିୟରିଂ କମିଟି ନିକଟରେ କରିଥିବା ବୈଠକରେ ମର୍ଚ୍ଚାଂଟ ଫି' ଲାଗୁର ଚ୍ୟାଲେଞ୍ଜ ଗୁଡ଼ିକ ଉପରେ ଆଲୋଚନା କରିଥିଲା । ଏହାପରେ ଦୀପାବଳି ପରେ ପର୍ସନ ଟୁ ମର୍ଚ୍ଚାଂଟ ଫି' ଲାଗୁ ହେବ ବୋଲି ନିଷ୍ପତି ହୋଇଛି । ସେପ୍ଟେମ୍ବର ୧୫ରେ ୟୁପିଆଇକୁ ନେଇ ବଡ଼ ଘୋଷଣା କରିଥିଲେ କେନ୍ଦ୍ର ସରକାର । ନୂଆ ନିୟମ ଅନୁସାରେ, ଯଦି ଜଣେ ବ୍ୟକ୍ତି କୌଣସି ବ୍ୟବସାୟିକ ସଂସ୍ଥାକୁ ୟୁପିଆଇରେ ୨ ହଜାରରୁ ଅଧିକ ଟଙ୍କା ପଠାଇବେ, ତା'ହେଲେ ସଂସ୍ଥାକୁ ଫି' ଦେବାକୁ ପଡ଼ିବ । ତେବେ ସାଧାରଣ ଗ୍ରାହକ ପୂର୍ବ ଭଳି ବିନା କୌଣସି ଫି'ରେ ୟୁପିଆଇର ବ୍ୟବହାର କରିପାରିବେ । ପ୍ରାରମ୍ଭିକ ପର୍ଯ୍ୟାୟରେ ନୂଆ ନିୟମ ଅକ୍ଟୋବର ୧୫ରୁ ଲାଗୁ ହେବା କଥା । କିନ୍ତୁ ପାର୍ବଣରେ ଏହି ନିୟମ ବ୍ୟବସାୟକୁ ମାନ୍ଦା କରିପାରେ ବୋଲି ବ୍ୟବସାୟୀମାନେ କହିଥିଲେ । ଏହାକୁ ଦୃଷ୍ଟିରେ ରଖି ଏବେ ଦୀପାବଳି ଯାଏ ୟୁପିଆଇକୁ ସଂପୂର୍ଣ୍ଣ ଦେୟମୁକ୍ତ ରଖିବାକୁ ନିଷ୍ପତି ହୋଇଛି । ଏହାପରେ ସାଧାରଣ ପି୨ଏ(ପର୍ସନ ଟୁ ମର୍ଚ୍ଚାଂଟ) ଅଧୀନରେ ୨୦୦୦ ଟଙ୍କାରୁ ଅଧିକ ନେଣଦେଣ ପାଇଁ ମୋଟ ଦେୟର ୦.୪% ଫି' ଆକାରରେ ବ୍ୟବସାୟୀମାନେ ଦେଇ ପାରନ୍ତି । ସେହିପରି କାରବାର ୭୫ ହଜାର କିମ୍ବା ଅଧିକ ହେଲେ ଏମଡିଆର ଭାବେ ପ୍ରତି ଟ୍ରାଞ୍ଜାକସନ ପାଇଁ ୩୦୦ ଟଙ୍କା ଲେଖାଏ ଦେବାକୁ ପଡ଼ିବ । ଉଦାହରଣ ସ୍ୱରୂପ, ଯଦି ଜଣେ ୩ ହଜାର ଟଙ୍କାର ୟୁପିଆଇ ପେମେଂଟ କରୁଛନ୍ତି, ତା'ହେଲେ ମର୍ଚ୍ଚାଂଟ ଏଥିପାଇଁ ୦.୪% ଆକାରରେ ୧୨ ଟଙ୍କା ଦେବେ । ୫୦,୦୦୦ ଟଙ୍କା ପାଇଁ ଏମଡିଆର ଭାବେ ୨୦୦ ଟଙ୍କା ଲାଗିବ ।

ପ୍ରଥମ ବିମ୍‌ଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକ ଆୟୋଜନ ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ : ସାହ

ନୂଆଦିଲ୍ଲୀ, ୧୩/୧୦(ପିଆଇବି): କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଭାରତ ପକ୍ଷରୁ ପ୍ରଥମ ବିମ୍‌ଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକ ଆୟୋଜିତ ହୋଇଛି । ଏହି ବୈଠକରେ ବଙ୍ଗୋପସାଗର କ୍ଷେତ୍ରରେ ଆଂଚଳିକ ସୁରକ୍ଷା ସୁଦୃଢ଼ କରିବା, ପାରସ୍ପରିକ ବିଶ୍ୱାସ ବୃଦ୍ଧି କରିବା ଏବଂ ସହଯୋଗକୁ ଅଧିକ ମଜବୁତ କରିବା ନେଇ ବିମ୍‌ଷ୍ଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାମୂହିକ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଯାଇଛି । ନିଜ ଅଭିଭାଷଣରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ବିମ୍‌ଷ୍ଟେକ୍ ଗୃହମନ୍ତ୍ରୀସ୍ତରୀୟ ବୈଠକ ଆୟୋଜନ କରିବା ଭାରତ ପାଇଁ ଅତ୍ୟନ୍ତ ଗର୍ବ ଓ ସୌଭାଗ୍ୟର ବିଷୟ । ସେ କହିଛନ୍ତି ଯେ, ବିମ୍‌ଷ୍ଟେକ୍ ଆଂଚଳିକ ଏକୀକରଣ, ଆର୍ଥିକ ସହଯୋଗ ଏବଂ ସାମୂହିକ ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ଭାବେ ଉଭା ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ 'ବିଶ୍ୱମିତ୍ର' ଭାବନାକୁ ନେଇ ଆଗକୁ ବଢୁଛି ଏବଂ ଶାନ୍ତି, ସହାବସ୍ଥାନ ଓ ମାନବ କଲ୍ୟାଣ ପ୍ରତି ସର୍ବଦା ପ୍ରତିବଦ୍ଧ ରହିଆସିଛି । ଶ୍ରୀ ଶାହ କହିଛନ୍ତି, ପ୍ରଧାନମନ୍ତ୍ରୀ ଏପ୍ରିଲ ୪, ୨୦୨୫ରେ ବ୍ୟାଙ୍କକରେ ଷଷ୍ଠ ବିମଷ୍ଟେକ୍ ଶିଖର ସମ୍ମିଳନୀ ଅବସରରେ କହିଥିଲେ, 'ଆମ ପାଇଁ ବିମଷ୍ଟେକ୍ କେବଳ ଏକ ଆଂଚଳିକ ସଂଗଠନ ନୁହେଁ । ଏହା ଆମର ସମାବେଶୀ ବିକାଶ ଏବଂ ସୁରକ୍ଷା ପାଇଁ ଏକ ମଡେଲ । ଶ୍ରୀ ଶାହ କହିଲେ, ଏହି ଦୃଷ୍ଟିକୋଣକୁ ଆଗକୁ ବଢ଼ାଇ, ଆଜି ଗୃହ ମନ୍ତ୍ରୀ ଭାବେ ଏହା ଆମର ଦାୟିତ୍ୱ ଯେ ଆମେ ଆମର ସହଯୋଗକୁ ବ୍ୟବହାରିକ ବ୍ୟବସ୍ଥାରେ ପରିଣତ କରିବା, ଯାହା ଆମର ନାଗରିକମାନଙ୍କ ସୁରକ୍ଷା ଏବଂ ଆମର ସଂସ୍ଥାଗୁଡ଼ିକର ସାମର୍ଥ୍ୟକୁ ସୁଦୃଢ଼ କରିବ । କେନ୍ଦ୍ର ଗୃହମନ୍ତ୍ରୀ ଆତଙ୍କବାଦ ପ୍ରତି ଭାରତର 'ଶୂନ୍ୟ ସହନଶୀଳତା' ନୀତି ଉପରେ ଗୁରୁତ୍ୱାରୋପ କରିବା ସହ ଆତଙ୍କବାଦ, ସୀମାପାର ସଂଗଠିତ ଅପରାଧ, ନିଶାଦ୍ରବ୍ୟ ଚୋରାଚାଲାଣ, ମାନବ ଚାଲାଣ ଏବଂ ଉଦୀୟମାନ ସାଇବର ବିପଦର ମୁକାବିଲା ପାଇଁ ଅଧିକ ସହଯୋଗ ଉପରେ ଆହ୍ୱାନ ଦେଇଥିଲେ । ଅପରାଧୀ ଓ ଆତଙ୍କବାଦୀଙ୍କୁ ନ୍ୟାୟ ବ୍ୟବସ୍ଥା ଅଧୀନକୁ ଆଣିବା ପାଇଁ ସମୟୋଚିତ ଗୁଇନ୍ଦା ସୂଚନା ଆଦାନପ୍ରଦାନ, ଆର୍ଥିକ ତଦନ୍ତ, ପାରସ୍ପରିକ ଆଇନଗତ ସହାୟତା ଏବଂ ପ୍ରତ୍ୟର୍ପଣର ଗୁରୁତ୍ୱ ଉପରେ ସେ ଜୋର ଦେଇଥିଲେ । ଶ୍ରୀ ଅମିତ ଶାହ କହିଥିଲେ ଯେ, ଏହି ଅଂଚଳର କୌଣସି ସ୍ଥାନରେ ଆତଙ୍କବାଦୀ ନେଟୱର୍କକୁ ଆଶ୍ରୟ ନେବା, ସଦସ୍ୟ ନିଯୁକ୍ତି କରିବା, ପ୍ରଶିକ୍ଷଣ ଦେବା, ପାଣ୍ଠି ସଂଗ୍ରହ କରିବା କିମ୍ବା ପଡ଼ୋଶୀ ଦେଶଗୁଡ଼ିକ ବିରୋଧରେ କାର୍ଯ୍ୟକଳାପ ଚଳାଇବାକୁ ଅନୁମତି ନଦେବା ଆମର ସାମୂହିକ ସଂକଳ୍ପ ହେବା ଉଚିତ । ଜାତୀୟ ଆଇନ ଏବଂ ପ୍ରଯୁଜ୍ୟ ଚୁକ୍ତିନାମା ଅନୁଯାୟୀ, ପାରସ୍ପରିକ ଆଇନଗତ ସହାୟତା ଓ ପ୍ରତ୍ୟର୍ପଣ କ୍ଷେତ୍ରରେ ସହଯୋଗ ଅପରାଧୀଙ୍କୁ ନ୍ୟାୟ ଦେବା ଦିଗରେ ଆମର ପ୍ରୟାସକୁ ଅଧିକ ସୁଦୃଢ଼ କରିପାରିବ ବୋଲି ସେ କହିଥିଲେ । ଗୃହ ମନ୍ତ୍ରୀ ସହଯୋଗର ପାଂଚଟି ପ୍ରମୁଖ କ୍ଷେତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ: ନିଶାଦ୍ରବ୍ୟ ନିୟନ୍ତ୍ରଣ, ଆତଙ୍କବାଦର ମୁକାବିଲା ଏବଂ ଆଇନଗତ ସହଯୋଗ, ପଳାତକ ଅପରାଧୀଙ୍କ ପ୍ରତ୍ୟାବର୍ତ୍ତନ, ସାଇବର ସୁରକ୍ଷା ଏବଂ ସାଇବର ଅପରାଧ ଅନୁସନ୍ଧାନ ଏବଂ ସଂସ୍ଥାଗତ ସହଯୋଗ ଏବଂ ଦକ୍ଷତା ବିକାଶ । ବେଆଇନ ଆର୍ଥିକ କାରବାର ଏବଂ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଣର ମୁକାବିଲା ପାଇଁ ଏକ ସମନ୍ୱିତ ଆଂଚଳିକ ଆଭିମୁଖ୍ୟର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଜାନୁଆରୀ ୧୨ରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା

ବରଗଡ, ୧୩/୧୦ (ଆ.ପ୍ର) : ୨୦୨୭ ଜାନୁଆରୀ ୧୨ରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା । କଂସଙ୍କ ଶାସନରେ କମ୍ପିବ ମଥୁରା ନଗରୀ । ଧନୁଯାତ୍ରା ମହୋତ୍ସବ ସମିତି ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବସିଥିବା ବୈଠକରେ ଏନେଇ ନିଷ୍ପତି ହୋଇଛି । ଆସନ୍ତା ଜାନୁଆରୀ ୧୨ରୁ ୨୪ ତାରିଖ ଯାଏ ବରଗଡ ଧନୁଯାତ୍ରା ଆୟୋଜିତ ହେବ । ପ୍ରାୟ ୧୧ ଦିନ ଧରି ଏହା ଅନୁଷ୍ଠିତ ହେବ । ବିଶ୍ୱର ସର୍ବ ବୃହତ ମୁକ୍ତାକାଶ ରଙ୍ଗ ମଂଚରେ କଳା ପ୍ରଦର୍ଶନ କରିବେ କଳାକାର । କଂସଙ୍କ ଅଟ୍ଟହାସ୍ୟରେ କମ୍ପିବ ବରଗଡ଼ । ସେହିଭଳି ସବୁଥର ଭଳି ଏଥର ମଧ୍ୟ କଂସ ଚରିତ୍ର ପାଇଁ ହେବ କଳାକାର ଚୟନ କରାଯିବ ।

କେନ୍ଦ୍ରୀୟ ଆଦେଶକୁ ବେଖାତିର କରି ଯନ୍ତର ମନ୍ତରରେ ସିଜେପିର ପ୍ରତିବାଦ

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): କେନ୍ଦ୍ର ସରକାର ଦିଲ୍ଲୀର ଐତିହାସିକ ଯନ୍ତର ମନ୍ତରକୁ ବିକ୍ଷୋଭ ପ୍ରଦର୍ଶନ ସ୍ଥଳ ଭାବେ ରଦ୍ଦ କରିବାର ମାତ୍ର ଗୋଟିଏ ଦିନ ପରେ, ମଙ୍ଗଳବାର ସକାଳୁ କୋକ୍ରୋଚ୍ ଜନତା ପାର୍ଟି (ସିଜେପି) ର ସଦସ୍ୟମାନେ ସେଠାରେ ପହଂଚି ହଙ୍ଗାମା ସୃଷ୍ଟି କରିଛନ୍ତି । ଦଳର ନେତା ଆଶୁତୋଷ ରାଙ୍କା ଓ ସୌରଭ ଦାସଙ୍କ ନେତୃତ୍ୱରେ ଏହି ଅପ୍ରତ୍ୟାଶିତ ବିକ୍ଷୋଭ ହୋଇଥିବା ବେଳେ, ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଏହି ଗୋପନୀୟ ଆନ୍ଦୋଳନର ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି । ଭିଡିଓରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ହାତରେ ପତାକା ଧରି ଲୁହା ଗେଟ୍ ଏବଂ ପୁଲିସ ବ୍ୟାରିକେଡ୍ ଡେଇଁ ଯନ୍ତର ମନ୍ତର ପରିସରକୁ ପ୍ରବେଶ କରୁଥିବାର ଦେଖିବାକୁ ମିଳିଛି ।ଆନ୍ଦୋଳନକାରୀମାନେ 'ଭାରତ ମାତା କି ଜୟ' ଏବଂ 'ଇନକିଲାବ ଜିନ୍ଦାବାଦ' ନାରାବାଜି କରିବା ସହ ସେଠାରେ ମୁତୟନ ପୁଲିସ କର୍ମଚାରୀଙ୍କ ସହ ଧସ୍ତାଧସ୍ତି ହୋଇଥିଲେ । ପୁଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଅଟକାଇବାକୁ ଚେଷ୍ଟା କରିଥିଲା ଏବଂ ପରବର୍ତ୍ତୀ ସମୟରେ ସମସ୍ତ ବିକ୍ଷୋଭକାରୀଙ୍କୁ ଗିରଫ କରି ନିଆଯାଇଥିବା ଦୀପକେ ସୂଚନା ଦେଇଛନ୍ତି । କେନ୍ଦ୍ର ସରକାରଙ୍କ ଆଦେଶକୁ ସିଧାସଳଖ ଆହ୍ୱାନ ଦେଇ ଦୀପକେ ପୋଷ୍ଟ କରିଛନ୍ତି ଯେ, ଆପଣ ପ୍ରତିରୋଧର ସ୍ୱରକୁ ରୋକି କରିପାରିବେ ନାହିଁ । ଉଲ୍ଲେଖଯୋଗ୍ୟ ଯେ, ଅତି ସୁରକ୍ଷିତ କେନ୍ଦ୍ରୀୟ ଦିଲ୍ଲୀ ଅଂଚଳରେ ଅବସ୍ଥିତ ଯନ୍ତର ମନ୍ତର ଦୀର୍ଘ ଦିନରୁ ପ୍ରତିବାଦର ମୁଖ୍ୟ କେନ୍ଦ୍ର ପାଲଟିଥିବା ବେଳେ, ଏବେ ଏହାକୁ ବିକ୍ଷୋଭ ପାଇଁ ଆଉ ବ୍ୟବହାର କରାଯାଇପାରିବ ନାହିଁ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏକ କମିଟିର ସୁପାରିଶ ଆଧାରରେ ଜାତୀୟ ରାଜଧାନୀରେ ପ୍ରତିବାଦ ଏବଂ ଧାରଣା ପାଇଁ ତିନୋଟି ନୂତନ ସ୍ଥାନ ନିର୍ଦ୍ଧାରିତ କରାଯାଇଛି । ସେହି ନୂତନ ସ୍ଥାନଗୁଡ଼ିକ ହେଲା ରାମଲୀଳା ମଇଦାନ, ବୁରାଡି ମଇଦାନ ଏବଂ ପୂର୍ବ କିଦ୍ୱାଇ ନଗରରେ ସିଭିକ ମଇଦାନ ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଉଚ୍ଚ ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ବିଜେପି ସରକାର ପ୍ରତିବଦ୍ଧ : ଅନୀଲ ବିଶ୍ୱାଳ

ଭୁବନେଶ୍ୱର, ୧୩/୧୦ (ଆ.ପ୍ର) : କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ଦେଶରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି । ୨୦୧୪-୧୫ ମସିହା ପୂର୍ବରୁ ଦେଶରେ ୭୬୦ଟି ବିଶ୍ୱବିଦ୍ୟାଳୟ ଥିଲା । ଆଜି ସାରା ଭାରତରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ୧୨୮୯ରେ ପହଂଚିଛି । ମାତ୍ର ୧୨ ବର୍ଷ ଭିତରେ ପାଖାପାଖି ୭୦ ପ୍ରତିଶତ ବୃଦ୍ଧି ହୋଇଛି । ୨୦୧୩ରେ ଉଚ୍ଚଶିକ୍ଷା ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩ କୋଟି ୪୨ ଲକ୍ଷ ଥିଲା, ଆଜିର ଦିନରେ ତାହା ସାଢ଼େ ଚାରି କୋଟିରେ ପହଁଚିଛି । ମେଡିକାଲ କଲେଜରେ ବି ସମାନସ୍ଥିତି ରହିଛି । ୨୦୧୪ ପୂର୍ବରୁ ଏହି ସଂଖ୍ୟା ମାତ୍ର ୩୮୭ ଥିଲାବେଳେ ଏବେ ମେଡିକାଲ କଲେଜ ସଂଖ୍ୟା ଦେଶରେ ୮୪୬ ହୋଇଛି । ୨୦୧୪ ପୂର୍ବରୁ ଏମ୍‌ବିବିଏସ ସିଟ୍ ସଂଖ୍ୟା ୫୧,୩୪୮ ଥିଲା । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୀଙ୍କ ପଲିସି ଏବଂ ଉନ୍ନୟନମୂଳକ କାମ ଯୋଗୁ ମେଡିକାଲ ସିଟ୍ ସଂଖ୍ୟା ୧,୩୯,୮୬୪କୁ ବୃଦ୍ଧି ପାଇଛି । ୨୦୧୪ ପୂର୍ବରୁ ଦେଶରେ ମୋଟ ୩୮,୦୦୦ ଡିଗ୍ରୀ କଲେଜ ଥିଲାବେଳେ ଆଜି ସେହି ସଂଖ୍ୟା ୪୮,୦୦୦ରୁ ଅଧିକ ହୋଇଛି । ୨୦୧୩ ମସିହାରେ ଦେଶରେ ୧୬ଟି ଆଇଆଇଟି ଥିଲାବେଳେ ମାତ୍ର ୧୨ ବର୍ଷରେ ତାହା ବୃଦ୍ଧି ପାଇ ୨୩ରେ ପହଂଚିଛି । ପୂର୍ବରୁ ଆଇଆଇଟି ପଢୁଥିବା ଛାତ୍ରଛାତ୍ରୀ ସଂଖ୍ୟା ୬୫,୦୦୦ ଥିଲାବେଳେ ବର୍ତ୍ତମାନ ତାହା ବୃଦ୍ଧି ପାଇ ୧,୩୫,୦୦୦ ହୋଇଛି । ୨୦୧୪ ପୂର୍ବରୁ ଦେଶରେ ଆଇଆଇଏମ୍ ସଂଖ୍ୟା ଥିଲା ୧୩ ଯାହା ଏବେ ୨୧ ହୋଇଛି । ସେହିଭଳି ୨୦୧୪ ପୂର୍ବରୁ ଦେଶରେ ଏମ୍ସ ସଂଖ୍ୟା ଥିଲା ୭ ଯାହା ଏବେ ବୃଦ୍ଧି ପାଇ ୨୦ରେ ପହଂଚିଛି । ମାତ୍ର ୧୨ ବର୍ଷ ଭିତରେ ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷା ଅନୁଷ୍ଠାନ, ମେଡିକାଲ ସିଟ୍ ସଂଖ୍ୟା, ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ପଢୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ସବୁଥିରେ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରମାଣିତ କରୁଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦେଶର ସୁବଦର୍ଶୀ ଛାତ୍ରଛାତ୍ରୀ, ଜେନଜିଙ୍କ ଭବିଷ୍ୟତ ପାଇଁ ପ୍ରତିବଦ୍ଧ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି । ୨୦୧୪ ପୂର୍ବରୁ ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକାରେ ଦେଶର ମାତ୍ର ୧୧ଟି ଶିକ୍ଷାନୁଷ୍ଠାନ ଆସୁଥିଲା, ଯାହା ଆଜିର ଦିନରେ ବୃଦ୍ଧି ପାଇ ୫୬ଟି ପ୍ରତିଷ୍ଠାନକୁ ମିଳିଛି । ଏହା ଦର୍ଶାଉଛି ଯେ, ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ୧୨ ବର୍ଷରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଭାରତବର୍ଷର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି । ଯେଉଁ ବିରୋଧୀ ଦଳମାନେ ଆଜି ପ୍ରଶ୍ନ କରୁଛନ୍ତି ଯେ, ଦେଶର ଶିକ୍ଷା କ୍ଷେତ୍ରରେ କ'ଣ ପରିବର୍ତ୍ତନ ଆସିଛି ସେମାନେ ଏହି ପରିସଂଖ୍ୟାନ ଦେଖନ୍ତୁ । ପରେ ହୁଏତ ଉତ୍ତର ପାଇଯିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର ସମୟରେ ଆରମ୍ଭ ହୋଇଥିବା କେଜିରୁ ପିଜି ମାଗଣା ଶିକ୍ଷାଦାନ ଯୋଜନା ଏକ ଐତିହାସିକ ଯୋଜନା । ସେହିଭଳି ୧୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି, ଉଚ୍ଚ ଶିକ୍ଷାରେ ଅଧ୍ୟାପକ ନିଯୁକ୍ତି, ପିଏମ୍ ଉଷା ଏବଂ ରାଜ୍ୟ ସରକାରଙ୍କ ଯୋଜନାରେ ରାଜ୍ୟର ବିଶ୍ୱ ବିଦ୍ୟାଳୟମାନଙ୍କୁ ୬୭୭ କୋଟି ଟଙ୍କାର ଆର୍ଥିକ ଅନୁଦାନ, ଜ୍ଞାନଦୋୟ ଯୋଜନାରେ ୫ ବର୍ଷ ପାଇଁ ୫୪୦୩ କୋଟିର ବ୍ୟୟ ବରାଦ ପ୍ରଥମ ଥର ପାଇଁ ସିଙ୍ଗାପୁରର ଗ୍ଲୋବାଲ ଫାଇନାନ୍ସିଆଲ ନେଟୱାର୍କର ସହଭାଗିତାରେ ଫିନଟେକ୍ ଶିକ୍ଷାର ପ୍ରଚଳନ ଭଳି ଯୁଗାନ୍ତକାରୀ ନିଷ୍ପତି ବିଜେପି ସରକାର ନେଇଛି, ଯାହା ଆଗାମୀ ଦିନରେ ଓଡ଼ିଶାର ଉଚ୍ଚ ଶିକ୍ଷାକୁ ଆହୁରି ସମୃଦ୍ଧ କରିବ । ଓଡ଼ିଶାରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଇକୋସିଷ୍ଟମର ବିକାଶ, ସେମିକଣ୍ଡକ୍ଟର ଇକୋସିଷ୍ଟମର ପ୍ରତିଷ୍ଠା, ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ନେଇ ସରକାରୀ କଲେଜମାନଙ୍କରେ ଶିକ୍ଷା ବ୍ୟବସ୍ଥାରେ ଏଆଇ, ସ୍ମାର୍ଟ ଏଜୁକେଶନକୁ ପ୍ରଚଳନ କରିବା କ୍ଷେତ୍ରରେ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି । ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜକ ସୁଜାତା ପାଢ଼ୀ କହିଛନ୍ତି ଯେ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ସରକାର ସବୁବେଳେ ଭବିଷ୍ୟତକୁ ଆଖି ଆଗରେ ରଖି ଶିକ୍ଷା ବ୍ୟବସ୍ଥା ନିର୍ମାଣ କରୁଛନ୍ତି । ଜାତୀୟ ଶିକ୍ଷା ନୀତିକୁ ସଠିକ ଢଙ୍ଗରେ ଲାଗୁ କରିବା ସହ ଉଚ୍ଚ ଶିକ୍ଷାରେ ପାରମ୍ପରିକ ଶିକ୍ଷାରୁ ଆଗକୁ ବଢି ବୈଷୟିକ ଶିକ୍ଷା ମଧ୍ୟ କିପରି ସମସ୍ତଙ୍କୁ ମିଳୁ ସେନେଇ ଚିନ୍ତା କରୁଛନ୍ତି । ବିଜେପି ସରକାର ଅମଳରେ ସିନେଟ୍ ବ୍ୟବସ୍ଥା, ବିଭିନ୍ନ ଜିଲ୍ଲାରେ ଗ୍ରୀନଫିଲ୍ଡ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ବିଶ୍ୱବିଦ୍ୟାଳୟର ବିକେନ୍ଦ୍ରିକରଣ ପାଇଁ ପଦକ୍ଷେପ ନିଆଯାଇଛି । ଏଥିସହ ଶିକ୍ଷା, ଭିତିଭୂମି ଓ ଆଧୁନିକୀକରଣ ପାଇଁ ସରକାରୀ ଅନୁଦାନକୁ ୫୦ କୋଟି ଏବଂ ଲାବୋରେଟୋରୀ ଗ୍ରାଂଟ ପାଇଁ ୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସ୍ମାର୍ଟ କ୍ଲାସ ରୁମ୍, ଡିଜିଟାଲ ଶିକ୍ଷା, ଗବେଷଣା, ଉଦ୍ଭାବନ, ରିସର୍ଚ୍ଚ ଫେଲୋସିପ୍, ସେମିକଣ୍ଡକ୍ଟର, ଭବିଷ୍ୟତ ଟେକ୍ନୋଲୋଜି ଓ ରିସର୍ଚ୍ଚ ଆଦିକୁ ଗୁରୁତ୍ୱ ଦିଆଯାଉଛି । ପୂର୍ବରୁ ଗ୍ରାମାଂଚଳ ଓ ସହରାଂଚଳରେ ଛାତ୍ରୀ ନିବାସ ଅଭାବରୁ ଅନେକ ମେଧାବୀ ଛାତ୍ରୀ ମେଧାବୃତି ପାଉନଥିବାରୁ ବଂଚିତ ହେଉଥିଲେ । ମାତ୍ର ବିଜେପି ସରକାର ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଇ-ମେଧାବୃତି, ଗୋପବନ୍ଧୁ ଶିକ୍ଷା ସହାୟତା, ବ୍ୟାସକବି ଫକୀର ମୋହନ ମେଧାବୃତି ଭଳି ଯୋଜନା କରିଛି । ଯୁକ୍ତ ୨ ପରେ ମେଧାବୃତି ଛାତ୍ରଛାତ୍ରୀଙ୍କ ପାଇଁ ଗୋଦାବରିଶ ପ୍ରୋତ୍ସାହନ ଯୋଜନାରେ ଲ୍ୟାପଟପ୍ ପାଇଁ ସହାୟତା ଦିଆଯାଉଛି । ମହିଳା ଓ ଛାତ୍ରୀମାନଙ୍କ ପାଇଁ ଉଚ୍ଚଶିକ୍ଷା ଦୃଷ୍ଟିରୁ ଗ୍ରାମାଂଚଳ ଓ ସହରାଂଚଳରେ ଛାତ୍ରୀ ନିବାସ ନିର୍ମାଣ, ମେଧାବୀ, ଆର୍ଥିକ ଅନଗ୍ରସର, ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶରେ ଉଚ୍ଚ ଶିକ୍ଷା, ମେଧାବୃତି, ପ୍ରଶାସନିକ ସେବା ପାଇଁ କୋଚିଂ ଭଳି ପଦକ୍ଷେପ ନିଆଯାଉଛି । କେବଳ ଡିଗ୍ରୀ ପ୍ରଦାନ ନୁହେଁ ବରଂ ଶିକ୍ଷା ସହ ଦକ୍ଷତା, ଗବେଷଣା ଓ ନିଯୁକ୍ତି ସୁଯୋଗକୁ ଯୋଡି ଓଡ଼ିଶାର ଯୁବପିଢ଼ୀ ପାଇଁ ଭବିଷ୍ୟତ ନିର୍ମିତ କରାଯାଉଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

ଛାତ୍ର ସଂସଦ ନିର୍ବାଚନ ବିସିଜେଡି ପ୍ରାର୍ଥୀ ଆଗରେ : ଚିନ୍ତାରେ ଶାସକ ଦଳ

ଧାମନଗର, ୧୩/୧୦ (ଆ.ପ୍ର) : ଧାମନଗର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିସିଜେଡି ଓ ଏବିଭିପି ମଧ୍ୟରେ ସିଧାସଳଖ ଲଢ଼େଇ ହେବା ଜସ୍ପଷ୍ଟ ହୋଇଛି । ଚଳିତ ମାସ ୯ ତାରିଖରେ ଉଭୟ ଛାତ୍ର ସଙ୍ଗଠନ ପକ୍ଷରୁ ପୃଥକ ପୃଥକ ଭାବେ ପଟୁଆରରେ ଯାଇ ନାମାଙ୍କନ ଦାଖଲ କରିଥିଲେ । ୧୦ ତାରିଖରେ ପ୍ରାର୍ଥୀ ପତ୍ର ପ୍ରତ୍ୟାହାର କାର୍ଯ୍ୟ ଶେଷ ହୋଇଥିବା ବେଳେ ଏବେ ଧାମନଗରରେ ଜୋରଦାର ପ୍ରଚାର ଆରମ୍ଭ ହୋଇଛି । ମତଦାନରେ ବିସିଜେଡି ପ୍ରାର୍ଥୀ ଆଗରେ ଥିବା ସୂଚନା ମିଳିଥିବା ବେଳେ ଚିନ୍ତାରେ ଶାସକ ଦଳ । ତେବେ ଚଳିତ ମାସ ୧୫ ତାରିଖରେ ଭୋଟ ଗ୍ରହଣ ହେବ । ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ବେହେରାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବାବେଳେ ନିର୍ବାଚନ ଅଧିକାରୀ ସରୋଜ ପଣ୍ଡାଙ୍କ ସମେତ ପ୍ରଶାନ୍ତ ପରିଡ଼ା, ଆଶୀର୍ବାଦ ମହାନ୍ତି, ଚିନ୍ମୟୀ ଜେନା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଅଛନ୍ତି । ଧାମନଗର ବିଜ୍ଞାପିତ ଅଂଚଳରେ ବିସିଜେଡି ପ୍ରାର୍ଥୀ ସଭାପତି ସ୍ମୃତିରେଖା ବେହେରା, କଳ୍ପନା ସାହୁ ସାଧାରଣ ସମ୍ପାଦକ ଓ ଅନ୍ୟ ପ୍ରାର୍ଥୀମାନେ ପ୍ରଚାର ଜୋରଦାର କରିଥିବା ବେଳେ ଛାତ୍ର ଓ ଛାତ୍ରୀମାନଙ୍କୁ ଘରକୁ ଯାଇ ତାଙ୍କୁ ଭେଟି ଭୋଟ ଭିକ୍ଷା କରିଛନ୍ତି । ଏହି ପ୍ରଚାର କାର୍ଯ୍ୟକ୍ରମରେ ଧାମନଗର ପଂଚାୟତ ସମିତି ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ, ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼, ସୁଦୀପ୍ତ ଖଟୁଆ, ସମିତି ସଭ୍ୟ ତଥା ବିଜୁ ଛାତ୍ର ଜନତା ଦଳର ବ୍ଲକ ସଭାପତି ଭାରତ ବିଜୟ ଦଳାଇ, ସାଧାରଣ ସମ୍ପାଦକ ପ୍ରକାଶ ବେହେରା, ନଗର ବିଜେଡି ସଭାପତି ବିଜୟ କେତେ ସାହୁ, କାଉନସିଲର ଏମଡି ଜୟନୁଲ ହକ୍, ବିଜେଡି ନେତା ଅମର ଜ୍ୟୋତି ଜେନା, କୁମାରେଶ ଖିଲାର, ସେକ ବାଟୋ, ସେକ ଆବବାସ ଅଲ୍ଲୀ, ତୃଷାରକାନ୍ତ ମହାପାତ୍ର, ଏମଡି ଇଜହାର, ରମେଶ ଚନ୍ଦ୍ର ଜେନା, ସେକ ସଲାଉଦ୍ଦିନ, ମୀର ମୂର୍ତ୍ତୁଜା, ଏମଡି ଫକିରୁଦ୍ଦିନ, ଓମପ୍ରକାଶ ଜେନା, ସଂଗ୍ରାମ ଜେନାଙ୍କ ସମେତ ଯୁବ ନେତୃତ୍ୱ ଉକ୍ତ ପ୍ରଚାରରେ ସାମିଲ ହୋଇଥିଲେ ।

ସୁରଭି ମଂଚରେ ଝଲସିଲା ଛାତ୍ରଛାତ୍ରୀଙ୍କ ପ୍ରତିଭା : ୪ଟି ବର୍ଗରେ ୩୬ ପ୍ରତିଯୋଗିତା ଆୟୋଜିତ

ବାଲିଗୁଡ଼ା, ୧୩/୧୦ (ଆ.ପ୍ର) : ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସୃଜନଶୀଳତାକୁ ଲୋକଲୋଚନକୁ ଆଣିବାର ଏକ ଅନନ୍ୟ ମଂଚ ପାଲଟିଛି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' । ବାଲିଗୁଡ଼ା ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟ ଓ ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାୟ ୨୫୦ ଛାତ୍ରଛାତ୍ରୀ ଯୋଗଦେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ବାଗ ମୁଖ୍ୟ ଅତିଥି ଏବଂ ସିଡିପିଓ ଇନ୍ଦିରା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଭଳି ମଂଚ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି ଓ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏହି ମହୋତ୍ସବରେ ଉପକନିଷ୍ଠ, କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ଏପରି ୪ଟି ବର୍ଗରେ ମୋଟ ୩୬ଟି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର ମୂଲ୍ୟାୟନ ପାଇଁ ୩୦ ଜଣ ବିଚାରକ ନିୟୋଜିତ ହୋଇଥିଲେ । ଛାତ୍ରଛାତ୍ରୀ ମାନେ ନିଜର ଦକ୍ଷତା ଓ ସୃଜନଶୀଳତା ପ୍ରଦର୍ଶନ କରିବା ସହ ପରସ୍ପରର ପ୍ରତିଭାକୁ ଜାଣିବାର ସୁଯୋଗ ପାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟାପକ ଡ. ମଧୁସୂଦନ ମହାପାତ୍ର ମୁଖ୍ୟ ଅତିଥି, ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟର ଅଧ୍ୟାପକ ହିମାଂଶୁ ଚରଣ ସାହୁ ମୁଖ୍ୟବକ୍ତା ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଲୋଚନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ ଶିକ୍ଷା ସହିତ ସାଂସ୍କୃତିକ ଓ ସୃଜନଶୀଳ କାର୍ଯ୍ୟକଳାପର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଉଦ୍‌ଯାପନୀ ସଭାରେ ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୟାନିଧି ମହାରଣା ସଭାପତିତ୍ୱ କରିଥିବା ବେଳେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ସୌଦାମିନୀ ସାହୁ ସଭା ପରିଚାଳନା କରିଥିଲେ । ମଦନ ମୋହନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅମୂଲ୍ୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସୁରଭି ମହୋତ୍ସବ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ କେବଳ ପ୍ରତିଯୋଗିତାର ସୁଯୋଗ ମିଳିନଥିଲା, ବରଂ ନିଜ ଦକ୍ଷତାକୁ ଚିହ୍ନିବା ଓ ଆଗକୁ ବଢ଼ିବା ପାଇଁ ଏକ ଉତ୍ସାହଜନକ ପରିବେଶ ମଧ୍ୟ ସୃଷ୍ଟି ହୋଇଥିଲା ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୧୦୭ ତମ ଜନ୍ମ ଜୟନ୍ତୀ ପାଳିତ

ଦଶପଲ୍ଲା, ୧୩/୧୦ (ଆ.ପ୍ର) : ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଦଶପଲ୍ଲାର ନାଟ୍ୟକାର ରାମଚନ୍ଦ୍ର ସ୍ମୃତି ସଂସଦର ମିଳିତ ସହଯୋଗରେ ସ୍ଥାନୀୟ ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ନାଟ୍ୟକାରଙ୍କ ୧୦୭ ତମ ଜୟନ୍ତୀ ମହୋତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟକାର ରାମଚନ୍ଦ୍ର ସ୍ମୃତି ସଂସଦର ସଭାପତି ଆଡଭୋକେଟ୍ ସୁଶାନ୍ତ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସମାଲୋଚକ ଡଃ ଦିଲ୍ଲୀପ କୁମାର ନାୟକ ଏବଂ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ଭାଷାବିତ୍ ରବିନାରାୟଣ ପଣ୍ଡା ଯୋଗଦେଇ ନାଟ୍ୟକାରଙ୍କ ସୃଷ୍ଟି ଉପରେ ଆଲୋକପାତ କରିଥିଲେ । ତୃଣମୂଳ ସ୍ତରର ସାମାଜିକ ସମସ୍ୟା ତଥା ସଂସ୍କାରକୁ ନିଛକ ଭାବେ ସେ ନିଜ କଲମ ମୁନରେ ପ୍ରତିଫଳିତ କରିଥିଲେ ଏବଂ ତାଙ୍କର 'ମୁଲିଆ', 'ସାଇ ପଡ଼ିଶା', 'ପୁଆଣି ଘର', 'ଘର ସଂସାର', 'ଭାଇ ଭାଉଜ', 'ସେବିକା' ଆଦି ଅନେକ ନାଟକ ସର୍ବଦା କାଳଜୟୀ ହୋଇ ରହିବ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ । ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରଖ୍ୟାତ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଉତ୍କଳ ଜନନୀର ସାରସ୍ୱତ ବାଣୀ ଭଣ୍ଡାରକୁ ନିଜର କାଳଜୟୀ ସାମାଜିକ ନାଟକ ମାଧ୍ୟମରେ ଋଦ୍ଧିମନ୍ତ କରିଛନ୍ତି । ତାଙ୍କ ରଚିତ ନାଟକଗୁଡ଼ିକ ଓଡ଼ିଆ ଜନମାନସରେ ଚିରକାଳ ଅମର ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବିଶିଷ୍ଟ ନାଟ୍ୟକାର ପ୍ରଫେସର ନାରାୟଣ ସାହୁଙ୍କୁ ପ୍ରତିଷ୍ଠିତ 'ନାଟ୍ୟକାର ରାମଚନ୍ଦ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇ ଅଙ୍ଗବସ୍ତ୍ର ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା । ଅନୁରୂପ ଭାବେ ତାମିଲନାଡୁ ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗର ପ୍ରମୁଖ ସଚିବ ତଥା କମିଶନର ଡଃ ସତ୍ୟବ୍ରତ ସାହୁ ଏବଂ ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଜାନକୀବଲ୍ଲଭ ମହାପାତ୍ରଙ୍କୁ ସ୍ୱତନ୍ତ୍ର 'ନାଗରିକ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଡଭୋକେଟ୍ ଶରତ ଚନ୍ଦ୍ର ବେହେରା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋଲକ ବିହାରୀ ସୁନ୍ଦରା ବାର୍ଷିକ ବିବରଣୀ ପାଠ କରିଥିଲେ । କଣ୍ଠଶିଳ୍ପୀ ଶରତ କୁମାର ସାହୁ ଆବାହନୀ ସଙ୍ଗୀତ ଗାନ କରିଥିଲେ । ସନ୍ତୋଷ କୁମାର ସାହୁ ମଂଚ ସଂଚାଳନ କରିଥିବା ବେଳେ ସଂସଦର ସମ୍ପାଦକ ଆଡଭୋକେଟ୍ ଗୌରଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ତୁଳସୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଅନୁଷ୍ଠିତ

ନିମାପଡା, ୧୩/୧୦ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକତୁଳସୀପୁର ପଂଚାୟତର ତୁଳସୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬' ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ବିଷ୍ଣୁ ମୋହନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ତୁଳସୀପୁର ପଂଚାୟତ ସରପଂଚ ମଞ୍ଜୁ ଶ୍ରୀ ଭୋଇ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ ତୁଳସୀପୁର ପଂଚାୟତ ସମିତି ସଭ୍ୟା ଝରଣା ସାହୁ, ଅମରେଶ୍ୱର ନୋଡାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ସଙ୍ଗୀତା ଜେନା, ପ୍ରାଚୀ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତି, ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପୂର୍ଣ୍ଣେନ୍ଦୁ କର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମୁରଲୀଧର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅନାଦି ଚରଣ ନାୟକ, ରମେଶ କୁମାର ଦାଶ, ସମାଜସେବୀ ଅରକ୍ଷିତ ଭୋଇ, ପ୍ରକାଶ ଚନ୍ଦ୍ର ସାହୁ, ଶିକ୍ଷକ ସୁଶାନ୍ତ କୁମାର ଦାଶ, ରାମଚନ୍ଦ୍ର ଦାଶ ଏବଂ ତୋଫାନ କୁମାର ପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ତ୍ରିଲୋଚନ କର ମଂଚ ପରିଚାଳନା କରିଥିଲେ । ତୁଳସୀପୁର ଆଂଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସମସ୍ତ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀ ସହଯୋଗ କରିଥିଲେ । ଶିକ୍ଷା ବିତ ତ୍ରିଲୋଚନ କର ଏହାକୁ ପରିଚାଳନା କରିଥିଲେ ।

ଗଣିଆ କ୍ଲଷ୍ଟର୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ଗଣିଆ, ୧୩/୧୦ (ଆ.ପ୍ର) : ଗଣିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପରିସରରେ ଗଣିଆ ଆଂଚଳିକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ତଥା ବିଆରସିସି ବିନୋଦିନୀ ପଣ୍ଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରପଂଚ ଗିରିଧାରୀ ସେଠୀ, ପ୍ରଧାନଶିକ୍ଷୟିତ୍ରୀ ନିହାରବାଳା ରାଉତ, ସିଆରସିସି ରାଧାକାନ୍ତ ନାୟକ ପ୍ରମୁଖ ମଂଚାସୀନ ଥିଲେ । ସିଆରସିସି ସୁଶାନ୍ତ ରଣା, ଶୋଭନ କୁମାର ପଣ୍ଡା, କିଶୋର କୁମାର ପଣ୍ଡା ମଂଚ ପରିଚାଳନା କରିଥିଲେ । ସିଆରସିସି ଏହି କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ କରିବା ପାଇଁ ସରକାରଙ୍କ ଏହି ଅଭିମୁଖ୍ୟ ଅତ୍ୟନ୍ତ ଲୋକପ୍ରିୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଛାତ୍ର ଛାତ୍ରୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ବ୍ଲକ ତଥା ଓଡ଼ିଶାର ନାଁ ରଖିବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି ସେମାନେ ମତପୋଷଣ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଙ୍ଗୀତ,କୁଇଜ୍, ଡିବେଟ,ନୃତ୍ୟ,ଏକକ ନୃତ୍ୟ ପ୍ରତିଯୋଗିତା ହୋଇଥିବା ବେଳେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ବଂଟନ କରାଯାଇଥିଲା । କୃତି ପ୍ରତିଯୋଗୀ ମାନେ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

ଧାମନଗର ବ୍ଲକରୁ ୧୪ଜଣ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରାର ଶୁଭାରମ୍ଭ

ଧାମନଗର, ୧୩/୧୦ (ଆ.ପ୍ର) : ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଧାମନଗର ବ୍ଲକରୁ ୧୪ଜଣ ବରିଷ୍ଠ ନାଗରିକ ଓ ମହିଳା ମାନେ ଅଯୋଧ୍ୟା ଓ ବାରାଣାସି ଅଭିମୁଖେ ତୀର୍ଥ ଯାତ୍ରା ବ୍ଲକ ପରିସରରୁ ଆରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଧାମନଗର ପଂଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ସରପଂଚ ଅଶୋକ ପୁହାଣ, ମଧୁସୂଦନ ନାଥ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଶର୍ମିଷ୍ଠା ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଯଶୋଦା ସାହୁ ପ୍ରମୁଖ ଉପସ୍ଥିତ ରହି ବରିଷ୍ଠ ନାଗରିକ ଓ ଗୁରୁଜନମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ସୁସ୍ଥ, ସୁରକ୍ଷିତ ଓ ଆନନ୍ଦମୟ ଯାତ୍ରା କାମନା କରିଛନ୍ତି । ଏହି ୧୫ଦିନିଆ ତୀର୍ଥଯାତ୍ରା ଚଳିତ ମାସ ୧୧/୧୦/୨୬ରୁ ଆରମ୍ଭ ହୋଇଥିବା ବେଳେ ସେମାନେ ୨୬/୧୦/୨୬ ତାରିଖରେ ପ୍ରତ୍ୟାବର୍ତ୍ତନ କରିବାର ସୂଚନା ମିଳିଛି । ଓଡ଼ିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲା ବିଭିନ୍ନ ବ୍ଲକରୁ ମୋଟ ୧୧୭ଜଣଙ୍କୁ ନେଇ ଆୟୋଜିତ ତୀର୍ଥ ଯାତ୍ରାର ଶୁଭାରମ୍ଭ କରାଯାଇଛି । ଏହି ୧୫ଦିନିଆ ତୀର୍ଥଯାତ୍ରାରୁ ଫେରିଲା ପରେ ବାଲେଶ୍ୱରରୁ ବସ୍ ଯୋଗେ ଭଦ୍ରକ ଅଣାଯାଇ ସେମାନଙ୍କ ଘରେ ପହଂଚାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ସୁନାବେଡ଼ା ମହିଳା କଲେଜରେ ନିର୍ବାଚନକୁ ନେଇ ଟଣାଓଟରା, ପ୍ରଶାସନିକ ହସ୍ତକ୍ଷେପ ପରେ ନୂଆ ମୋଡ଼

କୋରାପୁଟ/ସୁନାବେଡ଼ା, ୧୩/୧୦ (ଆ.ପ୍ର) : କୋରାପୁଟ ଜିଲ୍ଲା ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ସଂସଦ ନିର୍ବାଚନକୁ କେନ୍ଦ୍ର କରି ଦେଖାଦେଇଛି ବିବାଦ । ନିର୍ବାଚନରେ ଭାଗ ନେବାକୁ ଇଚ୍ଛୁକ ଛାତ୍ରୀଙ୍କୁ ମାନସିକ ଚାପ ପ୍ରୟୋଗ ଓ ଧମକ ଦିଆଯାଉଥିବା ଅଭିଯୋଗ ପରେ ଘଟଣା ନୂଆ ମୋଡ଼ ନେଇଛି । ଏହି ବିବାଦ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ଦାଶ ନିର୍ବାଚନ କମିଟିରୁ ଓହରି ଯାଇଥିବା ଜଣାପଡ଼ିଛି । ତେବେ ଅଧ୍ୟକ୍ଷାଙ୍କୁ କମିଟିରୁ ବାଦ୍ ଦିଆଯାଇଥିବା ନେଇ ସାଂସଦଙ୍କ ପ୍ରତିନିଧି ଦାବି କରିଥିବା ବେଳେ ସେ ସ୍ୱେଚ୍ଛାକୃତ ଭାବେ ଓହରିଥିବା ଉପଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର ନିଜ ସହଯୋଗୀମାନଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ପାଇଁ ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟରେ ପହଂଚିଥିଲେ । ମାତ୍ର ସେହି ସମୟରେ ଅଧ୍ୟକ୍ଷା କାର୍ଯ୍ୟାଳୟରେ ଉପସ୍ଥିତ ନଥିବା ବେଳେ ଚାରିଜଣ ଅଧ୍ୟାପିକା ଉପସ୍ଥିତ ଥିଲେ । ପରେ ଶ୍ରୀ କର ସେମିଳିଗୁଡ଼ା ମହାବିଦ୍ୟାଳୟକୁ ଯାଇଥିବା ସମୟରେ ସୁନାବେଡ଼ା ଏସ୍‌ଡିପିଓ ସସ୍ମିତା ଜେନା ତାଙ୍କୁ ଫୋନ୍ ଯୋଗେ ଏସ୍‌ଡିପିଓ କାର୍ଯ୍ୟାଳୟକୁ ଡକାଇଥିଲେ । ଏହାପରେ ଏସ୍‌ଡିପିଓ କାର୍ଯ୍ୟାଳୟରେ କୋରାପୁଟ ଉପଜିଲ୍ଲାପାଳ ଫାବି ରଶିଦଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀ କର ଅଭିଯୋଗ କରିଥିଲେ ଯେ, ମହାବିଦ୍ୟାଳୟର ଛାତ୍ରୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗ୍ରହୀ ଥିଲେ ମଧ୍ୟ ଅଧ୍ୟକ୍ଷା ଉଷାରାଣୀ ଦାଶ ସେମାନଙ୍କୁ ବାରଣ କରିବା ସହ ଧମକ ଦେଉଛନ୍ତି । ଏପରି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଉପଜିଲ୍ଲାପାଳ ସମ୍ପୃକ୍ତ ଛାତ୍ରୀଙ୍କୁ ଡକାଇ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଉପଜିଲ୍ଲାପାଳଙ୍କ ସମ୍ମୁଖରେ ସମ୍ପୃକ୍ତ ଛାତ୍ରୀ ଅଭିଯୋଗ କରିଥିଲେ ଯେ, ଅଧ୍ୟକ୍ଷା ତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ବୋଲି କହିବା ସହ ଧମକ ଦେଉଛନ୍ତି । ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ହାସଲ କରିଥିବା ଛାତ୍ରୀମାନେ ହିଁ ନିର୍ବାଚନରେ ଭାଗ ନେଇପାରିବେ ବୋଲି ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ସେ ଦାବି କରିଥିଲେ । ନିଜ ପାଖରେ ଦୁଇଟି ପୁରସ୍କାର ଥିବା ସତ୍ତ୍ୱେ ତାଙ୍କୁ ନାମାଙ୍କନ ଦାଖଲ କରିବାର ସୁଯୋଗ ଦିଆଯାଉ ନଥିବା ମଧ୍ୟ ସେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷରେ, ଏହି ଘଟଣା ପରେ ମହାବିଦ୍ୟାଳୟର ଅଧ୍ୟକ୍ଷାଙ୍କୁ ନିର୍ବାଚନ କମିଟିରୁ ବାଦ୍ ଦିଆଯାଇଥିବା ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର କର ପ୍ରକାଶ କରିଛନ୍ତି । ତେବେ ଏ ସମ୍ପର୍କରେ କୋରାପୁଟ ଉପଜିଲ୍ଲାପାଳ ଫାବି ରଶିଦଙ୍କ ପ୍ରତିକ୍ରିୟା ଭିନ୍ନ ରହିଛି । ସେ କହିଛନ୍ତି ଯେ, ଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯାଉଛି । ଅଧ୍ୟକ୍ଷା ନିଜେ ନିର୍ବାଚନ କମିଟିରୁ ଓହରି ଯାଇଛନ୍ତି । ଛାତ୍ରୀମାନଙ୍କ ଗଣତାନ୍ତ୍ରିକ ଅଧିକାର ଓ ସେମାନଙ୍କ ଇଚ୍ଛାକୁ ପ୍ରାଥମିକତା ଦେଇ ନିୟମାନୁସାରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ । ତେବେ ନିର୍ବାଚନ ପ୍ରକ୍ରିୟାକୁ ନେଇ ଉଠିଥିବା ଅଭିଯୋଗ ଓ ପ୍ରଶାସନିକ ହସ୍ତକ୍ଷେପ ପରେ ମହାବିଦ୍ୟାଳୟରେ ନିର୍ବାଚନ କିଭଳି ପରିଚାଳିତ ହେବ, ତାହା ଉପରେ ନଜର ରହିଛି । ଛାତ୍ରୀମାନଙ୍କୁ ନିର୍ବାଚନରେ ସମାନ ସୁଯୋଗ ପ୍ରଦାନ ଏବଂ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଏବେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି । ଅଭିଯୋଗ ସମ୍ପର୍କରେ ଅଧ୍ୟକ୍ଷା ଉଷାରାଣୀ ଦାଶଙ୍କ ପ୍ରତିକ୍ରିୟା ମିଳିନଥିବାରୁ ତାଙ୍କ ପକ୍ଷ ସ୍ପଷ୍ଟ ହୋଇପାରିନାହିଁ ।

ଆରମ୍ଭ
SEITHO ARAMBHA

ବୁଧବାର, ୧୪ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ସୌରଶକ୍ତି କ୍ଷେତ୍ରରେ ଯୁବପିଢ଼ିଙ୍କୁ ଜୀବିକାର୍ଜନର ନୂଆ ପନ୍ଥା ଦେଖାଉଛି ଟିପିଏନ୍‌ଓଡିଏଲ୍

'ଗ୍ରୀନ୍ ଜବ୍ସ ପ୍ରଶିକ୍ଷଣ କାର୍ଯ୍ୟକ୍ରମ'ରେ ଉତୀର୍ଣ୍ଣ ହୋଇଥିବା ୧୨୦ଯୁବକଯୁବତୀଙ୍କୁ ପ୍ରମାଣପତ୍ର ପ୍ରଦାନ

ବାଲେଶ୍ୱର, ୧୩/୧୦ (ଆ.ପ୍ର) : ସୌରଶକ୍ତି କ୍ଷେତ୍ରରେ ବଢୁଥିବା ନିଯୁକ୍ତି ଓ ଜୀବିକା ସୁଯୋଗ ସହ ଗ୍ରାମୀଣ ଯୁବପିଢ଼ିଙ୍କୁ ଯୋଡ଼ିବା ପାଇଁ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଚାଲିଥିବା 'ଗ୍ରୀନ୍ ଜବ୍' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସମ୍ପନ୍ନ ହୋଇଛି । ଟାଟା ପାୱାର ସ୍କିଲ୍ ଡେଭଲପମେଂଟ ଇନ୍‌ଷ୍ଟିଚ୍ୟୁଟ (ଟିପିଏସ୍‌ଡିଆଇ) ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଶେଷ କରିଥିବା ୧୨୦ ଜଣଙ୍କୁ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରମାଣପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି । ସୌରଶକ୍ତି କ୍ଷେତ୍ରର ବିକାଶ ତଥା ପ୍ରୋତ୍ସାହନ ପାଇଁ ଦକ୍ଷ ଏବଂ କୌଶଳୀ କର୍ମୀ ସୃଷ୍ଟି ସହ ଗ୍ରାମୀଣ ଯୁବପିଢ଼ିଙ୍କ ନିଯୁକ୍ତି ସମ୍ଭାବନା ବଢ଼ାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଟିପିଏନ୍‌ଓଡିଏଲ୍‌ର ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଆଠଟି ବ୍ୟାଚ୍‌ରେ 'ସୋଲାର ସୁପରଭାଇଜର' ଏବଂ 'ସୋଲାର ହେଲ୍‌ପର/ଆସିଷ୍ଟାଂଟ ଟେକ୍ନିସିଆନ୍' ବୃତ୍ତି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ଶିଳ୍ପ କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶିକ୍ଷାର୍ଥୀମାନଙ୍କୁ ବ୍ୟବହାରିକ ଜ୍ଞାନ ଓ ବୈଷୟିକ କୌଶଳ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିବାବେଳେ ଉତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ଭାରତ ସରକାରଙ୍କ ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ (ଏମ୍‌ଏନ୍‌ଆର୍‌ଇ) ପକ୍ଷରୁ ଜାରି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ସମ୍ବର୍ଦ୍ଧନା ସମାରୋହରେ ଟିପିଏନ୍‌ଓଡିଏଲ୍‌ର ସିଇଓ ଦୁଷ୍ମନ୍ତ କୁମାର ତ୍ୟାଗୀ, ମୁଖ୍ୟ ପରିଚାଳନା ଅଧିକାରୀ ନୀଲେଶ ପୋଟଫୋଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ସୌରକରଣ ମୁଖ୍ୟ ଯନ୍ତ୍ରୀ ରାଜୀବ କୁମାର ନାୟକ ଏବଂ ସିଏସ୍‌ଆର୍ ମୁଖ୍ୟ ରଞ୍ଜନ ଶର୍ମା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅର୍ଜିତ ଜ୍ଞାନ ଏବଂ ଦକ୍ଷତାକୁ କାର୍ଯ୍ୟରେ ଲଗାଇ ନବୀକରଣୀୟ ଶକ୍ତି କ୍ଷେତ୍ରରେ ନିଜ ଭବିଷ୍ୟତ ଗଢ଼ିବାକୁ ବରିଷ୍ଠ ଅଧିକାରୀମାନେ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସିଇଓ ଦୁଷ୍ମନ୍ତ କୁମାର ତ୍ୟାଗୀ କହିଥିଲେ, "ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ସୃଷ୍ଟି ହେଉଥିବା ସୁଯୋଗର ଲାଭ ଗ୍ରାମୀଣ ଯୁବପିଢ଼ିଙ୍କ ନିକଟରେ ପହଂଚାଇବା ପାଇଁ ଉପଯୁକ୍ତ ଦକ୍ଷତାର ବିକାଶ ନିତାନ୍ତ ଜରୁରୀ । 'ଗ୍ରୀନ୍ ଜବ୍ ଓ ବୃତ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ମାଧ୍ୟମରେ ଯୁବପିଢ଼ିଙ୍କ ନିଯୁକ୍ତି ସମ୍ଭାବନା ବଢ଼ାଇବା ଏବଂ ସ୍ଥାୟୀ ଜୀବିକା ଗଢ଼ିବାରେ ସହାୟତା କରିବା ସଂସ୍ଥାର ମୂଳ ଲକ୍ଷ୍ୟ ।' ସାମାଜିକ ବିକାଶ ଏବଂ ସଶକ୍ତିକରଣ ନେଇ ଟିପିଏନ୍‌ଓଡିଏଲ୍ ପକ୍ଷରୁ ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ସେ କହିଥିଲେ । ଏହା ସହିତ ଟିପିଏନ୍‌ଓଡିଏଲ୍ ନିଜ ବିଦ୍ୟୁତ ସେବା ଅଂଚଳର ବାଲେଶ୍ୱର, ଯାଜପୁର, କେନ୍ଦୁଝର, କର୍ପ୍ତିପଦା, ବହଳଦା ଓ ତଡ଼େଇପାହାଡ଼ିରେ ଛଅଟି ବୃତିଗତ ପ୍ରଶିକ୍ଷଣ କେନ୍ଦ୍ର ପରିଚାଳନା କରୁଛି, ଯାହାଦ୍ୱାରା ଏଯାବତ ୪,୩୦୦ରୁ ଅଧିକ ବ୍ୟକ୍ତିବିଶେଷ ଦକ୍ଷତା ବିକାଶ ପ୍ରଶିକ୍ଷଣ ପାଇ ଲାଭାନ୍ୱିତ ହୋଇଛନ୍ତି । ପ୍ରଶିକ୍ଷଣ ପରେ ହିତାଧିକାରୀମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଥିବାବେଳେ ଅନ୍ୟମାନେ ସ୍ଥାନୀୟ ଅଂଚଳରେ ନିଜସ୍ୱ ଉଦ୍ୟୋଗ ଓ ବ୍ୟବସାୟ ଆରମ୍ଭ କରିଛନ୍ତି ।

OFFICE OF THE 13001/2158/2627
BARIPADA MUNICIPAL COUNCIL, BARIPADA
Phone:-06792-252703, Fax:-06792-252703, Email:-baripadam.hud@nic.in

No: 1468 /PW, Dated: 25.09.2026

SHORT TENDER CALL NOTICE

Bid Documents consisting of Work, Tender Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen from the Notice Board of Baripada Municipality and the prescribed short tender call notice can be seen and obtained from work section of Baripada Municipality during Office hour.

1.	Tender Reference No	: T.C.N. No. 05 of 2026-2027
2.	No. of works	: As per Tender Call Notice
3.	Estimated Cost	: As per Tender Call Notice
4.	Period of Completion	: As per Tender Call Notice
5.	Purchase of tender paper	: From Dt.29.09.2026 10.30 A.M. to 15.10.2026 ,1.00 P.M.
6.	Last date & time for receipt of tender paper (Hard copy)	: Dt. 15.10.2026 up to 1.00 P.M.
7.	Tender will be opened on	: Dt.15.10.2026 at 4.00 P.M. on wards
8.	Name and address of the Officer inviting tender	: Executive Officer, Baripada Municipality

OIPR - 13001/13078/1/26-27/0013

Executive Officer, Baripada Municipality

ବାଲେଶ୍ୱରର ପ୍ରାଚୀନ ଭିତିଚିତ୍ରର ସଂରକ୍ଷଣ ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ନେଲେ ପଦକ୍ଷେପ

ବାଲେଶ୍ୱର, ୧୩/୧୦ (ଆ.ପ୍ର) : ବାଲେଶ୍ୱର ଜିଲ୍ଲାର କଉଡ଼ିପୁର ଗ୍ରାମସ୍ଥିତ ପ୍ରାଚୀନ ବିଶ୍ୱେଶ୍ୱର ମହାଦେବ ମନ୍ଦିରରେ ଠାବ ହୋଇଥିବା ଦୁର୍ଲଭ ଭିତିଚିତ୍ରର ସଂରକ୍ଷଣ ଦିଗରେ ଆଶା ସଂଚାର ହୋଇଛି । ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଏକ ବିଶେଷଜ୍ଞ ଦଳ ମଙ୍ଗଳବାର ପୂର୍ବାହ୍ନରେ ମନ୍ଦିର ପରିଦର୍ଶନ କରି ଭିତିଚିତ୍ରଗୁଡ଼ିକର ପ୍ରାଥମିକ ସର୍ଭେ କରିବା ସହ ସଂରକ୍ଷଣର ଆବଶ୍ୟକତା ଅନୁଧ୍ୟାନ କରିଛନ୍ତି । ଗତ ୨୯ ତାରିଖରେ ଶିଳ୍ପୀ କେଶୁ ଦାସ ସଦର ବ୍ଲକ୍ ଅନ୍ତର୍ଗତ ଓଡ଼ଙ୍ଗୀ ପଂଚାୟତର କଉଡ଼ିପୁର ଗ୍ରାମର ବିଶ୍ୱେଶ୍ୱର ମନ୍ଦିରରେ ଏହି ପ୍ରାଚୀନ ଭିତିଚିତ୍ରଗୁଡ଼ିକୁ ଠାବ କରିଥିଲେ । ଏ ସମ୍ପର୍କରେ ଗଣମାଧ୍ୟମ, ବିଭାଗୀୟ ମନ୍ତ୍ରୀ, ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରାଯିବା ପରେ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧିକାରୀମାନେ ଏହାର ଅନୁଧ୍ୟାନ ପାଇଁ ଆସିଥିଲେ । ବିଶେଷଜ୍ଞ ଦଳରେ ରସାୟନବିତ୍ ପଂଚାନନ ମିଶ୍ର, ପ୍ରତ୍ନତତ୍ତ୍ୱବିତ୍ ଡ. ରୁଦ୍ର ପ୍ରସାଦ ବେହେରା ଓ ରସାୟନବିତ୍ ରଜତ ଯାଦବ ସାମିଲ ଥିଲେ । ସେମାନେ ମନ୍ଦିରରେ ଥିବା ପ୍ରତ୍ୟେକ ଭିତିଚିତ୍ରକୁ ନିରୀକ୍ଷଣ କରିବା ସହ ଫଟୋ ଉତୋଳନ କରିଥିଲେ । ଏଥିସହ ବିଭିନ୍ନ ଅଂଶର ମାପଚୁପ କରି ଆବଶ୍ୟକ ତଥ୍ୟ ଲିପିବଦ୍ଧ କରିଥିଲେ । ଏହି ଅବସରରେ ଦକ୍ଷ ଶିଳ୍ପୀ କେଶୁ ଦାସ, ଅରୁଣ ବାରିକ ଓ ଅଙ୍କିତ ଦାସଙ୍କ ସହ ଭିତିଚିତ୍ର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସ୍ଥାନୀୟ ଗ୍ରାମବାସୀ ତଥା ବୁଦ୍ଧିଜୀବୀ ସନାତନ ସେଠୀ, ରାଜକିଶୋର ଦାଶ, ରଞ୍ଜନ ସାମଲ ଓ ଆକାଶ ଦାସଙ୍କଠାରୁ ମଧ୍ୟ ମନ୍ଦିରର ଇତିହାସ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିଥିଲେ । ରସାୟନବିତ୍ ପଂଚାନନ ମିଶ୍ର କହିଥିଲେ ଯେ ପ୍ରାଥମିକ ସର୍ଭେରୁ ଏହା ଓଡ଼ିଶାର ଐତିହ୍ୟ ସମ୍ପନ୍ନ ପ୍ରାଚୀନ ଭିତିଚିତ୍ର ବୋଲି ଜଣାପଡ଼ୁଛି । ଏହାର ସଂରକ୍ଷଣ ଅତ୍ୟନ୍ତ ଜରୁରୀ । ଅନ୍ୟପକ୍ଷରେ, ପ୍ରତ୍ନତତ୍ତ୍ୱବିତ୍ ଡ. ରୁଦ୍ର ପ୍ରସାଦ ବେହେରା କହିଥିଲେ ଯେ ଏ ସମ୍ପର୍କରେ ଖୁବ୍‌ଶୀଘ୍ର କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରାଯିବ । ଉଚ୍ଚପଦସ୍ଥ ଅଧିକାରୀ ଓ ସରକାରଙ୍କ ନିଷ୍ପତି ଅନୁଯାୟୀ ସଂରକ୍ଷଣ ପାଇଁ ପରବର୍ତୀ ପଦକ୍ଷେପ ନିଆଯିବ । ରସାୟନବିତ୍ ରଜତ ଯାଦବ କହିଥିଲେ ଯେ ଭିତିଚିତ୍ରଗୁଡ଼ିକ ପ୍ରାଚୀନ ବୋଲି ଜଣାପଡୁଥିଲେ ମଧ୍ୟ ଏହାର ପ୍ରକୃତ ସମୟ ନିର୍ଣ୍ଣୟ କରିବା ପାଇଁ ଆହୁରି କିଛି ପରୀକ୍ଷା ଓ ଅଧ୍ୟୟନର ଆବଶ୍ୟକତା ରହିଛି । କଉଡ଼ିପୁରର ବିଶ୍ୱେଶ୍ୱର ମହାଦେବ ମନ୍ଦିର ପରିଦର୍ଶନ ପରେ ବିଶେଷଜ୍ଞ ଦଳ ବାଲେଶ୍ୱର ସହରର ପ୍ରାଚୀନ ଶ୍ୟାମସୁନ୍ଦର ଜୀଉ ମନ୍ଦିର ମଧ୍ୟ ପରିଦର୍ଶନ କରି ଭୁବନେଶ୍ୱର ଫେରିଯାଇଥିଲେ । ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ବଙ୍ଗୀୟ, ଉତ୍କଳୀୟ ଏବଂ ଉଭୟ ଶୈଳୀର ମିଶ୍ରଣରେ ନିର୍ମିତ ଅନେକ ପ୍ରାଚୀନ ମନ୍ଦିର ରହିଛି । ଏହି ମନ୍ଦିରଗୁଡ଼ିକର ସ୍ଥାପତ୍ୟ ଓ କାରୁକାର୍ଯ୍ୟ ଜିଲ୍ଲାର ସମୃଦ୍ଧ ଐତିହ୍ୟକୁ ପ୍ରତିଫଳିତ କରୁଥିବାବେଳେ କଉଡ଼ିପୁରର ଭିତିଚିତ୍ର ଆବିଷ୍କାର ଏହି ଐତିହ୍ୟର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସାମ୍ନାକୁ ଆଣିଛି ।

ବ୍ୟାସବିହାରରେ ଅକ୍ଟୋବର ୧୪ରୁ 'ଉନ୍ନରୁମ'

ନୀଳଗିରି, ୧୩/୧୦ (ଆ.ପ୍ର) : ଦେଶବିଦେଶର ବିବିଧ ଲୋକସଂସ୍କୃତି, କଳା ଓ ସାହିତ୍ୟକୁ ଗୋଟିଏ ମଂଚରେ ଏକତ୍ର କରିବା ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେବ ତିନିଦିନିଆ ଆନ୍ତର୍ଜାତିକ ସାଂସ୍କୃତିକ ମହୋତ୍ସବ 'ଉନ୍ନରୁମ' । ଏହାର ଚତୁର୍ଥ ସଂସ୍କରଣ ଅକ୍ଟୋବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟର ନୂଆପାଢ଼ାସ୍ଥିତ ବ୍ୟାସବିହାର ପରିସରରେ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ଚାରିଟି ଦେଶର କଳାକାରଙ୍କ ସମେତ ଓଡ଼ିଶା ଓ ଦେଶର ସାତଟି ରାଜ୍ୟର କଳାକାର ଯୋଗଦେଇ ନିଜ ନିଜ ଅଂଚଳର ସମୃଦ୍ଧ ପରମ୍ପରା ଓ ସାଂସ୍କୃତିକ ବିବିଧତାକୁ ଉପସ୍ଥାପନ କରିବେ । ମହୋତ୍ସବର ପ୍ରଥମ ଦିନରେ ଉଦ୍‌ଘାଟନୀ ସଭା ସହ ଚାରିଟି କର୍ମଶାଳା ଆରମ୍ଭ ହେବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାରମ୍ପରିକ ଝୋଟିଚିତା ପ୍ରତିଯୋଗିତା ସହ ହସ୍ତଶିଳ୍ପ, ପୁସ୍ତକ, ଚିତ୍ରକଳା ଓ ଲୋକକଳା ପ୍ରଦର୍ଶନୀ ଆୟୋଜିତ ହେବ । ଏଥିସହ ପିଠାଘର ଓ ବାଲେଶ୍ୱରୀ ପାନର ଆସର ଦର୍ଶକଙ୍କୁ ଆଂଚଳିକ ଖାଦ୍ୟ ପରମ୍ପରା ସହ ପରିଚିତ କରାଇବ । ନୂତନ ପୁସ୍ତକ ଉନ୍ମୋଚନ ସହ ସନ୍ଧ୍ୟାରେ ଲୋକସଙ୍ଗୀତ, ସମ୍ବଲପୁରୀ ନୃତ୍ୟ, ଝୁମର, ଶ୍ରୀଲଙ୍କାର ଲୋକନୃତ୍ୟ, ବୋଡ଼ୋ ନୃତ୍ୟ, ରବୀନ୍ଦ୍ରନୃତ୍ୟ, ଭିଲ ଜନଜାତିର ନୃତ୍ୟ ଓ ମୂକାଭିନୟ ପରିବେଷିତ ହେବ । ଦ୍ୱିତୀୟ ଦିନରେ ଜନଜାତିଙ୍କ ଜୀବନ, ପରମ୍ପରା ଓ ସଂସ୍କୃତିକୁ ନେଇ କବିତା ପାଠୋତ୍ସବ ଆୟୋଜିତ ହେବ । ଲୋକସଂସ୍କୃତିର ଅତୀତ ଓ ବର୍ତମାନକୁ ନେଇ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବ । ସନ୍ଧ୍ୟାରେ ଓଡ଼ିଶୀ, ଗରବା, ସାନ୍ତାଳୀ, ଛଉ, ମୁଣ୍ଡାରୀ ଓ ଅହମୀୟା ନୃତ୍ୟ ସହ ରବୀନ୍ଦ୍ରସଙ୍ଗୀତ ଓ ଅନ୍ୟାନ୍ୟ ସାଂସ୍କୃତିକ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବ । ତୃତୀୟ ତଥା ଶେଷ ଦିନରେ ଓଡ଼ିଶାର ଲୋକକାହାଣୀକୁ ନେଇ ସ୍ୱତନ୍ତ୍ର କାହାଣୀ ଉତ୍ସବ ଆୟୋଜିତ ହେବ । ସନ୍ଧ୍ୟାରେ ଆସାମର ବିହୁ ନୃତ୍ୟ, ନାଗାଲାଣ୍ଡ ଓ ମେଘାଳୟର ଲୋକନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଯୋଡ଼ିଶଙ୍ଖ ଓ ମୂକାଭିନୟ ପରିବେଷିତ ହେବ । ଚଳିତ ସଂସ୍କରଣରେ 'ଇଙ୍ଗଳ'କୁ ମହୋତ୍ସବର ପ୍ରମୁଖ ପ୍ରତୀକ ଭାବେ ଗ୍ରହଣ କରାଯାଇଛି । କୃଷି, ମାଟି ଓ ଲୋକଜୀବନ ସହ ଏହାର ନିବିଡ଼ ସମ୍ପର୍କ ଲୋକପରମ୍ପରାର ମହତ୍ତ୍ୱକୁ ପ୍ରତିଫଳିତ କରିଛି । ଏହି ମହୋତ୍ସବରେ ୟୁରୋପର ଜିଦ୍ରିଜା ଜାନୁସେଭ୍, ଶ୍ରୀଲଙ୍କାର ଚାନ୍ଦିନୀ କସ୍ତୁରୀ ଆରାଚି, ନେପାଳର ଦୀପେନ୍ଦ୍ର ମାନ୍ ବରେପାଲି ଓ ଗଣେଶ ଲାମା ଏବଂ ବଂଗଳାଦେଶର ଗୌତମ ଚନ୍ଦ୍ର ବର୍ମନ ଓ ପ୍ରିୟଙ୍କା ଦାସ ପ୍ରମୁଖ ଯୋଗଦେବେ । ଆମନ୍ତ୍ରିତ ଅତିଥି ଡାଏନା ମହାପାତ୍ରଙ୍କ ନେତୃତ୍ୱରେ ଲୋକକଳାଭିତିକ ପ୍ରଦର୍ଶନୀ ଆୟୋଜିତ ହେବ । ଏଥିରେ ଆସାମର କଳାକାର ବର୍ଷାଳୀ ଡେକା ମଧ୍ୟ ଯୋଗଦେବେ । ବିଶ୍ୱବିଦ୍ୟାଳୟର କୁଳପତି ତଥା ମହୋତ୍ସବର ମୁଖ୍ୟ ଉପଦେଷ୍ଟା ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ମହୋତ୍ସବ ମାଧ୍ୟମରେ ଲୋକସଂସ୍କୃତିର ସଂରକ୍ଷଣ, ପ୍ରଚାର ଓ ବିଭିନ୍ନ ସଂସ୍କୃତି ମଧ୍ୟରେ ଭାବ ବିନିମୟର ସୁଯୋଗ ସୃଷ୍ଟି ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି । ସେ ଏହି ତିନିଦିନିଆ ମହୋତ୍ସବରେ ଯୋଗଦେଇ ଏହାର ସ୍ୱତନ୍ତ୍ରତାକୁ ଅନୁଭବ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି । ମହୋତ୍ସବର ଉପଦେଷ୍ଟା ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ଓ ଆବାହକ ପ୍ରଫେସର ଦେବାଶିଷ ପାତ୍ର ଏହି ମହୋତ୍ସବକୁ ସଫଳ କରିବାରେ ଛାତ୍ରଛାତ୍ରୀ, ଅଧ୍ୟାପକ, କଳାକାର ଓ ସଂସ୍କୃତିପ୍ରେମୀଙ୍କ ସକ୍ରିୟ ସହଯୋଗ ମିଳିବ ବୋଲି ଆଶା ପ୍ରକାଶ କରିଛନ୍ତି ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଇଟାଭାଟି ଭଙ୍ଗାକୁ ସିପିଆଇଏମର ନିନ୍ଦା

ନୀଳଗିରି, ୧୩/୧୦ (ଆ.ପ୍ର) : ନୀଳଗିରି ଉପଖଣ୍ଡ ରେ ଖଣି ଖାଦାନ ଇକୋ ସେନ୍‌ସିଟିଭ ଜୋନ୍ ନାମ ରେ ବନ୍ଦ କରି ଦିଆ ଯାଇଛି । ଯାହା ଦ୍ୱାରା କି ନୀଳଗିରି ଉପଖଣ୍ଡ ରେ ଲୋକେ କର୍ମସଂସ୍ଥାନ ହରାଇ ଦାଦନ ଶ୍ରମିକ ହୋଇ ରାଜ୍ୟ ବାହାରକୁ ନିଜର ଗୁଜୁରାଣ ମେଂଟାଇବା ପାଇଁ ଯାଉଛନ୍ତି । ନୀଳଗିରିରୁ ବଉଳ ଗଡ଼ିଆ ରାସ୍ତା ପାର୍ଶ୍ୱ ରେ କିଛି ଇଟା ଭାଟିରେ ଲୋକେ କାମ କରି ପରିବାର ପ୍ରତି ପୋଷଣ କରୁଥିଲେ । କିନ୍ତୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଇକୋ ସେନ୍‌ସିଟିଭ ଜୋନ୍ ନାମରେ ଭାଙ୍ଗି ଦିଆଯାଉଛି । ଏହାକୁ ପ୍ରତିବାଦ କରିବାରୁ ପ୍ରଶାସନ ତରଫରୁ ବେଆଇନ ଭାବେ କିଛି ନେତୃତ୍ୱଙ୍କ ସହ ସାଧାରଣ ମହିଳାଙ୍କୁ ଗିରଫ୍ କରାଯାଇଛି । ଏହାକୁ ସି ପି ଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ନିନ୍ଦା କରିଛନ୍ତି । ବର୍ତମାନ ସୁଦ୍ଧା କୁଲଡିହା ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ଉପରେ ମାନ୍ୟବର ଉଚ୍ଚନ୍ୟାୟାଳୟ ଓଡିଶାଙ୍କ ପାଖରେ ମକଦ୍ଦମା ବିଚାରାଧୀନ ରହି ଥିବା ସ୍ଥଳେ ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟକୁ ସି ପି ଆଇ (ଏମ)ନୀଳଗିରି ଆଂଚଳିକ କମିଟି ତରଫରୁ ନିନ୍ଦା କରାଯାଇଛି ।

ମଧୁପୁରା ସେବା ସମବାୟ ସମିତିରେ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ

ବାଲିଆପାଳ, ୧୩/୧୦ (ଆ.ପ୍ର) : ଆଜି ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ସେବା ସମବାୟ ସମିତି ପକ୍ଷରୁ ଖଗଡାପାଳ ମହାଦେବ ମନ୍ଦିର ପ୍ରାଙ୍ଗଣରେ ସେବା ସଂକଳ୍ପ ଅଭିଯାନରେ ବିକଶିତ ଓଡିଶା ବିକଶିତ ଭାରତ କାର୍ଯ୍ୟକ୍ରମ ଜରିଆରେ ରଙ୍ଗୋଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପ ସହକାରୀ ନିର୍ଦ୍ଦେଶକ ସମବାୟ ସମିତି ସମୂହର ଜିଲ୍ଲା ନୋଡାଲ ଅଫିସର କାହ୍ନୁଚରଣ ସାହୁ, ଜିଲ୍ଲା ହସ୍ତତନ୍ତ ବୟନ ତତ୍ତ୍ୱାବଧାରକ ପ୍ରୀତମ କୁମାର ସାହୁ, ଜିଲ୍ଲା ହସ୍ତଶିଳ୍ପ ବିକାଶ ଅଧିକାରୀ ସୁଭମ ଶତପଥି, ଅଭିମନ୍ୟୁ ସିଂ, ମଧୁପୁରା ସେବା ସମବାୟ ସମିତିର ସଭାପତି ପୂର୍ବତନ ସରପଂଚ ମୁରଲୀ ମୋହନ ସାହୁ , ଅନ୍ୟ ମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ ବିଭିନ୍ନ ସମବାୟ ସମିତିରୁ ଆସିଥିବା ସମ୍ପାଦକ ମନୋଜ କୁମାର ରାଉତ, ରାମଚନ୍ଦ୍ର କର, ଭରତ ପାତ୍ର, କୁଞ୍ଜବିହାରୀ ବେହେରା, ଦିଲ୍ଲିପ କୁମାର କର, ଦୀପକ ଦେ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ । ମଧୁପୁରା ସମିତିର ସଦସ୍ୟ ଅଶୋକ କୁମାର ବାଗ, ଗୋପିନାଥ ମାହାନା, ପଦ୍ମଲୋଚନ ରାଉତ,ପ୍ରମୋଦ ବାରିକ,ଅନନ୍ତ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପୋଲିସ ପ୍ରଶାସନ ପକ୍ଷରୁ ବୟସ୍କ ବ୍ୟକ୍ତିଙ୍କୁ ପରିଚୟ ପତ୍ର ବଂଟନ

ସିମୁଳିଆ, ୧୩/୧୦ (ଆ.ପ୍ର) : ସିମୁଳିଆ ପୋଲିସ ପ୍ରଶାସନ ପକ୍ଷରୁ ସିମୁଳିଆ ବ୍ଲକରେ ବୟସ୍କ ବ୍ୟକ୍ତିଙ୍କୁ ପରିଚୟ ପତ୍ର ବଂଟନ କରାଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକର ୧୮ଟି ପଂଚାୟତର ବୟସ୍କ ନାଗରିକ କଲ୍ୟାଣ ପରିଷଦର ୧୨୨ଜଣ ବରିଷ୍ଠଙ୍କୁ ସିମୁଳିଆ ବ୍ଲକ ପରିସରରେ ସିମୁଳିଆ ପୋଲିସ ପକ୍ଷରୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଛି । ଆଜି ସିମୁଳିଆ ବ୍ଲକ ସମ୍ମିଳନୀ କକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ଏକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ବୟସ୍କ କଲ୍ୟାଣ ପରିଷଦର ସଭାପତି ପଦ୍ମଲୋଚନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଚାବାକୀ ଚରଣ ମଲ୍ଲିକ ଯୋଗଦେଇ ସଭା କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଏବିଡ଼ିଓ ଶୁଚିସ୍ମିତା ନାୟକ, ବରିଷ୍ଠ ନାଗରିକ କଲ୍ୟାଣ ପରିଷଦର ସମ୍ପାଦକ ବୀରେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ବରିଷ୍ଠଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନା ଯୋଗଦେଇ ବୟସ୍କ ବ୍ୟକ୍ତି ବିଶେଷ ଥାନାରେ ଆବଶ୍ୟକ ପଡ଼ିରେ ସେମାନେ ପରିଚୟ ଦେଲେ ସେମାନଙ୍କୁ ଆଗ୍ରାଧିକାର ସାହାଯ୍ୟ ଦେବାକୁ ପରାମର୍ଶ ଦେବା ସହ ଦେହ ଅସୁସ୍ଥ ହେଲେ ୧୦୮ ଆମ୍ବୁଲାନ୍ସ ଆଣିବାରେ ବିଳମ୍ବ କଲେ ବ୍ୟକ୍ତିଗତ ଫୋନରେ କଲ କଲେ ଥାନା ପକ୍ଷରୁ ସେମାନଙ୍କୁ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣି ପହଂଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ସହ ସମ୍ପାଦକ ଶିବ ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ସଦସ୍ୟ ସର୍ବଶ୍ରୀ କମଳା କାନ୍ତ ନାୟକ, ଉପଦେଷ୍ଟା ରମାକାନ୍ତ ପରିହାରୀ, ପ୍ରଦୀପ କୁମାର ନାୟକ, ଗଣନାଥ ସାହୁ, ଚାଉଧର ମହାକୁଡ଼, ହର ନାରାୟଣ ପଣ୍ଡା, ଡ଼. ନାରାୟଣ ପଲେଇ, ପ୍ରଫୁଲ୍ଲ କୁମାର ସେନାପତି, ବୁଲୁ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ।

ନୀଳଗିରିରୁ ବଉଳଗଡିଆ ୧୫ କିମି ରାସ୍ତା ପାଲଟିଛି ମରଣଯନ୍ତା

ନୀଳଗିରି, ୧୩/୧୦ (ଆ.ପ୍ର) : ଟୀନର ଦୁଃଖ ହୋୟଙ୍ଗ ହୋ ପରି ସମଗ୍ର ନୀଳଗିରିର ଦୁଃଖ ନୀଳଗିରି - ବଉଳ ଗଡିଆ ୧୫ କିମି ରାସ୍ତା । ଯାହା ଆଜି ବି କୁଲଡ଼ିହା ଅଭୟାରଣ୍ୟ ର ଇକୋ ସେନ୍‌ସିଟିଭ ଜୋନ ଅନ୍ତର୍ଭୁକ୍ତ ହୋଇ ରହିଛି । ଯେଉଁଥି ପାଇଁ ଆଜି କୌଣସି ଉନ୍ନତି ମୂଳକ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ ।ରାସ୍ତାର ଅବସ୍ଥା ମରଣ ଯନ୍ତା ପାଲଟିଛି । କାହିଁ କେଉଁ ସମୟରୁ, ରାଜା ଶାସନ ସମୟରେ ଉକ୍ତ ରାସ୍ତା ଟି ନୀଳଗିରିରୁ ଊପଦା ସଂଯୋଗ କରୁଥିଲା । ଯାହା ରାଜାଙ୍କ ସମୟ ରେ ନିର୍ମିତ ହୋଇ ଥିବା କୁହାଯାଏ । ସ୍ୱାଧୀନତୋର ଭାରତ ବର୍ଷ ରେ ନୀଳଗିରି ପ୍ରଥମ ଗଡ଼ଜାତ ରାଜ୍ୟ ଭାବେ ଭାରତରେ ମିଶିବା ଘଟଣା କାହାକୁ ବା ଅଜଣା । ତେବେ ତାହା କେବଳ ଇତିହାସର ଲେଖା ହୋଇ ରହି ଯାଇଛି । ନୀଳଗିରି ଭଳି ଆଦିବାସୀ ଅଧ୍ୟୁଷିତ ବଣ ପାହାଡ ଘେରା ଅଂଚଳର ସେମିତି କିଛି ଆଖି ଦୃଶିଆ ଉନ୍ନତି ପରିଲକ୍ଷିତ ହୋଇ ନାହିଁ । ଏଠାରେ ମୁଖ୍ୟ ବାଧକ । ସାଜିଛି ଇକୋ ସେନ୍‌ସିଟିଭ ଜୋନ । ସେ ସମ୍ପର୍କରେ ନିମ୍ନରେ କିଛି ତଥ୍ୟ ଉପସ୍ଥାପନା କରା ଯାଉଛି । ଯାହା ଆପଣ ମାନଙ୍କୁ ଏକ ସ୍ପଷ୍ଟ ଚିତ୍ର ଦେଇ ପାରିବ । ପ୍ରାପ୍ତ ସୂଚନାରୁ ଜଣାଯାଇଛି, ଜାନୁଆରୀ ୪ ତାରିଖ ୧୯୮୪ ମସିହା ରେ ୨୭୨.୭୫ ବର୍ଗ କିମି ପରିମିତ ଅଂଚଳକୁ କୁଲଡ଼ିହା ବନ୍ୟପ୍ରାଣୀ ସଂରକ୍ଷଣାଳୟ (ଅଭୟାରଣ୍ୟ) ଭାବେ ଘୋଷଣା କରାଯାଇଥିଲା । ଏହି ପାହାଡ ଘନ ଜଙ୍ଗଲ ମଧ୍ୟରେ ଅନେକ ପ୍ରଜାତିର ପଶୁ, ପକ୍ଷୀ,ହାତୀ, ଚିତା ବାଘ, ହରିଣ, ବାରହା, ଗୟଳ, ସରୀସୃପ, ବିଭିନ୍ନ ପ୍ରଜାତିର ସାପ ଯଥା, ଅଜଗର, ଅହିରାଜ ଇତ୍ୟାଦି ପରିଲକ୍ଷିତ ହୋଇଛି । ତେବେ ଉକ୍ତ ଅଂଚଳକୁ ପଶୁ ପକ୍ଷୀଙ୍କ ଶାନ୍ତିରେ ସହାବସ୍ଥାନ ପାଇଁ,ବାଲେଶ୍ୱର ବନ୍ୟ ପ୍ରାଣୀ ଡିଭିଜନ ପକ୍ଷରୁ ଦିଆ ଯାଇଥିବା ପ୍ରସ୍ତାବିତ ଇକୋ ସେନ୍‌ସିଟିଭ ଜୋନ ମଧ୍ୟରେ ୨୦୪ ଗୋଟି ରାଜସ୍ୱ ଗ୍ରାମ ମଧ୍ୟରେ, ୧୭୦ ଟି ଅଙ୍ଗନବାଡି, ୧୩୦ ଟି ପ୍ରାଥମିକ ବିଦ୍ୟାଳୟ, ୩୦ ଟି ଉଚ୍ଚ ବିଦ୍ୟାଳୟ, ୩ ଗୋଟି ମହାବିଦ୍ୟାଳୟ, ୮ଟି ସ୍ୱାସ୍ଥ୍ୟ କେନ୍ଦ୍ର, ୪ ଗୋଟି ଆର ଆଇ ଅଫିସ, ସମେତ ୧୯ ନମ୍ବର ରାଜ୍ୟ ରାଜପଥ, ନୀଳଗିରି - ବଉଳଗଡିଆ ରାସ୍ତା, ଉତର ଓଡିଶାର ପ୍ରସିଦ୍ଧ ଶୈବ ପୀଠ ପର୍ଯ୍ୟଟନ ସ୍ଥଳୀ ପଂଚଲିଙ୍ଗେଶ୍ୱର, ବିଶେଶ୍ୱର ମହାଦେବ ଭଳି ବହୁ ଦେବା ଦେବୀ ମନ୍ଦିର ଅନ୍ତର୍ଭୁକ୍ତ ଅଟେ । ତେଣୁ ଉକ୍ତ ପ୍ରସ୍ତାବିତ ଇକୋ ସେନ୍‌ସିଟିଭ ଜୋନ ମଧ୍ୟରେ ଥିବା ଉପରୋକ୍ତ ଅଂଚଳରେ କୌଣସି ଉନ୍ନତି ମୂଳକ କାର୍ଯ୍ୟକୁ ଜଙ୍ଗଲ ବିଭାଗ ବିରୋଧ କରୁ ଥିବା ବେଳେ,ଜିଲ୍ଲା ପ୍ରଶାସନ ଏ ସବୁ ସମସ୍ୟାରୁ ଦୂରେଇ ରହିବା ବୋଧ ହୁଏ ଉଚିତ ମନେ କରିଛି । ଏଥିରେ ବନବାସୀ ତଥା ଉକ୍ତ ଅଂଚଳ ମଧ୍ୟରେ ବସ ବାସ କରୁଥିବା ବିଭିନ୍ନ ଅଂଚଳର ପ୍ରତିନିଧି ଭାବେ,୨୦୧୧ମସିହା ରେ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହୋଇ ଥିଲେ । ଯାହାର ଡବ୍ଲ୍ୟୁ ପି(ସି)- ନମ୍ବର,୨୨୧୪୦/ ୨୦୧୧ ରୁଜୁ ହୋଇ ବିଚାର ଓ ଦୀର୍ଘ ଶୁଣାଣି ପରେ, ଜୁନ ୧ ତାରିଖ ୨୦୨୦ ମସିହା ରେ ଏକ ନିର୍ଦ୍ଦେଶନାମା ଜାରୀ କଲେ । ଏଥିରେ ଜିଲ୍ଲାପାଳ, ବାଲେଶ୍ୱର ଓ ଡି ଏଫ ଓ,ବାଲେଶ୍ୱର ,ପକ୍ଷଭୁକ୍ତ ଥିବାରୁ ,ଏହି ନିର୍ଦ୍ଦେଶ ନାମା ସେମାନଙ୍କୁ ପଠା ଯାଇଥିଲା । ଉକ୍ତ ନିର୍ଦ୍ଦେଶନାମା ରେ ପ୍ରସ୍ତାବିତ ଇକୋ ସେନ୍‌ସିଟିଭ ଅଂଚଳକୁ ପୁନଃ ସର୍ଭେ କରିବା ସହିତ କୁଲଡ଼ିହା ଅଭୟାରଣ୍ୟର ପୁନଃ ସୀମା ନିର୍ଦ୍ଧାରଣ ପାଇଁ ଗ୍ରାମ ସଭା ମାଧ୍ୟମରେ ରାଜସ୍ୱ ଗ୍ରାମ, ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର,ମହାବିଦ୍ୟାଳୟ, ଲୋକଙ୍କ ଅଭିଯୋଗର ପୂର୍ଣ୍ଣ ଶୁଣାଣୀ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସେତେବେଳେ ଉଚ୍ଚ ନ୍ୟାୟାଳୟ କ୍ଷୋଭର ସହିତ କହିଥିଲେ, ଅଭୟାରଣ୍ୟର ସୀମା ନିର୍ଦ୍ଧାରଣ ହୋଇ ନ ଥିବା ବେଳେ, ଇକୋ ସେନ୍‌ସିଟିଭ ଜୋନ ଆସିଲା କଉଠୁ ବୋଲି ଆବେଦନକାରୀ ପକ୍ଷଙ୍କୁ ପ୍ରଶ୍ନ କରି ଫାଇଲ ହୋଇଥିବା ରିଟ ପିଟିସନକୁ ଡିସମିସ କରି ଜିଲ୍ଲା ପ୍ରଶାସନକୁ ସୀମା ପୁନଃ ନିର୍ଦ୍ଧାରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ରାଜାର ଦୁଃଖ ଓ ପରିତାପ ର ବିଷୟ,ଦୀର୍ଘ ଦିନ ପରେ, ତା,୧୭/୦୪/୨୬ରିଖ ରେ, ଜିଲ୍ଲାପାଳ ଅଫିସ ପତ୍ରାଙ୍କ ସଂଖ୍ୟା -୨୯୭୫ ତା ୦୯/୦୪/୨୬ ରିଖରେ ୧୦ ଜଣ ଆବେଦନ କାରୀଙ୍କୁ ଜଣାଇ ଲେ । ତା ୧୭/ ୦୪/୨୬ ରିଖ ରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁଣାଣୀ ପାଇଁ ଉପସ୍ଥିତ ରହିବାକୁ କୁହା ଯାଇଥିଲା । ଏଠାରେ ସୂଚନା ଯୋଗ୍ୟ, ୧୦ ଜଣ ଆବେଦନକାରୀଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ, ଅନ୍ୟ ୮ ଜଣ ଉକ୍ତ ଶୁଣାଣୀରେ ଭାଗ ନେଇ ନିଜ ନିଜର ମତ ଉପସ୍ଥାପିତ କରି ଥିଲେ । ହେଲେ ଅଦ୍ୟାବଧି ତାର କୌଣସି ସୁଫଳ ମିଳିନାହିଁ ବୋଲି ଅଭିଯୋଗ ହୋଇଛି । ଅନ୍ୟ ପକ୍ଷରେ,ନୀଳଗିରି - ବଉଳଗଡ଼ିଆ ରାସ୍ତାଟି ପ୍ରସ୍ତାବିତ ଇକୋ ସେନ୍‌ସିଟିଭ ଜୋନ ମଧ୍ୟରେ ଆସୁଥିବାରୁ ରାସ୍ତା ମରାମତି କାର୍ଯ୍ୟ ମଧ୍ୟ ହୋଇ ପାରୁନାହିଁ । ତେବେ ନୀଳଗିରି - ବଉଳ ଗଡିଆ ରାସ୍ତା ରେ ବିଗତ ବର୍ଷ ମାନଙ୍କରେ ଅନେକ ଦୁର୍ଘଟଣା, ଜୀବନ ହାନି ଘଟିଥିବାର ନଜିର ରହିଛି । ବେଳହୁଁ ସାବଧାନ ହୋଇ ଏହି ରାସ୍ତା ସମସ୍ୟାରୁ ଜନ ସାଧାରଣଙ୍କୁ ବାହାର ନ କଲେ, ଆଗାମୀ ଦିନରେ ବଡ ଧରଣର ଆନ୍ଦୋଳନ ହେବା ଏକ ପ୍ରକାର ନିଶ୍ଚିତ ହୋଇ ଥିବା ସୂଚନା ମିଳିଛି । ଏହି ଆନ୍ଦୋଳନରେ ଦଳ ମତ ନିର୍ବିଶେଷରେ ସମସ୍ତେ ଭାଗ ନେବାର ସୂଚନା ମିଳିଛି । ଏଥି ପାଇଁ, ସାଧାରଣ ଜନତା ଓ ଶ୍ରମିକ ମାନେ ପରିବାର ପ୍ରତିପୋଷଣ ପାଇଁ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବା ଅଂଚଳରେ ବୁଦ୍ଧି ଜିବି ମହଲରେ ଚର୍ଚ୍ଚା ହେଉଥିବା ଶୁଣା ଯାଉଛି ।

ସିମୁଳିଆରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ସିମୁଳିଆ, ୧୩/୧୦ (ଆ.ପ୍ର) : ବାଟି କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ବାଟି ପଂଚାୟତର ବାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଆରସିସି ଅଜୟ କୁମାର ପଣ୍ଡା ଯୋଗଦେଇ ଜଗନ୍ନାଥ ପ୍ରତିମୂର୍ତିରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧୀର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ ଗୋପପ୍ରାଣ ମହାବିଦ୍ୟାଳୟରେ ଅଧକ୍ଷ ପୂର୍ଣ୍ଣ ଚନ୍ଦ୍ର ସିଂ, ସମ୍ମାନୀତ ଅତିଥି ଭାବେ ସରପଂଚ ହରପ୍ରିୟା ମଲିକ, ସମିତି ସଭ୍ୟ କାଳନ୍ଦୀ ଚରଣ ନାୟକ,ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମିଶ୍ର, ଶିକ୍ଷକ ଦେବବ୍ରତ ପାଣିଗ୍ରାହୀ, ବାଟି ହାଇସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଧଳ, ପ୍ରଫୁଲ୍ଲ କୁମାର ଗୋହାଟାର୍ଯ୍ୟ ଓ ପରିଚାଳନା କମିଟି ସଭାପତି ଅଶୋକ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ସିଆରସିସି ସସ୍ମିତା ପଣ୍ଡା ମଂଚ ଆହ୍ୱାନ କରିବା ବେଦପାଠ କରିଥିଲେ । ପରେ ପିଲାମାନଙ୍କ ମଧ୍ୟରେ ବକ୍ତୃତା, ଶ୍ରୁତଲିଖନ, ସାଧାରଣଜ୍ଞାନ, ଚିତ୍ରାଙ୍କନ, ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଙ୍କ ଦ୍ୱାରା ୯୬ଜଣ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଶିକ୍ଷକ ଶଙ୍କର୍ଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ସିଥୋ
ଆରମ୍ଭ
SEITHO ARAMBHA
ବୁଧବାର, ୧୪ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଉଗ୍ରଦଣ୍ଡ

ଦେଶରେ ବହୁତ ଭଲ କାମ ହେଉଛି । ବିଭିନ୍ନ ସ୍ତରରେ ସେଭଳି କାମ ସବୁ ହେଉଛି । ସରକାରୀ ସ୍ତରରେ ହେଉଛି, ବେସରକାରୀ ସ୍ତରରେ ମଧ୍ୟ ହେଉଛି । ବ୍ୟକ୍ତିଗତ ସ୍ତରରେ ହେଉଛି, ସାମୂହିକ ସ୍ତରରେ ମଧ୍ୟ ହେଉଛି । ପ୍ରତ୍ୟହ ଭଲକାମ ହେଉଛି, କିନ୍ତୁ ପ୍ରତ୍ୟେକଙ୍କ ଦ୍ୱାରା ହେଉନି କି ପ୍ରତ୍ୟେକ ସ୍ଥାନରେ ହେଉନି ।ଏହିଠାରେ ହିଁ ଭୁଲର ସୂତ୍ରପାତ ହେଉଛି । ସମାଜରେ ଭଲ କାମ ହେଉଛି, ଭୁଲ୍ କାମ ବି ହେଉଛି । ଏମିତି ଭଲ ମନ୍ଦ ଭିତରେ ଚାଲିଛି ମଣିଷ ସମାଜ । ମଣିଷ ସାମାଜିକ ପ୍ରାଣୀ, ଏଣୁ ଭୁଲ୍ ଠିକ୍ ହେଉଛି ମଣିଷର ସାଧାରଣ ତଥା ସହଜାତପ୍ରବୃତ୍ତି । ବେଳେ ବେଳେ ବଡ଼ ଧରଣର ଠିକ୍ କାମ ବି ହୁଏ । ସେଭଳି ବିଚାରଧାରାର ମଣିଷ ସବୁବେଳେ ବଡ଼ ବୋଲାନ୍ତି । ସେମାନେ ପ୍ରଶଂସା ସାଉଁଟନ୍ତି, ପୁରସ୍କାର ବି ପାଆନ୍ତି । ବର୍ତ୍ତମାନ ସମୟରେ ସବୁଠାରୁ ବଡ଼କଥା ହେଲା ଏଇ ସମାଜରେ ରହି ଅସାମାଜିକ କାମ ଉପରେ ଗୁରୁତ୍ୱ ଦେଉଥିବା ଲୋକ । ସମାଜରେ ସବୁଦିନ କେଉଁଠି ନା କେଉଁଠି ଭୁଲ୍ କାମ ହେଉଛି । ଯଦି ସୀମା ଭିତରେହେଉଛି ତେବେ ଠିକ୍; ହେଲେ ଯଦି ସୀମା ବାହାରେ ହେଉଛି ତେବେ କ'ଣ କରାଯାଇପାରେ । ସେ ସବୁ ଭୁଲର ସମୀକ୍ଷା କରି ଦୋଷୀଙ୍କୁ କଡ଼ାରୁ କଡ଼ା ଦଣ୍ଡ ପ୍ରଦାନ କରିବା । ସେହି ଦଣ୍ଡ ବିଧାନ ତୁରନ୍ତ ହେବା ଦରକାର । ତାହା ବି ଦୃଷ୍ଟାନ୍ତମୂଳକ ହେବା ଦରକାର । ନଚେତ ସମାଜରେ ଅପରାଧୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିବ ଏବଂ ସେମାନେ ସମ୍ପୂର୍ଣ୍ଣ ସମାଜକୁ ବରବାଦ କରିଦେବେ । ଅମୃତ କୁଣ୍ଡରେ ଟୋପାଏ ବିଷ ଯେପରି ସମ୍ପୂର୍ଣ୍ଣ ସମାଜକୁ ବରବାଦ କରିଦିଏ, ସମ୍ପୂର୍ଣ୍ଣ ସମାଜକୁ କଳୁଷିତ କରିଦିଏ, ସେହିପରି ସମାଜର ଏଭଳି ଅପରାଧୀମାନେ ଯେଉଁମାନେ ରାତି ପାହିଲେ ଚିନ୍ତା କରନ୍ତି ଅପରାଧ କଥା । ସବୁଠାରୁ ବଡ଼ ଦୁଃଖ ଆଉ ପରିତାପର ବିଷୟ ହେଉଛି ସମାଜରେ ଏପରି କେତେକ ଦୁର୍ଦ୍ଦାନ୍ତ ତଥା ଖୁଙ୍କାର ଅପରାଧୀ ଅଛନ୍ତି ଯେଉଁମାନେ ରାତି ତ ରାତି. ଏପରି କି ଦିନରେ ବି ଚିନ୍ତା କରନ୍ତି ଅପରାଧ କଥା । ସେମାନଙ୍କୁ କ'ଣ କୁହାଯିବ ତାହା ଚିନ୍ତାର ବିଷୟ ନୁହେଁ, ଚିନ୍ତାର ବିଷୟ ହେଉଛି ସେଭଳି ଅପରାଧୀମାନଙ୍କୁ କିଭଳି ଦଣ୍ଡ ଦିଆଯିବ ଏବଂ କେତେ ଶୀଘ୍ର ଦଣ୍ଡ ଦିଆଯିବ ।ଏଭଳି କଠୋର ଦଣ୍ଡ ଯାହା ଦୃଷ୍ଟାନ୍ତମୂଳକ ହେବା ଦରକାର । ଅନ୍ୟ ଅପରାଧୀମାନଙ୍କ ପାଇଁ ତାହା କିଛି ଉଦାହରଣ ସୃଷ୍ଟି କରିବା ଦରକାର । ଭୟଙ୍କର ଉଦାହରଣ ଯାହା ସମାଜର ଅନ୍ୟ ଅପରାଧୀମାନଙ୍କୁ ଚେତାଇଦେବ, ବୁଝାଇଦେବ ଏବଂ ଶୁଝାଇଦେବ ଯେସେମାନେ ସୁଧୁରି ଯାଆନ୍ତୁ ନଚେତ ସେମାନଙ୍କୁ ମଧ୍ୟ ଏଭଳି କଠୋର ଦଣ୍ଡଭୋଗିବାକୁ ପଡ଼ିବ । ଏଭଳି ଦଣ୍ଡ ଯାହା ସମ୍ପୂର୍ଣ୍ଣ ସମାଜକୁ ସ୍ତବ୍ଧ କରିଦେବ । ଅପରାଧୀର ସମ୍ପୂର୍ଣ୍ଣ ପରିବାରକୁ ସ୍ତବ୍ଧ କରିଦେବ । ହୁଏତ ସେଭଳି ଦଣ୍ଡ ସମାଜରେ କିଛି ପରିବର୍ତ୍ତନ ଆଣିପାରେ । ନଚେତ ସମାଜରେ ଅଶାନ୍ତି ହିଁ ଅଶାନ୍ତି । ଏଠାରେଗୋଟାଏ ବଡ଼ ପ୍ରଶ୍ନ ହେଉଛି ସମାଜର ସେଭଳି ଅପରାଧୀମାନଙ୍କୁ ଦଣ୍ଡ ଦେବ କିଏ ? ସେମାନଙ୍କୁ ଦଣ୍ଡ ଦେବା ଦାୟିତ୍ୱ କାହାର । ସେମାନଙ୍କୁ କୌଣସି ବୁଦ୍ଧିଜୀବୀ ଦଣ୍ଡ ଦେବେନି କି କୌଣସି ସଙ୍ଗଠନ ଦଣ୍ଡ ଦେବେନି କି ସେମାନଙ୍କୁ କୌଣସିବଳୁଆ ବ୍ୟକ୍ତି ବି ଦଣ୍ଡ ଦେବେନି । ଯଦି ସମାଜର ସେଭଳି ଦୁର୍ଦ୍ଦାନ୍ତ ଅପରାଧୀମାନଙ୍କୁ ଏମାନେ କେହି ଦଣ୍ଡ ଦେବେନି କି ଦଣ୍ଡ ଦେବାର କୌଣସି ପ୍ରୟାସ କରିବେନି , ତେବେ କ'ଣ ସେମାନଙ୍କୁ କ'ଣ ସମାଜରେ ବାହାଦୂର ବୋଲାଉଥିବା ତଥାକଥିତ ଡାକ୍ତର, ଇଞ୍ଜିନିୟରମାନେ ଦଣ୍ଡ ଦେବେ । ସମାଜର କୌଣସି ଯାଦୁଗରମାନେ କି ସେମାନଙ୍କୁ ଦଣ୍ଡ ଦେଇପାରିବେ । ଯଦି ଏମାନଙ୍କ ମଧ୍ୟରୁ କେହି ବି ସେମାନଙ୍କୁ ଦଣ୍ଡ ଦେଇପାରିବେ ନାହିଁ ତେବେ ଏମାନେ କାହିଁକି ଅଛନ୍ତି । ଏମାନେ ବି ଅଛନ୍ତି, ଏମାନେ ବି ରହିବେ । ସମାଜରେ ଏମାନଙ୍କର ବି ରହିଛି କିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜ ପାଇଁ ଏମାନେ ବି କିଛି କମ୍ ନୁହଁନ୍ତି । ବହୁତ କିଛି ଅବଦାନ ରହିଛି ଏମାନଙ୍କର ସମାଜ ପାଇଁ ।ଏମାନେ ତ ରହିବେ ନିଶ୍ଚୟ । ହେଲେ ସେମାନେ କାହିଁକି ରହିବେ । ଯେଉଁମାନଙ୍କର କିଛି ବି ନାହିଁ ଅବଦାନ ସମାଜ ପାଇଁ । ଅଥଚ ସେମାନେ ବେଶ୍ ଭଲରେ ଅଛନ୍ତି ସମାଜରେ । ଏଥିପାଇଁ ଦାୟୀ ପ୍ରଥମେ ତାଙ୍କର ପରିବାର । ପରେ ସରକାର । ଦେଶର ସରକାର ହୁଅନ୍ତୁ କି ରାଜ୍ୟର ସରକାର, ସେମାନେ ସମସ୍ତେ ଦାୟୀ ରହିବେ ଏଥିପାଇଁ । ସରକାରଙ୍କ ପାଖରେ ଅଛି ଅପରାଧୀଙ୍କୁ ଦଣ୍ଡ ଦେବାର ହେଲେ ସରକାର ସେମାନଙ୍କୁ ଦଣ୍ଡ ଦେଉନାହାଁନ୍ତି କି ଯଦି ବି ଦଣ୍ଡ ଦେଉଛନ୍ତି ତେବେ ତାହା ପର୍ଯ୍ୟାପ୍ତ ନୁହେଁ ସେମାନଙ୍କ ପାଇଁ ।

ଦୈନନ୍ଦିନ ଚାଲିବା ଦ୍ୱାରା ମସ୍ତିଷ୍କ ରହେ ସୁସ୍ଥ

।। ଡାକ୍ତର ରାମପ୍ରସାଦ ରାୟ ।।

ମର୍କତ ନଗରର 'ଅନୁପମା' ମାଡାମ ପ୍ରତିଦିନ କିଛି ବାଟ ଚାଲନ୍ତି । ସଂଗୀତରେ ରୁଚି ରଖୁଥିବା ଅନୁପମା ମାଡାମ କୁହନ୍ତି ଯେ ସକାଳର ମୁକ୍ତ ପବନ ଆଉ ନିର୍ମଳ ପରିବେଶ ଭିତରେ କିଛି ବାଟ ଏକସରତ କରିବା ଦ୍ୱାରା ସେ ତାଙ୍କ ସଂଗୀତ ପାଇଁ ଏକ ପ୍ରକାର ଜୀବନ ପ୍ରେରଣା ପାଇଥାନ୍ତି । ଭାତ ହାଣ୍ଡିରୁ ଭାଏ ଗୋଟିଏ । ଆଜିକାଲି ଲୋକମାନଙ୍କ ଭିତରେ ସକାଳୁ କିଛି ବାଟ ଚାଲିବା ଏକ ଭଲ ଅଭ୍ୟାସରେ ପରିଣତ ହେଲାଣି । ତେବେ ଚାଲିବା ସମୟରେ ମଧ୍ୟ କିଛି ସର୍ବନିମ୍ନ ସଚେତନତା ଓ ସତର୍କତା ରହିଛି ।

ପ୍ରତିଦିନ ସକାଳେ କିମ୍ବା ରାତିରେ ଚାଲିବା ଅଭ୍ୟାସ କରୁଛନ୍ତି କି ? ଆପଣଙ୍କ ଦୈନନ୍ଦିନର ପାଦଚଲା କେବଳ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ନାହିଁ, ବରଂ ଏହା ଆପଣଙ୍କ ମସ୍ତିଷ୍କ ପାଇଁ ମଧ୍ୟ ଲାଭଦାୟକ । ସାଧାରଣ ଚାଲିବା ଅଭ୍ୟାସ ମଧ୍ୟ ଆପଣଙ୍କ ସ୍ନାୟୁଗତ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଥାଏ । ଚାଲିବାକୁ ଅନେକ କମ ପରିଶ୍ରମର କାମ ବୋଲି ଭାବି ଥାଆନ୍ତି, କିନ୍ତୁ ଯେତେବେଳେ ଆପଣ ଚାଲନ୍ତି, ସେତେବେଳେ ମସ୍ତିଷ୍କ ଭିତରେ ବହୁତ କିଛି କାର୍ଯ୍ୟ ଚାଲୁ ରହିଥାଏ । ନ୍ୟୁରୋଲୋଜିଷ୍ଟଙ୍କ କହିବା ଅନୁଯାୟୀ ଯେତେବେଳେ ଆପଣ ଚାଲନ୍ତି ଆପଣଙ୍କ ମସ୍ତିଷ୍କ ଏକ ସମୟରେ ଅନେକ କାମ କରିଥାଏ । ଯେପରି ଆପଣଙ୍କ ଆଖି, କାନ, ମାଂସପେଶୀ ଓ ଗଣ୍ଠିରୁ ସୂଚନା ଗ୍ରହଣ କରିଥାଏ । ପାଦ କେଉଁଠି ପଡ଼ିବ ତାହା ସ୍ଥିର କରିବା, ଭାରସାମ୍ୟ ରକ୍ଷା କରିବା ଓ ଗତି ନିୟନ୍ତ୍ରଣ କରିବାରେ ମସ୍ତିଷ୍କ କାମ କରେ । ରାସ୍ତାରେ ହଠାତ୍ କିଛି ଆସିଗଲେ ତୁରନ୍ତ ପ୍ରତିକ୍ରିୟା ଦେବାରେ ସାହାଯ୍ୟ କରେ । ଏହାଛଡ଼ା ନିୟମିତ ଚାଲିବା ଦ୍ୱାରା ହୃତପିଣ୍ଡ ଭଲ ରହିବା ସହିତ ରକ୍ତଚାପ, ରକ୍ତ ଶର୍କରା ଓ ଓଜନ ନିୟନ୍ତ୍ରଣରେ ରହିଥାଏ । ଏହିସବୁ କାର୍ଯ୍ୟ ମସ୍ତିଷ୍କର ରକ୍ତନଳୀଗୁଡ଼ିକୁ ମଧ୍ୟ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ଯେଉଁମାନେ ଦିନସାରା ବସି କାମ କରନ୍ତି ଓ ଶାରୀରିକ ପରିଶ୍ରମ କରନ୍ତି ନାହିଁ, ସେମାନେ ପ୍ରାୟତଃ ମାନସିକ କ୍ଲାନ୍ତି, ଏକାଗ୍ରତାର ଅଭାବ କିମ୍ବା ପୂର୍ବପରି ଚଂଚଳ ନ ରହିବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ତେଣୁ ଚାଲିବା ଦ୍ୱାରା ଏହି ସବୁ ସମସ୍ୟା ଦୂର ହୋଇଥାଏ । ପ୍ରତିଦିନ ଚାଲିବା ଦ୍ୱାରା ସ୍ମରଣ ଶକ୍ତିରେ ଉନ୍ନତି ଆସିଥାଏ ଓ ନିଷ୍ପତ୍ତି ନେବା ଭଳି ଜ୍ଞାନଗତ କ୍ଷମତା ବୃଦ୍ଧି ପାଇଥାଏ । ଏହା ଶିକ୍ଷା ଓ ସ୍ମୃତି ଶକ୍ତି ସହିତ ଜଡ଼ିତ ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରିଥାଏ । ଚାଲିବା ସିଧାସଳଖ ସ୍ମୃତିଶକ୍ତି ବଢ଼ାଇବା ସହିତ ଜଡ଼ିତ ନଥିଲେ ମଧ୍ୟ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମସ୍ତିଷ୍କକୁ ସୁସ୍ଥ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଯଦି ଚାଲିବା ଶୈଳୀରେ ହଠାତ୍ ପରିବର୍ତ୍ତନ ହେତୁ ବାରମ୍ବାର ପଡ଼ିଯିବା କିମ୍ବା ଅସ୍ଥିରତା ଭଳି ସମସ୍ୟା ଦେଖାଦିଏ, ତେବେ ନ୍ୟୁରୋଲୋଜିଷ୍ଟ ପରାମର୍ଶ ନେବା ଉଚିତ ।

ପ୍ରତିଦିନ କିଛି ବାଟ ଚାଲିବା ଏକ ଅତ୍ୟନ୍ତ ଶାରୀରିକ ଓ ମାନସିକ ଦୃଷ୍ଟିକୋଣରୁ ଭଲ ଅଭ୍ୟାସ । ନିତ୍ୟକର୍ମ ପରେ ବାହାରର ଖୋଲା ସ୍ଥାନରେ କିଛି ବାଟ ଚାଲନ୍ତୁ । ଧୂଳି, ଧୂଆଁ ଠାରୁ ଦୂରେଇ ରୁହନ୍ତୁ ଏବଂ ଚାଲିବା ସମୟରେ ଗପିବା କିମ୍ବା ଗୀତ ଶୁଣିବା ଅଭ୍ୟାସ ନ ରଖିବା ଭଲ । ନିରବତାର ସହିତ ଲମ୍ବା ଲମ୍ବା ପାହୁଣ୍ଡର ଦୀର୍ଘ ନିଃଶ୍ୱାସ ନେଇ ଚାଲିବା ଦ୍ୱାରା ଶରୀର ଭିତରେ ଏକ ପ୍ରକାର ଉର୍ଜା ଶକ୍ତି ମିଳିଥାଏ । ତେବେ ପ୍ରତିଦିନ ଚାଲିବାର ଏକାଗ୍ରତାକୁ କେବେ ଭାଙ୍ଗନ୍ତୁ ନାହିଁ । ଚାଲି ଫେରିବା ପରେ କିଛି ଘରୋଇ ଜୁସ୍ ବା ସୁପ୍ ପିଇ ପାରନ୍ତି, କିନ୍ତୁ କୌଣସି ପରିସ୍ଥିତିରେ ବିଛଣାକୁ ଯାଆନ୍ତୁ ନାହିଁ । ସବୁଜ ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ହଁ, ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଖାଦ୍ୟ ଖାଇ ଚାଲିବାକୁ ଯାଆନ୍ତୁ ନାହିଁ । ଏହାଦ୍ୱାରା ଶରୀର ଅସହଜ ଓ ପାଚନ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ । ପ୍ରାତଃ ଭ୍ରମଣ ଦ୍ୱାରା ଭଗବାନ ସୂର୍ଯ୍ୟଦେବଙ୍କ ଦର୍ଶନ କରି ତାଙ୍କ ସକାଳର ପ୍ରଥମ କିରଣ ଆପଣଙ୍କ ଉପରେ ଆଶୀର୍ବାଦ ଭାବେ ପଡୁଛି ବୋଲି ଗ୍ରହଣ କରନ୍ତୁ । ଦେଖିବେ ଆପଣଙ୍କର ସେ ଦିନଟି ମଧ୍ୟ ଆନନ୍ଦମୟ ହୋଇ ଉଠିବ ।

କ୍ୟାମ୍ପ ଅଫିସର, ରକ୍ତ ଭଣ୍ଡାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୮୨୬୦୪୦୮୮୩୬

ମାତୃଶକ୍ତି

।। ଇଂ.ସଚ୍ଚିଦାନନ୍ଦ ନନ୍ଦ ।।

ଭାରତରେ ବିଭିନ୍ନ ଅବସରରେ ମାତୃପୂଜା କରାଯାଇଥାଏ । ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଭୁବନେଶ୍ୱରୀ, କାଳୀ, ଜଗଦ୍ଧାତ୍ରୀ, ଅମ୍ବିକା, ଗାୟତ୍ରୀ, ପାର୍ବତୀ ପ୍ରଭୃତି ନାମରେ ବହୁ ଆଡ଼ମ୍ବରରେ ପୂଜା ଆରାଧନା କରାଯାଉଛି । ସେଭଳି କେତେକ ଈଶ୍ୱରକୋଟୀ ମହିଳା, ଯଥା ରାଧା ସାବିତ୍ରୀ, ସତୀସୀତା, ଦ୍ରୌପଦୀ, କୁନ୍ତୀ, ଦମୟନ୍ତୀ, ମନ୍ଦୋଦରୀ ପ୍ରଭୃତିଙ୍କୁ ମଧ୍ୟ ପୂଜା ଓ ସମ୍ମାନ ଅର୍ପଣ କରାଯାଇଥାଏ । ଅନ୍ୟ କେତେକ ତପସ୍ୱିନୀ ଯଥା ଅନସୂୟା, ମଦାଳସା, ମୈତ୍ରେୟୀ, କାତ୍ୟାୟନୀ, ଅରୁନ୍ଧତୀ ପ୍ରଭୃତି ବହୁ ଶ୍ରଦ୍ଧାଳୁଙ୍କ ହୃଦୟରେ ସ୍ଥାନ ପାତି ବସିଛନ୍ତି । କେତେକ ପୀଠରେ ଅଧିଶ୍ୱରୀ ଭାବେ ଭଗବତୀ, ବୈଷ୍ଣୋଦେବୀ, ବିମଳା, ତାରିଣୀ, ଚଣ୍ଡୀ, ଚର୍ଚ୍ଚିକା, ସମଲେଶ୍ୱରୀ, ମଙ୍ଗଳା ବିରଜା, ଦକ୍ଷିଣକାଳୀ, ଶ୍ୟାମାକାଳୀ, ଭବତାରିଣୀ ମାଆ ପ୍ରଭୃତି ସ୍ୱମହିମାରେ ମହିମାନ୍ୱିତ ହୋଇ ପ୍ରତ୍ୟହ ପୂଜା ପାଇ ଆସୁଛନ୍ତି ।

ପ୍ରଚଳିତ ସମୟରେ ଶ୍ରୀମା, ଆନନ୍ଦମୟୀ ମା', ଅମୃତମୟୀ ଦେବୀ, ଆମ୍ମା ଭଗବାନ, ରାସେଶ୍ୱରୀଦେବୀ, ଉତ୍ତମ୍ୱରାଦେବୀ, ଡଃ ନିରୁମା ପ୍ରଭୃତି କୋଟି କୋଟି ଶ୍ରଦ୍ଧାଳୁଙ୍କ ପୂଜ୍ୟା ହୋଇପାରିଛନ୍ତି । ତାଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହୋଇ କୋଟି କୋଟି ହୃଦୟ ପରିବର୍ତ୍ତନ ଘଟିଛି ଓ ଘଟୁଛି ମଧ୍ୟ । ଅତୀତର ଲୀଳାବତୀ ଓ ଖନ୍ନା ଏବେ ମଧ୍ୟ ନମସ୍ୟ । ସମସ୍ତ ଆଧ୍ୟାତ୍ମିକ ପଥପ୍ରଦର୍ଶକମାନେ ସମାନ ସ୍ୱରରେ ସେହି ଏକ କଥା କହି ଆସିଛନ୍ତି ଯେ ଭଗବାନ ଭଗବତୀ କେବଳ ତାଙ୍କ ବିଗ୍ରହ ବା ମୂର୍ତ୍ତିରେ ନାହାନ୍ତି ସେ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ ଥାଆନ୍ତି । ପ୍ରତ୍ୟେକଟି ଶିଶୁ ଜନ୍ମ ହେଲାବେଳେ ସେହି ଦିବ୍ୟ ସତାକୁ ନିଜ ଭିତରେ ଧରି ଜନ୍ମ ହୋଇଥାଏ । ଗୀତାରେ ମଧ୍ୟ କୁହାଯାଇଛି ଯେ ଭଗବାନ ତାଙ୍କ ଅଂଶ ଆତ୍ମା ରୂପେ ସମସ୍ତ ଜୀବଙ୍କ ଠାରେ ବିଦ୍ୟମାନ ।

ଶାସ୍ତ୍ରଗୁଡ଼ିକ ମଧ୍ୟ ସମାନ ଭାବେ କହି ଆସୁଛନ୍ତି ଯେ ମାତୃଦେବୋ ଭବ । ଯଦିଓ ମାତାପିତା ଉଭୟ ଦେବତା ସମାନ ତାଙ୍କ ମଧ୍ୟରୁ ମାତାଙ୍କ ସ୍ଥାନ ପିତାଙ୍କ ପୂର୍ବରୁ । ଏଥିରେ ଟିକେ ହେଲେ ଭୁଲ ନାହିଁ । ଐଶ୍ୱରୀୟ କ୍ଷେତ୍ରରେ ମଧ୍ୟ ସୀତାରାମ, ରାଧାକୃଷ୍ଣ, ଉମାଶଙ୍କର, ଲକ୍ଷ୍ମୀ ନାରାୟଣ, ଗିରିଜା ଶଙ୍କର, ଭବାନୀ ଶଙ୍କର ଇତ୍ୟାଦି ମାତାଙ୍କୁ ଭଗବାନଙ୍କ ପୂର୍ବରୁ ଆବାହନ କରାଯାଇଛି । ପୁରାଣ ଉପାଖ୍ୟାନ ମାନଙ୍କରେ ମଧ୍ୟ ବର୍ଣ୍ଣିତ ଅଛି, ସୀତାଙ୍କୁ ହରାଇ ଶ୍ରୀରାମ କି ମର୍ମ ବେଦନା ନପାଇଲେ, ଲକ୍ଷ୍ମୀଙ୍କୁ ହରାଇ ଜଗନ୍ନାଥ ଓ ବଳଭଦ୍ର କି ଦୁରାବସ୍ଥାରେ ନ ପଡ଼ିଲେ, ସତୀଙ୍କୁ ହରାଇ ଶିବ ପାଗଳ ପ୍ରାୟ ସଂସାର ସାରା ଘୁରି ବୁଲିଥିଲେ । ଆମ ସାମାଜିକ ଜୀବନରେ ମଧ୍ୟ ଅନୁରୂପ ଅବସ୍ଥା । ଘରଣୀ ବିନା ଗୃହସ୍ଥ ମୁହୂର୍ତ୍ତେ ଚଳି ପାରନ୍ତି ନାହିଁ, ପିଲାମାନଙ୍କ ଯତ୍ନ ନେଇ ପାରନ୍ତି ନାହିଁ, ଧନ ଉପାର୍ଜନ କରାଯାଇପାରେ କିନ୍ତୁ ତାର ଉପଯୁକ୍ତ ବ୍ୟବହାର ହୋଇ ପାରନ୍ତା ନାହିଁ । କୁହାଯାଇଛି 'ଗୃହିଣୀ ଗୃହମୁଚ୍ୟତେ', ଘର କହିଲେ ଗୃହିଣୀ ହିଁ ପ୍ରଥମେ ଆସିବେ । ଦେଖାଯାଉଛି, ଘରକୁ ବୋହୂଟିଏ ଆସିଗଲାପରେ, ବହୁ ବର୍ଷ ପୂର୍ବରୁ ଯେଉଁମାନଙ୍କ ସହ ସମ୍ପର୍କ ତିକ୍ତ ହୋଇଯାଇଥିଲା, ସେଥିରେ ମଧୁରତା ଧିରେ ଧିରେ ଫେରୁଛି ଏବଂ ବନ୍ଧୁତା ଦୃଢ଼ତର ହେଉଛି । କେଉଁଠି କେଉଁଠି କାଁ ଭାଁ ଏହାର ବ୍ୟତିକ୍ରମ ଥାଇପାରେ କିନ୍ତୁ ତାହା ଏକ ନୀତି ଭାବେ ଗଣ୍ୟ ହୁଏନାହିଁ ।

ବର୍ତ୍ତମାନ ସମାଜରେ ଦେଖାଯାଉଛି ଲୋକମାନେ ମୂର୍ତ୍ତି ମାଆଙ୍କୁ ପୂଜୁଛନ୍ତି କିନ୍ତୁ ନିଜ ମାଆକୁ ହେଳା କରୁଛନ୍ତି । ମନ୍ଦିରରେ ମୂର୍ତ୍ତିମାଆଙ୍କୁ ଭୋଗରାଗ ଚଢ଼ାଉଛନ୍ତି, ଘରର ବୋହୂମାନେ କେବଳ ଉପଭୋଗର ପାତ୍ରୀ ହୋଇ ରହିଯାଉଛନ୍ତି । ସାଙ୍ଗସାଥୀ, ସହପାଠୀ ମାନଙ୍କ ସହ ସମ୍ପର୍କ ସିନେମା ପ୍ରଭାବରେ କର୍ଦ୍ଦମାକ୍ତ । ସଂସ୍କୃତିରେ ଏ ଘୋର ଅବକ୍ଷୟର କାରଣ ସମସ୍ତଙ୍କୁ ଅଜ୍ଞେ ବହୁତେ ଜଣା । ବର୍ତ୍ତମାନର ଆବଶ୍ୟକତା, ଏହାର ନିରାକରଣ । ସାମାଜିକ ଚରିତ୍ରର ଏ ଘୋର ଅଧୋପତନ ଆମ ସମାଜ ପ୍ରତି ମହା ବିପଦର ସୂଚନା । ସମାଜରେ ଥିବା ଜ୍ଞାନୀ ଗୁଣୀ, ସାତ୍ତ୍ୱିକଭାବ ସମ୍ପନ୍ନ ବ୍ୟକ୍ତି, ଆଧ୍ୟାତ୍ମିକ ଜୀବନ ଯାପନ କରୁଥିବା ବ୍ୟକ୍ତି ଧର୍ମଭାବାପନ୍ନ ବ୍ୟକ୍ତି ମାନଙ୍କ ପ୍ରଭାବ କିଛି କାମ ନ ଦେଲା ପରି ଜଣାଯାଉଛି । କେହି କାହାକୁ କର୍ଣ୍ଣପାତ କରୁନାହାନ୍ତି । ଗୁରୁ ସଦ୍‌ଗୁରୁ ମାନଙ୍କ ପ୍ରବଚନ ପାଇଁ କେତେ କେତେ ଚ୍ୟାନେଲ ଟିଭିରେ ପ୍ରସାର ନ କରୁଛନ୍ତି ଏବଂ ସେଠାରେ କି ଲୋକ ସମାଗମ ନ ହେଉଛନ୍ତି ? କିନ୍ତୁ କାହାରି ଉପରେ କିଛି ପ୍ରଭାବ ପଡୁନାହିଁ । ଯଦି ପଡୁଛି ତେବେ ଅସାମାଜିକ ପଦକ୍ଷେପ, ବିଶେଷକରି ମହିଳାମାନଙ୍କ ପ୍ରତି ଦିନକୁ ଦିନ ବଢ଼ିବାରେ ଲାଗୁଛି କିପରି ? ଅପକର୍ମର ଦଣ୍ଡ ବିଧାନ କରାଯାଇ ମଧ୍ୟ ତାହାକୁ ନିୟନ୍ତ୍ରଣ କରାଯାଇ ପାରୁନି । ଶେଷକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି କହିଲେ, କେବଳ ଭଗବାନ ଏ ଦେଶକୁ ରକ୍ଷା କଲେ କରିବେ ସିନା । ଅନ୍ୟ ଜଣେ ବିଚାରପତି କହିଲେ ଦେଶର ପିଲାମାନେ ବାଲ୍ୟକାଳରୁ ଭାଗବତ୍ ଓ ଗୀତା ପ୍ରଭୃତି ପାଠ କଲେ ସୁଫଳ ମିଳିବ । ଏ କଥା ବହୁ ପୂର୍ବରୁ ଭାରତର ଉଚ୍ଚଶିକ୍ଷିତ ଧାର୍ମିକ ପଣ୍ଡିତ ତଥା ସାମାଜସଂସ୍କାରକ ଗଣ ଉପଦେଶ ଦେଇଥିଲେ । ତାହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ । ହୋଇଥିଲେ ନିଶ୍ଚିତ ଭାବେ ସୁଫଳ ମିଳିଥାନ୍ତା । ଏ କ୍ଷେତ୍ରରେ ମାତୃଜାତି ହାତରେ ହିଁ ସମାଧାନ । ମାତୃଜାତି ଯେତେବେଳେ ଜାଗ୍ରତ ହେବ ସେତେବେଳେ ଯାଇ ସୁଫଳ ମିଳିବ । ଦ୍ରୌପଦୀ ତାତି ନଥିଲେ ମହାଭାରତ ଯୁଦ୍ଧର ପରିଣାମ ଭିନ୍ନ ହୋଇଥାନ୍ତା । ଦମୟନ୍ତୀ ଅଗ୍ନିଶର୍ମା ନ ହୋଇଥିଲେ ଅରଣ୍ୟର ସେ ଆସୁରିକ ଲୋକଗୁଡ଼ିକ ଧ୍ୱଂସ ହୋଇନଥାନ୍ତେ । ଦେବୀ ସତ୍ୟଭାମା ସେଭଳି ତୀବ୍ରପ୍ରତିକ୍ରିୟା ଦେଖାଇ ନଥିଲେ ନରକାସୁର ନିପାତ ହୋଇନଥାନ୍ତା ।

ସମ୍ବାଦପତ୍ର ମାନଙ୍କରେ ବାହାରୁଛି ମହିଳାମାନେ ଏକତ୍ର ହୋଇ ଗାଁରୁ ମଦଭାଟି ଉଠାଇ ଦେଇପାରୁଛନ୍ତି । ଥାନା ଘେରାଉ କରି ନ୍ୟାୟ ହାସଲ କରିପାରୁଛନ୍ତି । ଦୁର୍ଗା ଗୋଟିଏ ମଳିତ ଶକ୍ତିର ପ୍ରତୀକ । ମାତୃଜାତିର ମିଳିତ ହୋବାର ସମୟ ଆସି ପହଂଚ୍ ଗଲାଣି । ତାଙ୍କ ପଶ୍ଚାତ୍ ଭାଗରେ ପୁରୁଷମାନଙ୍କର ସମର୍ଥନ ମଧ୍ୟ ଥିବା ଆବଶ୍ୟକ । ଯଦି ପୋଥି ପୁରାଣର ଉପଦେଶ ସତ୍ତ୍ୱେ ମହିଳାମାନଙ୍କୁ ସମ୍ମାନ ମିଳି ନପାରିଲା ତାହେଲେ ସେମାନେ କ'ଣ ଚିରଦିନ ପୀଡ଼ିତ ଦଳିତ ହୋଇ ରହିଥିବେ ? ଦିନେ ନା ଦିନେ ସେମାନଙ୍କୁ ଦୁର୍ଗା, କାଳୀ, ବଗଳାମୁଖୀ, ଉଗ୍ରତାରା ସାଜି ବାହାରେ ତଥା ଭିତରେ ଥିବା ଶୁମ୍ଭ, ନିଶୁମ୍ଭ, ରକ୍ତବୀର୍ଯ୍ୟ ଓ ମହିଷାସୁର ମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାକୁ ପଡ଼ିବ । ସର୍ବପ୍ରଥମେ ନିଜ ସନ୍ତାନ ମାନଙ୍କୁ ସତ୍ ଉପାୟରେ ଅର୍ଜିତ ଭାତ ଖୁଆଇବାକୁ ପଡ଼ିବ । ଅନ୍ୟପକ୍ଷରେ ମାତୃଜାତିକୁ ମର୍ଯ୍ୟାଦା ଦେଇ କିଏ କେଉଁଭଳି ଉପକୃତ ହୋଇଛି ସେଗୁଡ଼ିକର ଦୃଷ୍ଟାନ୍ତ ମଧ୍ୟ ସମାଜକୁ ସୁଭଳ ଆଦର୍ଶ ଶିକ୍ଷା ଦେଇପାରିବ । ସେଗୁଡ଼ିକର ପ୍ରକାଶନ ନିତାନ୍ତ ଆବଶ୍ୟକ । ମାତୃଜାତି ନିଜର ଦୈବୀ ଗୁଣର ପରାକାଷ୍ଠା ପ୍ରତିପାଦିତ କରି ନିଜର ଜନ୍ମଗତ ଅଧିକାର, ପାରିବାରିକ ସମ୍ମାନ, ସାମାଜିକ ସମ୍ମାନ ହାସଲ କରିବାରେ ଯତ୍ନବାନ ହେବା ଦରକାର । ସେମାନେ ତାଙ୍କ ପଦମର୍ଯ୍ୟାଦା କ୍ଷୁର୍ଣ୍ଣ ହେବାକୁ ଆଦୌ ସହ୍ୟ କରିବା ଉଚିତ ନୁହେଁ । ଆଜି ସମୟ ଆସିଛି ବରଂ ବିଳମ୍ବ ହୋଇଗଲାଣି - ମହିଳା, ପୁରୁଷ ଉଭୟେ ଦେବୀ ମାଆଙ୍କୁ ଗଭୀର ନିଷ୍ଠାର ସହ ପ୍ରାର୍ଥନା କରନ୍ତୁ ଯେପରି ଆମ ଦ୍ୱାରା କୌଣସି ମାଆଙ୍କୁ କୌଣସି ପ୍ରକାର ଆଘାତ ନ ଲାଗୁ । ଏହି ପରିପ୍ରେକ୍ଷୀରେ ଏହା ହିଁ ହୋଇପାରେ ସର୍ବଶ୍ରେଷ୍ଠ ଦେବୀ ପୂଜା । ଏହି ଅହିଂସା ଠାରୁ ବଡ଼ ଧର୍ମ ଆଉ କ'ଣ ହୋଇପାରେ ? ଶାସ୍ତ୍ରଉକ୍ତି - ''ନାରୀ ଯେଉଁଠାରେ ପୂଜା ପାଏ ସେଠାରେ ସମସ୍ତ ଦେବଦେବୀ ବିଦ୍ୟମାନ ଥାଆନ୍ତି ଏବଂ ତାରି ମାଧ୍ୟମରେ ସର୍ବ ଦେବଦେବୀ ପୂଜା ପାଇଥାଆନ୍ତି ।''

ଅଲିଶା ବଜାର, କଟକ, ଅଲିଶା ବଜାର, କଟକ, ଦୂରଭାଷ : ୯୪୩୭୫୧୧୨୩୦

ଓଭର ଫ୍ରେଣ୍ଡଲି

।। ଗୋପୀନାଥ ଦାଶ ।।

ସମସ୍ତଙ୍କ ଜୀବନରେ ବନ୍ଧୁମାନଙ୍କର ଆବଶ୍ୟକତା ରହିଛି । ବନ୍ଧୁଙ୍କ ସହିତ ଦି ପଦ ସୁଖ ଦୁଃଖ ହେଲେ ଅନେକ ସମସ୍ୟାର ସମାଧାନ ହୋଇଯାଏ । ଅଫିସ ହେଉ ବା ଘର ପାଖ ପଡ଼ୋଶୀଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଗଲେ ମନ ହାଲୁକା ହୋଇଯାଏ । ହୃଦୟକୁ ଶାନ୍ତି ମିଳିଥାଏ । ହେଲେ ଅତ୍ୟଧିକ ବନ୍ଧୁପଣ ଦେଖାଇ କେତେଜଣ ନିଜ ବିଷୟରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଏତେ ଅଧିକ ଗପନ୍ତି ଯାହା ଶୁଣିବା ପାଇଁ ବୋର ଲାଗେ । ତାଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ଆରମ୍ଭ ହୁଏ ମୁଣ୍ଡବିନ୍ଧା । ସେମାନେ ଏତେ ଗପନ୍ତି ଯେ ପାଖ ଛାଡ଼ି ଯିବା ପାଇଁ ବିଭିନ୍ନ ପ୍ରକାରର ବାହାନା ଖୋଜିବାକୁ ପଡ଼େ । ଆଉ ଏମିତି ସ୍ୱଭାବର ଲୋକମାନଙ୍କୁ କୁହାଯାଏ ଓଭର ଫ୍ରେଣ୍ଡଲି । ବେଳେବେଳେ ଏଭଳି ଲୋକଙ୍କ ସହିତ କଥାବାର୍ତ୍ତା ହେବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ । ଅଫିସ ହେଉ କି ଘର ସବୁ ସ୍ଥାନରେ ଡିଷ୍ଟର୍ବ ହୋଇଥାଏ । ବେଳେବେଳେ କାମ ଭୁଲଭାଲ ହୋଇଯାଏ । ତେଣୁ ସେମାନଙ୍କ ସହିତ କିଭଳି ମିଶିବେ ତାହା ଏକ ସମସ୍ୟା ଭଳି ହୋଇଥାଏ ତେଣୁ କୌଶଳ ଆପଣାଇ ଏଭଳି ଲୋକଙ୍କ ସହିତ ଏକ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିହେବ । ଓଭର ଫ୍ରେଣ୍ଡଲି କି ଏଭଳି କଥାବାର୍ତ୍ତା କରି ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରିବା ଠିକ ନୁହେଁ । ଏମିତି ସ୍ପଷ୍ଟ ଭାବେ କହି ବିରୋଧ କରିବା ଦ୍ୱାରା ଯଦି ସେ ଆପଣଙ୍କ କଥାକୀ ଖରାପ ଭାବନ୍ତି ତେବେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ କି ଅଧିକ ଚିନ୍ତା କରନ୍ତୁ ନାହିଁ । ଓଭର ଫ୍ରେଣ୍ଡଲି ବ୍ୟକ୍ତିଙ୍କ ସାମ୍ନାରେ ଆପଣ ଯଦି ସ୍ପଷ୍ଟ ଭାବେ କିଛି କହି ପାରୁନାହାନ୍ତି ତେବେ ଅନ୍ୟ ଉପାୟରେ ମଧ୍ୟ ଓଭର ଫ୍ରେଣ୍ଡଲି ବ୍ୟକ୍ତିଙ୍କ ପାଖ ଛଡ଼ାଇ ପାରିବେ । କଥାବାର୍ତ୍ତା ସମୟରେ ଯଦି ତାଙ୍କୁ କିଛି କହିପାରୁନାହାନ୍ତି ତେବେ ନିଜକୁ ଅଧିକ ବ୍ୟସ୍ତ ଥିବାର ଦେଖେଇ ହୁଅନ୍ତୁ । ଏହାପରେ କିଛି ନା କିଛି କାମର ବାହାନା କରି ତାଙ୍କ ପାଖରୁ ଚାଲି ଆସନ୍ତୁ । ବାରମ୍ବାର ଏପରି ବ୍ୟବହାର କରିବା ଫଳରେ ସେ ଆପେ ଆପେ ବୁଝିଯିବେ କି ଆପଣ ତାଙ୍କ ସହିତ ବେଶି ସମୟ କଥାବାର୍ତ୍ତା ହେବାକୁ ଚାହୁଁନାହାନ୍ତି । କଥାର କିଛି ଉତର ମିଳିଲେ ହିଁ ଜଣେ ଅନ୍ୟଜଣଙ୍କ ସହିତ କଥା ହୋଇଥାନ୍ତି । ନଚେତ କଥାବର୍ତ୍ତାର ମଜା ଆସେନି । ତେଣୁ ଓଭର ଫ୍ରେଣ୍ଡଲି ଲୋକଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ଆପଣ ଖୁବ କମ କଥାର ଉତର ଦିଅନ୍ତୁ ସବୁ କଥାର ଉତର ଦିଅନ୍ତୁ ନାହିଁ । ଫଳରେ ଓଭର ଫ୍ରେଣ୍ଡଲି ବନ୍ଧୁଜଣଙ୍କ ତାଙ୍କ କଥା କହିବାର ମଜା ପାଇପାରିବ ନାହିଁ । ନିଜ କଥାକୁ ଅଧିକ ଗପିବାର ଚେଷ୍ଟା କରି ବିଫଳ ହେବେ ଓ ସେହି ସ୍ଥାନରୁ ଚାଲିଯିବେ । ବ୍ୟକ୍ତି ମାନଙ୍କ ସହିତ ବେଶି କଥାବାର୍ତ୍ତା କରନ୍ତୁ ନାହିଁ । କେବଳ ତାଙ୍କ କଥା ଶୁଣି ସେହି ଅନୁସାରେ ନିହାତି ଆବଶ୍ୟକ ହେଲେ କିଛି କୁହନ୍ତୁ । ବେଳେ ବେଳେ ଏଭଳି ବ୍ୟକ୍ତିମାନେ ଅଧିକ କଥା କହି ଆପଣଙ୍କ ଠାରୁ କିଛି ଶୁଣିବା ପାଇଁ ଚାହାନ୍ତି ଓ ପର ମୁହୂର୍ତ୍ତରେ ଆପଣଙ୍କ କଥାକୁ ଅନ୍ୟ ମାନଙ୍କ ଆଗରେ ଭୁଲ ଉପସ୍ଥାପନା କରି ମଜା ନିଅନ୍ତି । ତେଣୁ କମ କଥା ହେଲେ ତାଙ୍କୁ ସେଭଳି ମଉକା ମିଳିବା ନାହିଁ ।

ବଡଦା, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୮୮୯୫୨୯୬୧୬୭

ଆର୍‌କେ ନାରାୟଣ

।। ଡଃ.ଅରୁନ୍ଧତୀ ଦେବୀ ।।

ଆର୍.କେ.ନାରାୟଣ ପୁରା ନାମ ରସିପୁରମ୍ କ୍ରୀଷ୍ଣସ୍ୱାମୀ ଆୟର୍ ନାରାୟଣସ୍ୱାମୀ ୧୯୦୬ ମସିହା ଆଜିର ଦିନରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ଭାରତୀୟ ଲେଖକ ଥିଲେ ଯିଏ ନିଜର ଉନ୍ନତ କାଳ୍ପନିକ 'ମାଲଗୁଡ଼ି'ର ରଚନା ପାଇଁ ବିଶ୍ୱବିଖ୍ୟାତ । 'ମାଲଗୁଡ଼ୀ ଡେଜ୍' ଭାବରେ ତାଙ୍କ ଧାରାବାହିକ କାହାଣୀ ଗୁଡ଼ିକ ଏପରି ଜୀବନ୍ୟାସ ପାଇଥିଲେ ଯେ ତାହା ସମ୍ପୂର୍ଣ୍ଣ ଭାବେ ଜୀବନ୍ତ ଲାଗୁଥିଲା ଏବଂ ଦୂରଦର୍ଶନର ଲମ୍ବା ଧାରାବାହିକ ଭାବେ ମାଲଗୁଡ଼ୀ ଡେଜ୍ ପ୍ରଚୁର ଦର୍ଶନୀୟ ଆଦୃତି ପାଇଥିଲା । ସେ ସମୟର ପ୍ରସିଦ୍ଧ ତିନି ଇଂରାଜୀ ସାହିତ୍ୟିକଙ୍କ ମଧ୍ୟରେ ସେ ଥିଲେ ଜଣେ । ନାରାୟଣ ଜଣେ ଉଚ୍ଚକୋଟୀର ଆର୍ଥିକ ପରାମର୍ଶଦାତା ଭାବେ ସାହିତ୍ୟ ଏକାଡ଼େମୀରେ ଛାପ ଛାଡ଼ିଯାଇଛନ୍ତି । ପ୍ରସିଦ୍ଧ ପୁସ୍ତକ 'ଦି ଗାଇଡ୍'ର ରଚନା କରି ସେ ବେଶ୍ ଲୋକପ୍ରିୟତା ସାଉଁଟିଥିଲେ । ତାଙ୍କର ଅନେକ ବିଶ୍ୱସ୍ତରୀୟ ଲେଖନୀ ବୁକ୍ ସେଲର ସମ୍ମାନ ପାଇଛି । ଭାରତର ବିଭିନ୍ନ ପ୍ରାନ୍ତୀୟ ଭାଷାରେ ତାଙ୍କ ଲେଖା ବେଶ ଆଦୃତ ହୋଇଛି । ଏହାକୁ ନେଇ ଅନେକଥର ଫିଲ୍ମରେ ଉପଯୋଗ ମଧ୍ୟ କରାଯାଇଛି । ତାଙ୍କର ପ୍ରତିଟି ଲେଖାରେ କାଳ୍ପନିକ ଗ୍ରାମର ଝଲକ୍ ବାରି ହୋଇପଡୁଥାଏ । ନିଜ ଲେଖା ମାଧ୍ୟମରେ ମାନବ ସମାଜକୁ ଉଚିତ ମାର୍ଗ ଦର୍ଶନ କରିବାରେ ସେ ସହାୟ ହେଉଥିଲେ । ବାସ୍ତବିକ ଜୀବନର ଛୋଟ ଛୋଟ ଗତିବିଧିକୁ ନିଜ ରଚନାରେ ବର୍ଣ୍ଣିତ କରୁଥିଲେ । ଏଥିପାଇଁ ସେ ସାହିତ୍ୟ ଏକାଡ଼େମୀ ଆୱାର୍ଡ଼, ପଦ୍ମଭୂଷଣ, ପଦ୍ମବିଭୂଷଣ ଆଦି ଅନେକ ସମ୍ମାନରେ ସମ୍ମାନିତ ହୋଇଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

ଦରମା ସମାନ ହେଲେ, ସମାନ ଋଣ ମିଳେନା କାହିଁକି ?

।। ସୁକାନ୍ତ ଛାଟୋଇ ।।

ବର୍ତ୍ତମାନର ବଜାର ଦର, ଘର ଖର୍ଚ୍ଚ ଆଉ ଦରମା ଏସବୁ ଭିତରେ ନିରିଖେଇ ଦେଖିଲେ ଏହା ହିଁ ସତ୍ୟ ଯେ ବିଭିନ୍ନ ସାମଗ୍ରୀର ବଢ଼ି ଚାଲିଥିବା ମୁଦ୍ରାସ୍ଫୀତି ଚଳିବା କଷ୍ଟକର କରିଦେଲାଣି । ଜଣେ ସାଧାରଣ ଲୋକଟି କେବଳ ନିଜ ଦରମା ଉପରେ ଆସ୍ଥା, ଭରଷା ଓ ବିଶ୍ୱାସ କରି ଘର ପରିବାରର ସମସ୍ତ ଅଭାବ, ଅସୁବିଧା ଆଉ ଆବଶ୍ୟକତାକୁ ପୂରଣ କରିବା ସହଜ ହୋଇନି । ଏଭଳି ସ୍ଥିତିରେ ହିଁ ଅନେକ ଲୋକ ନିଜ ଦରକାର ସମୟରେ ଖର୍ଚ୍ଚ ମେଂଟାଇବା ପାଇଁ ବ୍ୟାଙ୍କରୁ ଋଣ ନେବାକୁ ଚାହିଁଥାନ୍ତି । ତେବେ ଋଣ ନେବାକୁ ଜଣେ ଇଛା କରୁଥିଲେ ମଧ୍ୟ ବ୍ୟାଙ୍କ ବ୍ୟବସ୍ଥାରେ ଅନେକ ନୀତି ନିୟମ ଓ ସରକାରୀ ତଥା ବ୍ୟାଙ୍କିଙ୍ଗ ବ୍ୟବସ୍ଥା ସହ ନିୟମ କାନୁନ ରହିଥାଏ । କିନ୍ତୁ ଲୋକମାନେ ପ୍ରାୟତଃ ଏକ ଧାରଣା ରଖିଥାନ୍ତି ଯେ ଦୁଇଜଣଙ୍କର ଦରମା ସମାନ ଥିଲେ ଉଭୟଙ୍କୁ ସମାନ ଋଣ ଅର୍ଥ ମିଳିବ । ତେବେ ସେଭଳି ଏହା ହୋଇନଥାଏ କାରଣ ବ୍ୟାଙ୍କ ଗୁଡ଼ିକ ଜଣଙ୍କର ଋଣ ଦରଖାସ୍ତ ଆବେଦନକୁ ମଞ୍ଜୁର କଲାବେଳେ କେବଳ ଦରମାକୁ ବିଚାର କରିନଥାନ୍ତି ବରଂ ଉଭୟ ଆବେଦନକାରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଦିଗର ମୂଲ୍ୟାୟନ କରି ଋଣ ପ୍ରଦାନ କରିଥାନ୍ତି । ବ୍ୟାଙ୍କ ଋଣ ମଞ୍ଜୁର କରିବା ପୂର୍ବରୁ ସର୍ବପ୍ରଥମେ ଆବେଦନକାରୀଙ୍କ ଚାକିରୀର ସ୍ଥିରତା ଦିଗକୁ ଦେଖିଥାନ୍ତି । ଆବେଦନକାରୀ ବର୍ତ୍ତମାନର ଚାକିରୀରେ କେତେ ବର୍ଷ ଧରି ଅଛନ୍ତି, ବ୍ୟାଙ୍କ ସେହି ଦିଗଟିକୁ ଭଲ ଭାବରେ ଅନୁଧ୍ୟାନ କରିଥାଏ । ଯଦି ଜଣେ ବ୍ୟକ୍ତି ଦୀର୍ଘ ସମୟ ଧରି ସମାନ କମ୍ପାନୀରେ କାମ କରୁଥାନ୍ତି ତେବେ ବ୍ୟାଙ୍କ ସେହି ବ୍ୟକ୍ତିଙ୍କର ଦରମା ଅଧିକ ସ୍ଥିର ଥିବା ବିବେଚନା କରିଥାଏ । ଏହାର ଅର୍ଥଟି ହେଉଛି ବାରମ୍ବାର ଚାକିରୀ ପରିବର୍ତ୍ତନ କରିଥିବା ବ୍ୟକ୍ତିଙ୍କ ଋଣ ପ୍ରଦାନ କଲାବେଳେ ବ୍ୟାଙ୍କ ନିଷ୍ପତ୍ତି ଆଗପଛ ବିଚାର କରିଥାଏ । ଚାକିରୀ କ୍ଷେତ୍ରର ଅସ୍ଥିରତାର ଚିତ୍ରକୁ ଦେଖି ବ୍ୟାଙ୍କ ଋଣ ମଞ୍ଜୁର ବିଚାର କରିଥାନ୍ତି । ସେହିପରି ଆଉ ଗୋଟିଏ ଦିଗ ହେଉଛି ଆବେଦନକାରୀଙ୍କ ସିବିଲ ସ୍କୋର । ଯଦି ଋଣ ଆବେଦନ କରୁଥିବା ବ୍ୟକ୍ତିଜଣଙ୍କର ସିବିଲ ସ୍କୋର ଭଲ ଥାଏ ତେବେ ସେ ବ୍ୟାଙ୍କର ଭରଷା ଯୋଗ୍ୟ ହୋଇଥାନ୍ତି ଏହାର ଅର୍ଥ ହେଉଛି ସେହି ବ୍ୟକ୍ତି ଜଣଙ୍କ ପୂର୍ବଋଣକୁ ସମୟ ସୀମା ମଧ୍ୟରେ ପରିଶୋଧ କରିଛନ୍ତି । ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଋଣ ଆବେଦନ ସମୟରେ ଜଣଙ୍କର ସିବିଲ ସ୍କୋର ଏକ ଭରଷା ଯୋଗ୍ୟ ଓ ସମ୍ମାନଜନକ କ୍ଷେତ୍ର । ଏଠାରେ ଆମେ ଆଉ ଟିକେ ସ୍ପଷ୍ଟ ବୁଝାଇ ଦେଉଛୁ । ସାଧାରଣରେ ୭୫୦ କିମ୍ବା ତାଠାରୁ ଅଧିକ ସ୍କୋରକୁ ଭଲ ବୋଲି ବିବେଚନା କରାଯାଏ । ଯଦି ଆପଣଙ୍କର ସ୍କୋର କମ, ତେବେ ବ୍ୟାଙ୍କ ଋଣ ଦେବାକୁ ମନା କରିପାରେ କିମ୍ବା ଆପଣ ଦରକାର କରୁଥିବା ଋଣ ମିଳି ନପାରେ ।

ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ବର୍ତ୍ତମାନର ଇଏମଆଇ । ଋଣ ଆବେଦନକାରୀଙ୍କ କ୍ଷେତ୍ରରେ ବ୍ୟାଙ୍କ ବିଚାର କରିଥାଏ ଯେ ଆପଣ ନେଇଥିବା ଋଣରେ କୌଣସି ଜିନିଷ କିଣାକିଣି କରିଛନ୍ତି କି ନାହିଁ । ସେହିପରି ଆପଣଙ୍କର ବ୍ୟାଙ୍କ ଋଣ ଯଦି ଅଛି ତେବେ ପ୍ରତି ମାସ ଆପଣ ଆପଣଙ୍କ ଦରମାରୁ କେତେ ଇଏମଆଇ ଦେଉଛନ୍ତି ତାକୁ ମଧ୍ୟ ବ୍ୟାଙ୍କ ବିଚାର କରିଥାଏ ଯଦି ଆପଣଙ୍କର ପୂର୍ବ ଋଣର ଇଏମଆଇ ଓ କ୍ରେଡିଟ କାର୍ଡ଼ ବାଲାନ୍ସ ଅଛି ତେବେ ବ୍ୟାଙ୍କ ଏହି ବିଶ୍ୱାସ କରିବ ଯେ ଆପଣଙ୍କର ଋଣ ପରିଶୋଧ କରିବା କ୍ଷମତା କମ ଓ ଆପଣ ଋଣ ପାଇବା କଷ୍ଟକର ହୋଇପାରେ । ଏହି କାରଣରୁ ସମାନ ଦରମା ଥିବା ଦୁଇଜଣ ବ୍ୟକ୍ତିଙ୍କୁ ବ୍ୟାଙ୍କ ସମାନ ଋଣ ପ୍ରଦାନ କରିନଥାଏ ।

ଆପଣ ସରକାରୀ ଚାକିରିଆ ହୁଅନ୍ତୁ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ ବେସରକାରୀ ସଂସ୍ଥାର । ଋଣ ଆବେଦନ କରିବା ପୂର୍ବରୁ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦିଅନ୍ତୁ । ଆପଣ ଋଣ ପାଇଁ ବିଚାର କରିବା ପୂର୍ବରୁ ସର୍ବପ୍ରଥମେ ଆପଣଙ୍କର କ୍ରେଡିଟ ସ୍କୋର ଯାଂଚ କରନ୍ତୁ । ଏକାଥରକେ ଅନେକ ବ୍ୟାଙ୍କରୁ ଋଣ ପାଇଁ ଆବେଦନ କରନ୍ତୁ ନାହିଁ । ଆମ ଓଡ଼ିଆରେ ଏକ କଥା ଅଛି - 'ଯେତିକି ଚୁନା ସେତିକି ପିଠା' । ଅର୍ଥାତ୍ ଆପଣଙ୍କର ଦରମାକୁ ଦେଖି ଆପଣଙ୍କର ମାସିକ ଇଏମଆଇ ନିର୍ଦ୍ଧାରଣ କରନ୍ତୁ । କାରଣ ଘରଭଡ଼ା ହେଉ ବା ଘରର ଆନୁସଙ୍ଗିକ ଯାବତୀୟ ଖର୍ଚ୍ଚ ଏହା ଭିତରେ ପିଲାମାନଙ୍କ ପାଠପଢ଼ା ନିଜର ହେଉ ବା ଅନ୍ୟ କାହାଙ୍କର ସ୍ୱାସ୍ଥ୍ୟଗତ ଖର୍ଚ୍ଚ ମଧ୍ୟ ଏକ ଘରୋଇ ବଡ଼ ଖର୍ଚ୍ଚ । ଏ ସବୁକୁ ବିଚାର କରି ଋଣ ଆବେଦନ କରିବା ଦିଗ ଚିନ୍ତା କରନ୍ତୁ । ଋଣ ନେବା ପୂର୍ବରୁ ବ୍ୟାଙ୍କ ବ୍ୟବସ୍ଥାର ଥିବା ସମସ୍ତ ନିୟମ କାନୁନ ପଢ଼ନ୍ତୁ । ହଁ, ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭିନ୍ନ ବେନାମୀ ଓ ଫ୍ରଡ୍ ସଂସ୍ଥାମାନେ ଆପଣଙ୍କୁ ଋଣ ପାଇଁ ଭ୍ରମିତ କରିପାରନ୍ତି । ସେହିପରି ମୋଟା ସୁଧ ନେଉଥିବା ଅନେକ ଜୁଲମକାରୀ ଅର୍ଥଲଗାଣକାରୀ ସଂସ୍ଥା ମଧ୍ୟ ରହିଛନ୍ତି । ସେମାନଙ୍କ ଠାରୁ ଋଣ ନେବା ପୂର୍ବରୁ ଶହେଥର ଚିନ୍ତା କରନ୍ତୁ । ବ୍ୟାଙ୍କରୁ ଋଣ ନେବା ସମୟରେ କୌଣସି ଝାମେଲା ଓ ପରବର୍ତ୍ତୀ ସମୟର ଅଯଥା ମନସ୍ତାପରୁ ଦୂରେଇବା ପାଇଁ ଚାହୁଁଥିଲେ ସରକାରୀ ଓ ସରକାରୀ ବ୍ୟବସ୍ଥିତ ବ୍ୟାଙ୍କରୁ ହିଁ ଋଣ ନିଅନ୍ତୁ ।

ପୋପଡ଼ା, ନୂଆ ବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧

ମମତା ପ୍ରଧାନମନ୍ତ୍ରୀ ମାତୃତ୍ୱ ବନ୍ଧନ ଯୋଜନା ପ୍ରଶିକ୍ଷଣ ଶିବିର

ଜି.ଉଦୟଗିରି, ୧୩/୧୦ (ଆ.ପ୍ର) : ଜି.ଉଦୟଗିରି ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ସ୍ଥାନୀୟ ବ୍ଲକ ରେ ଅଙ୍ଗନବାଡି ସୁପରଭାଇଜର ଓ କର୍ମୀ ମାନଙ୍କ ନିମନ୍ତେ ମମତା ପ୍ରଧାନମନ୍ତ୍ରୀ ମାତୃତ୍ୱ ବନ୍ଧନ ଯୋଜନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ସ୍ଥାନୀୟ ବ୍ଲକର ୩ ଜଣ ସୁପରଭାଇଜର ଓ ୫୮ ଜଣ ଅଙ୍ଗନବାଡି କର୍ମୀ ଯୋଗ ଦେଇ ମାତୃତ୍ୱ ଯୋଜନା ବିଷୟରେ ପ୍ରଶିକ୍ଷଣ ନେଇଥିଲେ । ମା ଓ ଶିଶୁର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ, ଗର୍ଭବତୀ ଓ ପ୍ରସୂତି ସମ୍ବନ୍ଧୀୟ ସରକାରୀ ସହାୟତା ହିତାଧିକାରୀଙ୍କ ନିକଟରେ ପହଂଚାଇବା ଓ ଯୋଜନାର ସଠିକ ସମ୍ପାଦନା ନେଇ ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ସିଡିପିଓ କଳ୍ପନା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରର ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ମମତା ଯୋଜନା ପିଏ ସୂର୍ଯ୍ୟନାରାୟଣ ମହାରଣା ପରିଚାଳନା କରିଥିଲେ ଶେଷରେ ଉର୍ବଶୀ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ ।

ଚର୍ଚ୍ଚାରେ ସମାଜସେବୀ ଇଲେକ୍ଟ୍ରିକାଲ୍ ଡିପ୍ଲୋମାଧାରୀ କିନ୍ନର

ଚୌଦ୍ୱାର, ୧୩/୧୦ (ଆ.ପ୍ର) : ସମାଜରେ କିନ୍ନର ସମ୍ପ୍ରଦାୟକୁ ନେଇ ଅନେକ ସମୟରେ ନକାରାତ୍ମକ ଧାରଣା ଦେଖିବାକୁ ମିଳେ । ହେଲେ ସେହି ଧାରଣାକୁ ନିଜ କର୍ମ ଓ ସେବା ମାଧ୍ୟମରେ ବଦଳାଇବାରେ ସଫଳ ହୋଇଛନ୍ତି ସଞ୍ଜୁ । ଜଣେ କିନ୍ନର ହୋଇ ମଧ୍ୟ ସେ ଆଜି ଅନେକ ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଇଲେକ୍ଟ୍ରିକାଲ୍ ଡିପ୍ଲୋମାଧାରୀ ଜଗତସିଂହପୁର ସ୍ଥିତ ବାବା ଗୋରେଖନାଥ ଅଂଚଳର ସଞ୍ଜୟ, ସେ ଏବେ ସଞ୍ଜୁ ନାମ ରେ ନୂତନ ପରିଚୟରେ ଜଗତପୁରରେ ରହି ଆତ୍ମ ସ୍ୱାବଲମ୍ବି ହୋଇପାରିଛନ୍ତି । ସେ ଦୀର୍ଘ ୧୫ ବର୍ଷ ଧରି ଅଧ୍ୟାପନା କ୍ଷେତ୍ରରେ କାର୍ଯ୍ୟ କରିଥିଲେ । କିନ୍ତୁ କେବଳ ପେଶାଗତ ସଫଳତାରେ ସୀମିତ ନରହି ସେ ନିଜ ଜୀବନକୁ ସମାଜସେବା ପାଇଁ ଉତ୍ସର୍ଗ କରିଛନ୍ତି । ରକ୍ତଦାନ ଶିବିର ଆୟୋଜନ, ରୋଗୀଙ୍କ ସେବା, ଅସହାୟ ଓ ଦରିଦ୍ର ଲୋକଙ୍କୁ ସହାୟତା, ସାମାଜିକ ସଚେତନତା କାର୍ଯ୍ୟକ୍ରମ ଏବଂ ବିଭିନ୍ନ ମାନବିକ କାର୍ଯ୍ୟରେ ସେ ସକ୍ରିୟ ଭାବେ ଜଡିତ । କୌଣସି ରୋଗୀଙ୍କୁ ରକ୍ତର ଆବଶ୍ୟକତା ପଡ଼ିଲେ କିମ୍ବା କୌଣସି ପରିବାର ସମସ୍ୟାରେ ପଡ଼ିଲେ ସଞ୍ଜୁ ସାହାଯ୍ୟର ହାତ ବଢ଼ାଇବାକୁ ସର୍ବପ୍ରଥମେ ଆଗକୁ ଆସୁଥିବାର ଅଂଚଳରେ ଚର୍ଚ୍ଚା ଜୋର ଧରିଛି । ଘରୋଇ କାମଠାରୁ ଆରମ୍ଭ କରି ସାମାଜିକ ଦାୟିତ୍ୱ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର ସକ୍ରିୟ ଭୂମିକା ତାଙ୍କୁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ବର୍ତ୍ତମାନ ବିଭିନ୍ନ ଅଂଚଳରେ ସମାଜ ସେବୀ ସଞ୍ଜୁଙ୍କ ନାମ ଚର୍ଚ୍ଚାରେ ରହିଛି । ତାଙ୍କର ମାନବିକତା, ସରଳ ଜୀବନଶୈଳୀ ଓ ନିସ୍ୱାର୍ଥପର ସେବା ମନୋଭାବ ପାଇଁ ଅନେକ ସାମାଜିକ ସଂଗଠନ ଓ ସାଧାରଣ ଲୋକ ପ୍ରଶଂସା କରୁଛନ୍ତି । "ମଣିଷର ପ୍ରକୃତ ପରିଚୟ ତାଙ୍କର ଲିଙ୍ଗ କିମ୍ବା ରୂପରେ ନୁହେଁ, ବରଂ ତାଙ୍କର କର୍ମ ଓ ସମାଜ ପ୍ରତି ଅବଦାନରେ ରହିଥାଏ ବୋଲି ସଞ୍ଜୁ କହି ରଖିଛନ୍ତି । ସେ ନିଜ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଯେତିକି ସମ୍ଭବ ସେ ଲୋକଙ୍କ ସେବା ଜାରି ରଖିବେ ବୋଲି କହି ରଖିଛନ୍ତି । ସଞ୍ଜୁଙ୍କ କାହାଣୀ ଏହି ବାର୍ତ୍ତା ଦେଉଛି ଯେ ମାନବିକତା, ସେବା ଓ ସମର୍ପଣ ହିଁ ଜଣେ ମଣିଷକୁ ସମାଜରେ ସମ୍ମାନିତ କରିଥାଏ । ସମାଜରେ ପରିବର୍ତ୍ତନ ଆଣିବାକୁ ବଡ଼ ପଦବୀ ନୁହେଁ, ବରଂ ଭଲ ହୃଦୟ ଏବଂ ସୁନ୍ଦର୍ ଚିନ୍ତାଧାରାର ଆବଶ୍ୟକତା ରହିଥାଏ ।



ଖୋର୍ଦ୍ଧା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଠାରେ ଆଦର୍ଶ ଯୁବ ଗ୍ରାମସଭା ଅନୁଷ୍ଠିତ

ଖୋର୍ଦ୍ଧା, ୧୩/୧୦ (ଆ.ପ୍ର) : ପି.ଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ, ଗୁରୁଜଙ୍ଗ, ଖୋର୍ଦ୍ଧାରେ ବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଭୋଳଙ୍କ ପୌରୋହିତ୍ୟରେ ଆଦର୍ଶ ଯୁବ ଗ୍ରାମସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲୋକତନ୍ତ୍ରର ପାଠଶାଳା କୁହାଯାଉଥିବା ଗ୍ରାମସଭାର ମହତ୍ୱ ବିଷୟରେ ବିଭିନ୍ନ ବକ୍ତା ମତବ୍ୟକ୍ତ କରିଛନ୍ତି । ମୁଖ୍ୟ ଅତିଥି ରୂପେ ଢ଼ିଆ ଗ୍ରାମ ପଂଚାୟତ, ଟାଙ୍ଗୀର ସରପଂଚ ପ୍ରଶାନ୍ତ କୁମାର ବେହେରା ଛାତ୍ରଛାତ୍ରୀମାନଙ୍କୁ ସଂସାରର ସର୍ବବୃହତ ଗଣତନ୍ତ୍ର, ଆମଦେଶର ଅନନ୍ୟ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ । ଲୋକତନ୍ତ୍ରର ଏକ୍ଟିଭିଷ୍ଟ ଶାଳରୁ ଲୋକତାନ୍ତ୍ରିକ ମୂଲ୍ୟବୋଧ ଶିକ୍ଷାକରି ଜୀବନରେ ଏବଂ ଦେଶରେ ସୁନାଗରିକ ହେବାପାଇଁ ଆହ୍ୱାନ ଦେଇଛନ୍ତି । ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ପ୍ରଭାରୀ ପ୍ରାଚାର୍ଯ୍ୟ ନୃସିଂହ ଚରଣ ଚକ୍ର ପିଲାମାନଙ୍କୁ ଲୋକତନ୍ତ୍ରର ରକ୍ଷାକାରୀ ବୋଲି ଅଭିହିତ କରିଥିଲେ । ମୁଖ୍ୟବକ୍ତା ରୂପେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜ୍ୟୋତି ଶଙ୍କର ମହାଲିକ ଏହି ଭଳି କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାର୍ଥୀମାନଙ୍କର କହିବା, ଶୁଣିବା ଏବଂ ପରିପ୍ରକାଶ କରିବାର ପ୍ରତିଭା ବଢିଥାଏ ବୋଲି କହିଥିଲେ । ଛାତ୍ରଛାତ୍ରୀମାନଙ୍କର ନିଖୁଣ ଅଭିନୟକୁ ପ୍ରସଂଶା କରିବା ସହ ଆବଶ୍ୟକ ସୁଧାର ବିଷୟରେ ମୁଖ୍ୟ ଅତିଥି ଆଶୀର୍ବାଦ ଛଳରେ କହିଥିଲେ । ବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଅଧ୍ୟାପକ ସଞ୍ଜୟ କୁମାର ବେହେରା କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ । ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

ମଙ୍ଗଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ଉପରେ ବିଜୁ ଛାତ୍ର ଜନତା ଦଳ ଚାପ ପକାଉଥିବା ଅଭିଯୋଗ

କାକଟପୁର, ୧୩/୧୦ (ଆ.ପ୍ର) : କାକଟପୁରସ୍ଥିତ ମଙ୍ଗଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଉପରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଚାପ ପକାଯାଉଥିବା ନେଇ ଏବିଭିପି କାର୍ଯ୍ୟକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି । ଏହି ସମ୍ପର୍କିତ ଘଟଣା ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ନେଇ ମଧ୍ୟ ସେମାନେ ଦାବି କରିଛନ୍ତି । ଏହି ଘଟଣାକୁ ନେଇ କଲେଜ ପରିସରରେ ଛାତ୍ର ରାଜନୀତି ଓ ନିର୍ବାଚନୀ ପରିବେଶକୁ ନେଇ ଚର୍ଚ୍ଚା ଜୋର ଧରିଛି । ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର ସୁରକ୍ଷିତ ରହିବା ସହ ନିର୍ବାଚନ ପ୍ରକ୍ରିୟା ନିରପେକ୍ଷ, ସ୍ୱଚ୍ଛ ଓ ଚାପମୁକ୍ତ ଭାବେ ପରିଚାଳିତ ହେବା ଉଚିତ ବୋଲି ଏବିଭିପି କାର୍ଯ୍ୟକର୍ତ୍ତାମାନେ ମତ ରଖିଛନ୍ତି । ତେବେ ଏହି ଅଭିଯୋଗ ସମ୍ପର୍କରେ ବିଜୁ ଛାତ୍ର ଜନତାଦଳ ପକ୍ଷର ପ୍ରତିକ୍ରିୟା ଏବଂ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଅଧିକାରିଙ୍କ ପ୍ରତିକ୍ରିୟା ମିଳି ନଥିବାବେଳେ ପ୍ରତିକ୍ରିୟା ପରେ ଘଟଣାର ପ୍ରକୃତ ସ୍ଥିତି ସ୍ପଷ୍ଟ ହୋଇପାରିବ ।

ବରାଳିନୀ ମାର୍କେଟରେ ଗଜଲକ୍ଷ୍ମୀ ପୂଜା ପାଇଁ ଶୁଭଖୁଂଟି ସ୍ଥାପନ

ଜି.ଉଦୟଗିରି, ୧୩/୧୦ (ଆ.ପ୍ର) : ଜି.ଉଦୟଗିରି ବରାଳିନୀ ମାର୍କେଟ ପୂଜା କମିଟି ତରଫରୁ ଚଳିତ ବର୍ଷ ମାଁ ଗଜଲକ୍ଷ୍ମୀ ପୂଜା ପାଇଁ କମିଟି ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅସ୍ଥାୟୀ ପୂଜା ମଣ୍ଡପରେ ଶୁଭଖୁଂଟି ସ୍ଥାପନ କରାଯାଇଛି । ଚଳିତ ମାସ ୨୫ ତାରିଖରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମ ରେ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟା ବେଳେ ବରିଷ୍ଠ ପୁରୋହିତ ସୁଧାଂଶୁ ଆଚାର୍ଯ୍ୟ ଓ ସଞ୍ଜୟ ଆଚାର୍ଯ୍ୟଙ୍କ ଦ୍ୱାରାରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି ମାଁଙ୍କ ଅସ୍ଥାୟୀ ପୂଜା ମଣ୍ଡପରେ ଶୁଭଖୁଂଟି ସ୍ଥାପନ କରାଯାଇଛି । ଏହି ଅବସରରେ କର୍ତ୍ତା ଭାବେ ଦଣ୍ଡପାଣି ପାଢ଼ୀ ଦାୟିତ୍ୱ ନିର୍ବାହ କରିଥିଲେ । କମିଟି ଉପସଭାପତି ବଳରାମ ଡାକୁଆ, ଆକାଶ କୁମାର ନାୟକ ସମ୍ପାଦକ ପିତାମ୍ବର ସାହୁ,ସହ ସମ୍ପାଦକ ଚିନ୍ମୟ କୁମାର ସେଠୀ,ଯୁଗ୍ମ ସମ୍ପାଦକ ଅନୁରାଗ ଗୌଡ଼, କୋଷାଧକ୍ଷ ଶେଖର ପରିଛା, କାର୍ଯ୍ୟକାରୀ ସଦସ୍ୟ ଅରୁଣ କୁମାର ଷଡଙ୍ଗୀ, ବାଟକୃଷ୍ଣ ଦାସ, ଜଗନ୍ନାଥ ନାୟକ, ଚନ୍ଦ୍ରଶେଖର ପାଢ଼ୀ, ଚିନ୍ତାମଣୀ ଡାକୁଆ, ବି ମନୋଜ ପାତ୍ର, ପ୍ରମୋଦ ନାୟକ,ଲିଟୁ ସାହୁ, ସୁକାନ୍ତ କୁମାର ପାଣିଗ୍ରାହୀ, ନୀଳମାଧବ ପତି,ଶାନ୍ତନୁ ସାହୁ, ଅଧୀର ନାୟକ, ଭୁପେଶ ନାୟକ, ଆଲୋକ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।୨୮ ତାରିଖ ଦିନ ମାଁଙ୍କ ବିଗ୍ରହ ବିସର୍ଜନ ହେବା ନେଇ ସୂଚନା ମିଳିଛି । ପୂଜା ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟ ଓ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗ କାମନା କରିଛନ୍ତି କମିଟି ସଭାପତି ।

ଭଦ୍ରକରେ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ରଙ୍ଗୋଲି ରାଷ୍ଟ୍ର' କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ, ୧୩/୧୦ (ଆ.ପ୍ର) : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ଜନସେବାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା 'ସେବା ସଂକଳ୍ପ ଅଭିଯାନ'ର ଅଂଶବିଶେଷ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'ରଙ୍ଗୋଲି ରାଷ୍ଟ୍ର' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସମବାୟ ବିଭାଗ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ହସ୍ତତନ୍ତ ବୁଣାକାର, ହସ୍ତଶିଳ୍ପ କାରିଗର ଓ ଚାଷୀ ଯୋଗଦେଇଥିଲେ । ସମସ୍ତେ ମିଳିତ ଭାବେ ବିଭିନ୍ନ ରଙ୍ଗ, ଫୁଲ ଓ ପତ୍ରର ବ୍ୟବହାର କରି ଏକ ଆକର୍ଷଣୀୟ ରଙ୍ଗୋଲି ଅଙ୍କନ କରିଥିଲେ । ଏହି ସୃଜନଶୀଳ ପ୍ରୟାସ ମାଧ୍ୟମରେ ସାମୂହିକ ସହଭାଗିତା ଓ ଜନସେବାର ଭାବନାକୁ ପ୍ରତିଫଳିତ କରାଯାଇଥିଲା । କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା । ବିଶେଷ କରି ବୁଣାକାର ଓ ହସ୍ତଶିଳ୍ପ କାରିଗରଙ୍କ ଆର୍ଥିକ ଓ ବୃତିଗତ ବିକାଶକୁ ଗୁରୁତ୍ୱ ଦେଇ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବିକାଶ ଯୋଜନା' ଏବଂ 'ମୁଖ୍ୟମନ୍ତ୍ରୀ ହସ୍ତଶିଳ୍ପୀ ଅଭିବୃଦ୍ଧି ଯୋଜନା' ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ବିସ୍ତୃତ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ଜଗବନ୍ଧୁ ସାହୁ, ଭଦ୍ରକ ଉପନିବନ୍ଧକ ସମବାୟ ସମିତି ଦୁଃଖିଆ ଟୁଡୁ, ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ର, ବାଲେଶ୍ୱର କାର୍ଯ୍ୟାଳୟର ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ତଥା ଏସ୍‌ଏଆର୍‌ସିଏସ୍ ତାରିଣୀ ପ୍ରସାଦ ଛାଟୋଇ, ବୟନ ନିରୀକ୍ଷକ ସିଦ୍ଧାର୍ଥ ମୋହନ ପଣ୍ଡା ଏବଂ ବୈଷୟିକ ସହାୟକ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ବୁଣାକାର, ହସ୍ତଶିଳ୍ପ କାରିଗର ଓ ଚାଷୀଙ୍କୁ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କ ଜୀବିକା ଓ ଦକ୍ଷତାର ବିକାଶ ଦିଗରେ ଏଭଳି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚିତ ହୋଇଛି ।

୧୧ ଦିନ ଧରି ପାନୀୟ ଜଳ ନିମନ୍ତେ ହନ୍ତସନ୍ତ ହେଉଛନ୍ତି ଜଗନ୍ନାଥପ୍ରସାଦ ଗ୍ରାମର ବାସିନ୍ଦା

ଖଣ୍ଡପଡା, ୧୩/୧୦ (ଆ.ପ୍ର) : ଖଣ୍ଡପଡା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ଗ୍ରାମର ବାସିନ୍ଦା ଗତ ୧୧ ଦିନ ଧରି ପାନୀୟ ଜଳ ମୁନ୍ଦାଏ ସଂଗ୍ରହ ନିମନ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ପାନୀୟଜଳ ଯୋଗାଣ ପ୍ରକଳ୍ପ ସଂଲଗ୍ନ ବିଦ୍ୟୁତ ଟ୍ରାନ୍ସଫର୍ମରଟି ପୋଡି ଯାଇଥିବାରୁ ପାଇପ ଲାଇନ ଯୋଗେ ପାନୀୟଜଳ ଯୋଗାଣ ବନ୍ଦ ରହିଥିବା ଜଣାପଡିଛି । ଏକ ନୂତନ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବାରୁ ପାନୀୟଜଳ ଯୋଗାଣ ପ୍ରକଳ୍ପଟି ଅଚଳ ହୋଇ ପଡିଥିବା ବେଳେ ଗ୍ରାମର ବିଭିନ୍ନ ସ୍ଥାନରେ ଅବସ୍ଥିତ ନଳକୂପ ଗୁଡିକର ପାଣି ପାନୀୟ ଉପଯୋଗୀ ହୋଇନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମର ଜନସାଧାରଣ ବାଧ୍ୟ ହୋଇ ଏବେ ଆଖପାଖ ଅଂଚଳରେ ଅବସ୍ଥିତ ଜଳଉତ୍ସ ଗୁଡିକରୁ ପାନୀୟ ଜଳ ସଂଗ୍ରହ କରି ବ୍ୟବହାର କରୁଥିବା ଜଣାପଡିଛି । ଏ ସଂପର୍କରେ ବ୍ଲକ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କ ସହ ଯୋଗାଯୋଗ କରିବାରେ ପୂର୍ବରୁ ଖରାପ ଥିବା ବିଦ୍ୟୁତ ଚାଳିତ ମୋଟର ପମ୍ପକୁ ମରାମତି କରାଯାଇ ଥିବା ବେଳେ ପରବର୍ତ୍ତୀ ସମୟରେ ପାନୀୟଜଳ ପ୍ରକଳ୍ପ ନିମନ୍ତେ ଉଦ୍ଦିଷ୍ଟ ବିଦ୍ୟୁତ ଟ୍ରାନ୍ସଫର୍ମରଟି ପୋଡିଯାଇ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ସେ ସୂଚନା ଦେବା ସହ ଖୁବଶୀଘ୍ର ସମସ୍ୟାର ସମାଧାନ ଦିଗରେ ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି । ଏଥିପ୍ରତି ନୟାଗଡ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ଓ ବିଦ୍ୟୁତ ବିତରଣ କମ୍ପାନୀ (ଟିପିସିଓଡିଏଲ) ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

ଜିଲ୍ଲାସ୍ତରୀୟ କବାଡ଼ି ପ୍ରତିଯୋଗିତାର ଦ୍ୱିତୀୟ ଦିନ

ପାତ୍ରପୁର, ୧୩/୧୦ (ଆ.ପ୍ର) : ଗଞ୍ଜାମ ଜିଲ୍ଲାର ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ବାଳକ ବର୍ଗରେ ଶେରଗଡ଼ ଦଳ ଚାମ୍ପିୟନ ହୋଇଥିବା ବେଳେ ବାଳିକା ବର୍ଗରେ ରଙ୍ଗେଇଲୁଣ୍ଡା ଦଳ ବିଜୟୀ ହୋଇ ଟ୍ରଫି ହାସଲ କରିଛି । ପାତ୍ରପୁର ବ୍ଲକ ଅନ୍ତର୍ଗତ ସାମନ୍ତିଆପଲ୍ଲୀସ୍ଥିତ ମହନ୍ତଶ୍ରୀ ପରାଙ୍କୁଶ ବିଦ୍ୟାପୀଠ ପରିସରରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଜିଲ୍ଲାର ୨୨ଟି ବ୍ଲକରୁ ବାଳକ ଓ ବାଳିକା ବର୍ଗରେ ୨୨ଟି ଲେଖାଏଁ ଦଳ ଅଂଶଗ୍ରହଣ କରିଥିଲେ । ବାଳିକା ବର୍ଗରେ ରଙ୍ଗେଇଲୁଣ୍ଡା ଓ ହିଞ୍ଜିଳିକାଟୁ ଦଳ ଫାଇନାଲ୍‌ରେ ପହଂଚିଥିଲେ । ଫାଇନାଲ୍ ମ୍ୟାଚ୍ ?ରେ ରଙ୍ଗେଇଲୁଣ୍ଡା ଦଳ ବିଜୟୀ ହୋଇ ଟ୍ରଫି ହାତେଇଥିଲା । ସେହିପରି ବାଳକ ବର୍ଗରେ ଶେରଗଡ଼ ଓ ଧରାକୋଟ ଦଳ ମଧ୍ୟରେ ଫାଇନାଲ୍ ମୁକାବିଲା ହୋଇଥିଲା । ଏଥିରେ ଶେରଗଡ଼ ଦଳ ବାଜିମାତ କରି ଚାମ୍ପିୟନ ହୋଇଥିଲା । ଦ୍ୱିତୀୟ ଦିନର କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଇଓ ସୀତାରାମ ପାତ୍ର, ଏବିଇଓ ସୀମାଂଚଳ ପାଇକ, ଜନାର୍ଦ୍ଦନ ସାହୁଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅତିଥିମାନେ ବିଜୟୀ ଦଳଗୁଡ଼ିକୁ ଟ୍ରଫି ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଦିନ ୧୭ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗିତା ଶେଷ ହୋଇଥିବା ବେଳେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

ଗାଁରେ ପ୍ରଶାସନ ଓ ଆପତି ଅଭିଯୋଗ ଶିବିର

ଦଶପଲ୍ଲା, ୧୩/୧୦ (ଆ.ପ୍ର) : ଗ୍ରାମାଂଚଳ ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟାର ତ୍ୱରିତ ସମାଧାନ ଉଦ୍ଦେଶ୍ୟରେ ଦଶପଲ୍ଲା ବ୍ଲକ ପ୍ରଶାସନ ପକ୍ଷରୁ ଦୁଡ଼ା ପଂଚାୟତଠାରେ ଏକ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକଙ୍କ

ପୌରୋହିତ୍ୟରେ ଆୟୋଜିତ ଏହି ଶିବିରରେ ଗ୍ରାମ ପଂଚାୟତ ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତନୁଜା ସ୍ୱାଇଁ, ସ୍ଥାନୀୟ ସରପଂଚ ଭବାନୀ ବାନା କହଁର, ସମିତି ସଭ୍ୟା ସ୍ୱର୍ଣ୍ଣଲତା କହଁର ଏବଂ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଗୁହାରି ଶୁଣିଥିଲେ । ଏଥିସହ ଲାଇନ ଡିପାର୍ଟମେଂଟର ବହୁ ସରକାରୀ ପଦାଧିକାରୀ ମଧ୍ୟ ଉପସ୍ଥିତ ଥିଲେ । ଦିନତମାମ ଚାଲିଥିବା ଏହି ଶିବିରରେ ମୋଟ ୭୧ଟି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା । ଏଥିମଧ୍ୟରୁ ଗ୍ରାମୀଣ ଆବାସ ଯୋଜନା ୭ଟି, ବସୁନ୍ଧରା ଯୋଜନା ୬ଟି, ସାମାଜିକ ସୁରକ୍ଷା ପେନସନ ୫ଟି, ବିଦ୍ୟାଳୟ ସମସ୍ୟା ୫ଟି, ବିଦ୍ୟୁତ ସମସ୍ୟା ୩ଟି, ଖାଉଟି କାର୍ଡ ୧ଟି, ଜମିଜମା ବିବାଦ ୧ଟି ଓ ଅନ୍ୟାନ୍ୟ ଜନସମସ୍ୟା ୩୯ଟି ଅଭିଯୋଗ ଆସିଥିବା ବେଳେ ୫ଟି ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା । ବାକି ୬୬ଟି ଆବେଦନ ଉପରେ ଯଥାଶୀଘ୍ର ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି ।

ମହିଳା ବିରୋଧୀ ମାନସିକତା ପ୍ରତିବାଦରେ ବିଜେପି ମହିଳା ମୋର୍ଚ୍ଚାର ବିଶାଳ ବିକ୍ଷୋଭ

ଜଗତସିଂହପୁର, ୧୩/୧୦ (ଆ.ପ୍ର) : ମଣିପୁର କଂଗ୍ରେସ ସାଂସଦଙ୍କ ନାମରେ ମହିଳା ବିରୋଧୀ ଅସଦାଚରଣ ମାମଲା ସାମ୍ନାକୁ ଆସିବା ଏବଂ ଏହି ଘଟଣାରେ ତାଙ୍କୁ ଜେଏନ୍‌ୟୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଯିବା ଘଟଣା ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କଂଗ୍ରେସ ଶୀର୍ଷ ନେତୃତ୍ୱଙ୍କ ନୀରବତା ସେମାନଙ୍କର ମହିଳା ବିରୋଧୀ ଚିନ୍ତାଧାରାକୁ ସ୍ପଷ୍ଟ ଭାବେ ପଦାରେ ପକାଇଛି । ଏହାର ତୀବ୍ର ବିରୋଧ କରି ଆଜି ଭାରତୀୟ ଜନତା ପାର୍ଟି ଜଗତସିଂହପୁର ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ମହାନ୍ତି ସର୍ଜନ ସିଂହଙ୍କ ନେତୃତ୍ୱରେ ଜଗତସିଂହପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ସିପି ଛକ ନିକଟରୁ ଶତାଧିକ ମହିଳା କର୍ମୀଙ୍କୁ ନେଇ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିଥିଲା । କଂଗ୍ରେସ ଦଳ ଏବଂ ଏହାର ଶୀର୍ଷ ନେତାମାନଙ୍କ ଦ୍ୱିମୁଖୀ ନୀତି ବିରୋଧରେ ନାରାବାଜି କରିବା ସହ ଉପସ୍ଥିତ ମହିଳା କାର୍ଯ୍ୟକର୍ତ୍ତାମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ବିବାଦୀୟ ମଣିପୁର ସାଂସଦଙ୍କ କୁଶପୁତଳିକା ଦାହ କରିଥିଲେ । ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ମହିଳା ନେତ୍ରୀ ଜିଲ୍ଲା ଉପସଭାପତି ତଥା ପ୍ରଭାରୀ ଗୀତାଞ୍ଜଳି ସାହୁ, ସହ ପ୍ରଭାରୀ ଦୀପ୍ତି ରେଖା ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ମାଧସ୍ମିତା ସେଠୀ, ତାପସୀ ମଲ୍ଲିକ, ଚନ୍ଦ୍ରକାନ୍ତି ପଲାଇ, ମାନସୀ ପଣ୍ଡା, ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ମନୋରମା ଦାସ, ରୀନାରାଣୀ ପଣ୍ଡା, ଶ୍ରଦ୍ଧାଞ୍ଜଳି ମାଂଦେଲି, ଅନୁସୟା ଲେଙ୍କା, ଶୈଳ ବାଲା ରାଉତ, ଇତିଶ୍ରୀ ସ୍ୱାଇଁ, ସୌଦାମିନୀ ନାୟକ,ଶୁଚିସ୍ମିତା ମହାନ୍ତି,, ଗୀତାଞ୍ଜଳି ବାରିକ, ଜ୍ୟୋତ୍ସ୍ନାରାଣୀ ବାରିକ ଏବଂ ସୋନାଲି ସାଇସ୍ମିତା ପରିଡ଼ାଙ୍କ ସମେତ ବହୁ ସଂଖ୍ୟାରେ ମହିଳା ମୋର୍ଚ୍ଚାର କର୍ମକର୍ତ୍ତା ଓ ସମର୍ଥକ ସାମିଲ ହୋଇ ନାରୀ ସୁରକ୍ଷା ଓ ସମ୍ମାନ ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ ।

ଭଲ ରାସ୍ତା ନାହିଁ ବୋଲି ଖଟିଆ ବୁହା ହୁଅନ୍ତି ରୋଗୀ
ପ୍ରଶାସନର ନଜର ପଡ଼ିବ କେବେ

ବଣାଇଁ, ୧୩/୧୦ (ଆ.ପ୍ର) : ସ୍ୱାଧୀନତାର ୮ ଦଶନ୍ଧି ପରେ ମଧ୍ୟ ଗାଁକୁ ଭଲ ରାସ୍ତାଟିଏ ନାହିଁ। ଫଳରେ ଦୀର୍ଘ ବର୍ଷ ଧରି ଯାତାୟାତର ହଟହଟାର ଦୁର୍ଦ୍ଦଶା ଭୋଗୁଛନ୍ତି ଗ୍ରାମବାସୀ। ଭଲ ରାସ୍ତା ନିର୍ମାଣ କରିବା ପାଇଁ ସରକାର ବହୁ ସଡକ ଯୋଜନା କରିଆସୁଥିଲେ ସୁଦ୍ଧା ସରକାରଙ୍କ ସବୁ ଯୋଜନା ଫେଲ ମାରିଛି। ସରକାର ତଥା ଜିଲ୍ଲା ପ୍ରଶାସନର ଅବହେଳା ଓ ଅଣଦେଖା ମନୋଭାବ ଯୋଗୁଁ ବିପର୍ଯ୍ୟସ୍ତ ହୋଇ ପଡିଛି ଜନଜୀବନ। ଏହି ସାହିକୁ ନା ରହିଛି ଭଲ ରାସ୍ତା ନା ମିଳୁଛି ଏଠାକାର ଲୋକଙ୍କୁ କୌଣସି ମୌଳିକ ସୁବିଧା ସୁଯୋଗ। ଏଭଳି ଏକ ଦୁରବସ୍ଥାର ଚିତ୍ର ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ୍ ଅନ୍ତର୍ଗତ ଖୁସଟଗାଁ ପଂଚାୟତର ସାଧୁବାହାଲ ଗ୍ରାମର ୧୩ ନମ୍ବର ୱାର୍ଡରେ। ଏହି ୱାର୍ଡରେ ରାସ୍ତା ନଥିବାରୁ ଗ୍ରାମବାସୀଙ୍କୁ ପ୍ରତିଦିନ ନାନା ସମସ୍ୟାର ସାମ୍ନା କରିବାକୁ ପଡୁଛି। ଗାଁକୁ ଯିବା ପାଇଁ ପୂର୍ବରୁ ଏକ ପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଭାଙ୍ଗିଯାଇଛି। ଫଳରେ ଗମନାଗମନ ବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡ଼ିଛି। ବର୍ଷା ଦିନେ ପରିସ୍ଥିତି ଆହୁରି ଭୟାବହ ହୋଇପଡ଼େ। ଗାଁ ଚାରିପଟେ ପାଣି ଘେରି ରହୁଥିବାରୁ ଗ୍ରାମବାସୀ ଜଳବନ୍ଦୀ ଜୀବନ ବିତାଇବାକୁ ବାଧ୍ୟ ହୁଅନ୍ତି। ଏପରିକି ଶୁଖିଲା ପାଗରେ ମଧ୍ୟ ସାଇକେଲ୍ ଯୋଗେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଏଭଳି ସ୍ଥିତିରେ ଆମ୍ବୁଲାନ୍ସ ଗାଁକୁ ପହଂଚିବା ତ ଦୂରର କଥା। ଗାଁରେ କେହି ଗୁରୁତର ଅସୁସ୍ଥ ହେଲେ କିମ୍ବା ଜରୁରୀ ଚିକିତ୍ସାର ଆବଶ୍ୟକତା ପଡ଼ିଲେ, ରୋଗୀଙ୍କୁ ଖଟିଆରେ ବୁହି ପ୍ରାୟ ୨ କିଲୋମିଟର ଦୂରକୁ ନେବାକୁ ପଡୁଛି। ରାସ୍ତା ଅଭାବରୁ ରୋଗୀଙ୍କ ଜୀବନ ବିପଦରେ ପଡୁଥିବା ବେଳେ ଠିକ୍ ସମୟରେ ଚିକିତ୍ସା ପାଇବା ମଧ୍ୟ କଷ୍ଟକର ହୋଇପଡୁଛି। ଏହାର ପ୍ରଭାବ ଗାଁର ଛୋଟ ଛୋଟ ପିଲାଙ୍କ ପାଠପଢ଼ା ଉପରେ ମଧ୍ୟ ପଡୁଛି। ଯାତାୟାତର ଅସୁବିଧା ଯୋଗୁଁ ପିଲାମାନେ ନିୟମିତ ଭାବେ ବିଦ୍ୟାଳୟ ଯାଇପାରୁନାହାନ୍ତି। ଫଳରେ ସେମାନଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଗୋଟିଏ ରାସ୍ତା ଅଭାବରୁ ଗ୍ରାମବାସୀଙ୍କ ମୌଳିକ ଅଧିକାର, ସ୍ୱାସ୍ଥ୍ୟସେବା ଓ ପିଲାଙ୍କ ଭବିଷ୍ୟତ ପ୍ରଭାବିତ ହେଉଥିବା ବେଳେ ଏହି ସମସ୍ୟାର ସମାଧାନ କେବେ ହେବ, ତାହା ଏବେ ବଡ଼ ପ୍ରଶ୍ନ। ଏହି ସାହିକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ବାରମ୍ବାର ଗ୍ରାମବାସୀ ଦାବି କରିଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ବହୁ ରାଜନୈତିକ ଦଳ ନିର୍ବାଚନ ସମୟରେ ଏହି ସାହିକୁ ଆସି ମିଥ୍ୟା ପ୍ରତିଶ୍ରୁତି ଦେଇ ଫେରିଯାଇଥାନ୍ତି। ଏହିପରି ଭାବେ ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଅଂଚଳର ଶୋଚନୀୟ ରାସ୍ତା ଓ ଅବହେଳିତ ଲୋକଙ୍କ ପ୍ରତି ଜିଲ୍ଲାପ୍ରଶାସନ ଓ ରାଜନୈତିକ ଦଳ ମାନଙ୍କର ନଜର ପଡିନାହିଁ। ତେବେ ଆଗାମୀ ଦିନରେ ଏହି ରାସ୍ତା ମରାମତି ହେଉଛି ନା ପୁଣି ସେହି ଅସରନ୍ତି ଦୁଃଖ କଷ୍ଟର ଶୀକାର ହେବେ ସାହି ବାସିନ୍ଦା ଅପେକ୍ଷା, ଆଗକୁ ଦେଖିବାକୁ ବାକି ରହିଲା।

ପଂଚାୟତ ସମିତିର ୧୪ତମ ସାଧାରଣ ଅଧିବେଶନ ଅନୁଷ୍ଠିତ

ଦଶପଲ୍ଲା, ୧୩/୧୦ (ଆ.ପ୍ର) : ଦଶପଲ୍ଲା ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଦିନ ସମିତିର ୧୪ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରମେଶ ଚନ୍ଦ୍ର ବେହେରା ଏଥିରେ ଯୋଗଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଉପାଧ୍ୟକ୍ଷା ଅନୁପମା ବେହେରା, ସାଂସଦଙ୍କ ବ୍ଲକ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା ଏବଂ ବିଡିଓ ଶରତ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲା ପରିଷଦ ସଦସ୍ୟ, ସମିତି ସଭ୍ୟସଭ୍ୟା ଓ ସରପଂଚମାନେ ଉପସ୍ଥିତ ଥିଲେ।

ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନ ଭଳି ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହିସବୁ କ୍ଷେତ୍ରରେ ରହିଥିବା ସମସ୍ୟା ଓ ତାହାର ସମାଧାନ ଦିଗରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ, ସାଧାରଣ ଅଧିବେଶନ ସମ୍ପର୍କରେ ଅଧିକାଂଶ ସମିତି ସଭ୍ୟସଭ୍ୟାଙ୍କୁ ପୂର୍ବରୁ ସୂଚନା ଦିଆଯାଇ ନଥିବା ଅଭିଯୋଗକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଭଳି ଗୁରୁତ୍ୱପୂର୍ଣ୍ଣ ବୈଠକ ସମ୍ପର୍କରେ ଜନପ୍ରତିନିଧିମାନଙ୍କୁ ଯଥାସମୟରେ ଅବଗତ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା।

କଟୁରୀ ଆକ୍ରମଣ କାରି ଗିରଫ, କଟୁରୀ ଜବତ

ଟାଙ୍ଗୀ ଚୌଦ୍ୱାର, ୧୩/୧୦ (ଆ.ପ୍ର) : ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରହ୍ମପୁର ମଲ୍ଲିକସାହି ଅଂଚଳରେ ଜଗନ୍ନାଥ ଦାସଙ୍କୁ କଟୁରୀରେ ଆକ୍ରମଣ କାରି ହତ୍ୟା ଉଦ୍ୟମ କରିଥିବା ନେଇ ଜଗନ୍ନାଥ ଦାସଙ୍କ ପତ୍ନୀ କଲ୍ୟାଣୀ ଦାସ ଏକ ଲିଖିତ ଅଭିଯୋଗ ଚୌଦ୍ୱାର ଥାନାରେ କରିଥିଲେ। ଚୌଦ୍ୱାର ଥାନା ପକ୍ଷରୁ ତୁରନ୍ତ ଅଭିଯୁକ୍ତ କାହ୍ନୁ ଚରଣ ସ୍ୱାଇଁକୁ ଗିରଫ କରିବା ସହିତ ବ୍ୟବହାର ହୋଇଥିବା କଟୁରୀ ପୋଲିସ ଜବତ କରି ଆସାମୀ କୋର୍ଟ ଚାଲାଣ କରିଛି ଅଭିଯୁକ୍ତ ନାମରେ ବହୁ ମାମଲା ଥିବା ଜଣାପଡୁଛି।

ସ୍ନେକ ହେଲ୍ପଲାଇନ ଦ୍ୱାରା ୧୫ ଫୁଟିଆ ବିରାଟ ଅଜଗର ଉଦ୍ଧାର

ଜି.ଉଦୟଗିରି, ୧୩/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ସହରର ହାତୀବାଲି ସ୍ଥିତ ବଡ଼ରାଉଳ ମନ୍ଦିର ନିକଟରେ ଏକ ବିରାଟକାୟ ୧୫ ଫୁଟିଆ ଅଜଗର ସାପ ଦେଖି ଭୟଭୀତ ଲୋକେ ସ୍ନେକ ହେଲ୍ପଲାଇନକୁ ଯୋଗାଯୋଗ କରିଥିଲେ। ସ୍ନେକ ହେଲ୍ପଲାଇନ ସଦସ୍ୟ ପ୍ରବୀଣ ନାୟକ (କାଳିଆ), ସୋମନାଥ ଅର୍ଜ୍ଜୀ, ଅଭୟ କୁଣ୍ଡି, ବାପୁନି ଅର୍ଜ୍ଜୀ, କାହ୍ନା ଅର୍ଜ୍ଜୀ ଓ ତାଙ୍କ ସହଯୋଗୀ ସେହି ସ୍ଥାନରେ ପହଁଚି ୧୫ ଫୁଟିଆ ବିରାଟ ଅଜଗର ସାପ କୁ ବହୁ ସମୟ କସରତ ପରେ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ବିରାଟ ଅଜଗରକୁ ଉଦ୍ଧାର ସ୍ଥାନରୁ ଏକ ଅଟୋ ସାହାଯ୍ୟରେ ଅଣାଯାଇଥିଲା ସାପ ଦେଖିବା ପାଇଁ ବଜାରରେ ପ୍ରବଳ ଭିଡ଼ ଜମିଥିଲା। ଉକ୍ତ ଉଦ୍ଧାର ସ୍ଥାନରେ ଆହୁରି ମଧ୍ୟ ଏପରି ଅଜଗର ଥିବା କହିଛନ୍ତି ଉଦ୍ଧାର କାରି ଦଳ। ସାପ ଟିକୁ ସ୍ନେକ ହେଲ୍ପଲାଇନ ଟିମ ସୁରକ୍ଷିତ ଭାବରେ ନେଇ କଳିଙ୍ଗା ଘାଟି ରେ ଛାଡ଼ି ଥିବା ସୂଚନା ମିଳିଛି।

ରାଣୀତାଲ ପାଇଁ ଗୌରବ ଆଣିଲେ ସୁଜିତ

ଭଦ୍ରକ, ୧୩/୧୦ (ଆ.ପ୍ର) : ପ୍ରକାଶ ପାଇଛି ପଠାଣି ସାମନ୍ତ ଗଣିତ ମେଧାବୃତି ପରୀକ୍ଷା ଫଳ। ଜଗଦଳପୁର ୟୁ ଜି ଏମ ଇ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ର ସୁଜିତ କୁମାର ସାହୁ ଭଦ୍ରକ ବ୍ଲକର ତୃତୀୟ ସ୍ଥାନ ଅଧିକାର କରିବା ସହ ରାଣୀତାଲ ଅଂଚଳ ପାଇଁ ଗୌରବ ଆଣିଛନ୍ତି। ଜଗଦଳପୁରର ବାଇଧର ସାହୁ ଓ ଭଗବତୀ ସାହୁଙ୍କ ଏକମାତ୍ର ପୁତ୍ର ସୁଜିତ ଗତବର୍ଷ ପଂଚମ ଶ୍ରେଣୀ ମେଧାବୃତି ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଥିଲେ। ତାଙ୍କର ଏହି ସଫଳତା ପାଇଁ ରାଣୀତାଲ ସମ୍ବାଦ ସାହିତ୍ୟ ଘରର ସଭାପତି ଭାଗିରଥି ନାୟକ ଶୁଭେଚ୍ଛା ଜଣାଇଛନ୍ତି।

ପୁରୁଣାବଜାର ଥାନା ତରଫରୁ ଜୁଭେଂଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭଦ୍ରକ, ୧୩/୧୦ (ଆ.ପ୍ର) : ଆର୍ନ୍ତଜାତୀୟ ବାଳିକା ଦିବସ ଅବସରରେ ଭଦ୍ରକ ପୁରୁଣାବଜାର ଥାନା ଓ ଆସିଆନା ସଂଗଠନର ମିଳିତ ଆନୁକୂଲ୍ୟରେ ଜୁଭେଂଟିକା ଆଉଟ୍‌ରିଚ୍ ସଚେତନତା କାର୍ଯ୍ୟକ୍ରମ ପୁରୁଣା ବଜାର ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ବାଇପାସ୍ଥିତ ସୋସାଇଟ୍ ଫର୍ ଉଇକର କମ୍ୟୁନିଟ୍ (ଆସିଆନା) ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କୁମାର କର, ଆସିଆନାର ସମ୍ପାଦିକା ସୋଫିଆ ସେକ୍ ଯୋଗଦେଇ ବାଲ୍ୟ ବିବାହର ନିରାକରଣ, ବାଳିକାମାନଙ୍କର ଅଧିକାରର, ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ସାମୂହିକ ପ୍ରୟାସ ଜାରି ରଖିବା ପାଇଁ ଆବଶ୍ୟକୀୟ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷର ଜୁଭେଂଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ହେଉଛି "ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ"। ଏହି କାର୍ଯ୍ୟକ୍ରମରେ ଆସିଆନା ଶକ୍ତି ସଦନ ଓ ଓପନ୍ ସେଲ୍‌ଟର ହୋମ୍‌ର ଅନ୍ତେବାସୀ ଓ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଆସିଆନାର ସଂଯୋଜକ ରିଆଜ ଅହମଦ୍ ସ୍ୱାଗତ ଭାଷଣ ଦେବା ସଂଗେ ସଂଗେ ଧନ୍ୟବାଦ ଅର୍ପଣ କରିଥିଲେ।

ନୂଆପଡ଼ାରେ ନବମ ଜାତୀୟ ପୋଷଣ ମାସ ପାଳିତ
ସୁସ୍ଥ ଶିଶୁ, ସୁସ୍ଥ ପରିବାର ଓ ସମୃଦ୍ଧ ଓଡ଼ିଶା ଗଠନ ଉପରେ ଗୁରୁତ୍ୱ

ନୂଆପଡ଼ା, ୧୩/୧୦ (ଆ.ପ୍ର) : ନୂଆପଡ଼ାସ୍ଥିତ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା ସାମାଜିକ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ନବମ ଜାତୀୟ ପୋଷଣ ମାସ–୨୦୨୬ ପାଳିତ ହୋଇଯାଇଛି। 'ସୁସ୍ଥ ଶିଶୁ, ସୁସ୍ଥ ପରିବାର, ସମୃଦ୍ଧ ଓଡ଼ିଶା' ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ଉପଜିଲ୍ଲାପାଳ ସୁର୍ମୀ ସୋରେନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଜିଲ୍ଲା ଶିକ୍ଷା ଅଧିକାରୀ ଡା. ପ୍ରଶାନ୍ତ ମହାନ୍ତି, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ପ୍ରେମଲତା ସେଠୀ, ବିଭିନ୍ନ ବିଭାଗର ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉତମ ପୋଷଣ, ସନ୍ତୁଳିତ ଖାଦ୍ୟାଭ୍ୟାସ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଏବଂ ପରିବାରର ସାମଗ୍ରିକ ସୁସ୍ଥତା ସମ୍ପର୍କରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିଶୁମାନଙ୍କର ସୁସ୍ଥ ଅଭିବୃଦ୍ଧି ଓ ସର୍ବାଙ୍ଗୀଣ ବିକାଶ ପାଇଁ ପୁଷ୍ଟିକର ଖାଦ୍ୟ, ସନ୍ତୁଳିତ ଆହାର ଓ ଉପଯୁକ୍ତ ଯତ୍ନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ସଚେତନତା ବୃଦ୍ଧି ନିମନ୍ତେ ବିଭିନ୍ନ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଅଙ୍ଗନବାଡ଼ି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଶ୍ରେଷ୍ଠ ପୋଷଣ ଷ୍ଟଲ୍ ପାଇଁ କୋମନାକୁ ପୁରସ୍କୃତ କରାଯାଇଥିଲା। ଅଙ୍ଗନବାଡ଼ି କର୍ମୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ମାଧ୍ୟମରେ ପୋଷଣ ସଚେତନତାର ପ୍ରସାର ସହ ଏକ ସୁସ୍ଥ, ପୁଷ୍ଟିସମ୍ପନ୍ନ ଓ ସମୃଦ୍ଧ ସମାଜ ଗଠନ ପାଇଁ ସାମୂହିକ ପ୍ରୟାସର ବାର୍ତ୍ତା ଦିଆଯାଇଥିଲା।

ନୀଳାଦ୍ରି ବିହାର ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ବୈଠକ

ଭୁବନେଶ୍ୱର, ୧୩/୧୦ (ଆ.ପ୍ର) : ନୀଳାଦ୍ରି ବିହାର ସାର୍ବଜନୀନ ଦୁର୍ଗାପୂଜା କମିଟି ସେକ୍ଟର ୨ ପକ୍ଷରୁ ଚଳିତ ବର୍ଷ ୩୩ ତମ ଦୁର୍ଗାପୂଜା ମହୋତ୍ସବ ମହାସମାରୋହରେ ପାଳନ କରାଯାଉଛି। ଏଥିପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏବର୍ଷ ଚିତ୍ତାକର୍ଷକ କାଞ୍ଚନିକ ତୋରଣ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ଉଚ୍ଚତା ୫୦ ଫୁଟ ରହିଥିଲା ବେଳେ ଓସାର ୬୦ ଫୁଟ ରହିଛି। ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ଏହି କାଞ୍ଚନିକ ତୋରଣ ମଧ୍ୟରେ ବିରାଜିବେ ମା ଦୁର୍ଗତିନାଶିନୀ। ୧୨ ଫୁଟର ମାଙ୍କ ମୃଣ୍ମୟୀ ମୂର୍ତ୍ତି ସହ ୧୬ ଫୁଟର ତାରକସୀ ମେଢ କାମ ଜାରି ରହିଛି। ଏହାକୁ କେନ୍ଦ୍ରାପଡା ଓ କଟକର ଦକ୍ଷ କାରିଗର ମାନେ ନିର୍ମାଣ କରୁଛନ୍ତି। ଏଥର ମାଙ୍କ ମସ୍ତକରେ ଶୋଭାବର୍ଦ୍ଧନ କରିବ ଚାନ୍ଦି ମୁକୁଟ। ମଣ୍ଡପକୁ ସଂଯୋଗ କରୁଥିବା ଚାରୋଟି ରାସ୍ତାରେ ଏଲଇଡି ଲାଇଟ୍ ଗେଟ୍ ଲାଗିବା ସହିତ ରଙ୍ଗିନ ଆଲୋକ ମାଳାରେ ମଣ୍ଡପ ଚତୁପାର୍ଶ୍ୱ ଓ କଲୋନୀ ରାସ୍ତା ସୁସଜ୍ଜିତ କରାଯିବ ଯାହା ସମସ୍ତଙ୍କୁ ଆକର୍ଷିତ କରିବ। ଷଷ୍ଠୀରେ ବିଲ୍ୱବରଣ ଅନୁଷ୍ଠିତ ହେବ। ସପ୍ତମୀରେ କଳସ ଯାତ୍ରା, ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇ ଚକ୍ଷୁଦାନ ଦିଆଯିବ। ସେହିପରି ଅଷ୍ଟମୀ ଦିନ ସୂର୍ଯ୍ୟ ପୂଜା, ମହାଷ୍ଟମୀ ପୂଜା, ସନ୍ଧିପୂଜା, ସନ୍ଧିବଳି ଓ ହୋମାଦି ପୁଷ୍ପାଞ୍ଜଳି ଦିଆଯିବ। ନବମୀ ଦିନ କୁମାରୀ ପୂଜା, ଦହି ପଖାଳ ଭୋଗ, ଦଶମୀ ଦିନ ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଘଟ ବିସର୍ଜନ ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସପ୍ତମୀ, ଅଷ୍ଟମ, ନବମୀ, ଦଶମୀରେ ଭଜନ, ଡାନ୍ସ ଓ ମେଲୋଡି କାର୍ଯ୍ୟକ୍ରମ ରହିଛି। ପୂଜା ପଡିଆରେ ମୀନା ବଜାର, ବିଭିନ୍ନ ଦୋଳି ପଡିବ ଯାହାର ମଜା ଦର୍ଶକ ମାନେ ଉଠାଇ ପାରିବେ। ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ। ପୂଜା ମଣ୍ଡପରେ ଓ ବାହାରେ ଭିଡ ନିୟନ୍ତ୍ରଣ କରିବା ପାଇଁ ୫୦ ଜଣ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ଏଥି ସହିତ ସିସିଟିଭି କ୍ୟାମେରା ଲଗାଯିବ ଓ ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବ। ପାରମ୍ପରିକ ବାଦ୍ୟରେ ଧୁମଧାମରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇ କଲୋନୀ ପରିକ୍ରମା କରାଯାଇ ମାଙ୍କୁ ମେଲାଣି ଦିଆଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ମତାମତ- ରଶ୍ମିରେଖା ଜେନା (ସଭାପତି) ଚଳିତବର୍ଷ ମାଙ୍କ ପୂଜାର୍ଚ୍ଚନା ଯଥାବିଧି ରୀତିନୀତି ଅନୁସାରେ କରାଯିବା ସହିତ ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଧୁମଧାମରେ କରାଯିବ। ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଗଣପତି କ୍ଲବ, ବୁଦ୍ଧପାର୍କ ସାଂସ୍କୃତିକ ସଂଘ ଓ ସ୍ୱର୍ଗତ ରନ ଜେନା ସ୍ମୃତି କମିଟିର ସଦସ୍ୟ ମାନେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୁରକ୍ଷା କଡାକଡି କରିବା ପାଇଁ ପ୍ରଶାସନର ସାହାର୍ଯ୍ୟ ସହଯୋଗ ଲୋଡାଯାଇଛି। କଲୋନୀବାସୀ ମୋତେ ଏହି ଗୁରୁ ଦାୟିତ୍ୱ ଦେଇ ଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଶାନ୍ତି ଶୃଙ୍ଖଳାରେ ପୂଜା କରିବା ସହିତ ଦୃଢ ଭାଇଚାରା ସ୍ଥାପନ ପାଇଁ ପ୍ରୟାସ କରିବି। ବାଚସ୍ପତି ତ୍ରିପାଠୀ (ସାଧାରଣ ସମ୍ପାଦକ) ନିର୍ମାଣ କାର୍ଯ୍ୟରେ ପ୍ଲାଷ୍ଟିକ ଓ ରାସାୟନିକ ରଙ୍ଗ ବ୍ୟବହାର କରାଯାଇ ନାହିଁ। ମହିଳା ଓ ପୁରୁଷ ମାନଙ୍କ ପାଇଁ ଅଲଗା ଅଲଗା ଦର୍ଶନ ବ୍ୟବସ୍ଥା କରାଯାଇଛି ଏବଂ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ପ୍ରଶାସନ ପକ୍ଷରୁ ସାହାର୍ଯ୍ୟ ସହଯୋଗ କରାଯିବ ବୋଲି ଆଶା ରହିଛି। ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବା ପାଇଁ ଆବାସିକ ସଂଘର କର୍ମକର୍ତ୍ତା ଓ କଲୋନୀ ବାସୀମାନେ ଲାଗିପଡିଛନ୍ତି। ସମସ୍ତ ସରକାରୀ ନିୟମ ମାନି ପୂଜା ପାଳନ କରାଯିବ।

ଲଣ୍ଡାଗାଁରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ବାଲିଗୁଡ଼ା, ୧୩/୧୦ (ଆ.ପ୍ର) : ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାର ବିକାଶ ସହ ସେମାନଙ୍କ ସୃଜନଶୀଳତାକୁ ଉଜାଗର କରିବା ଲକ୍ଷ୍ୟରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ଲଣ୍ଡାଗାଁ ପଂଚାୟତ ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ବିଦ୍ୟାଳୟରୁ ୧୫୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଜେପି ନେତ୍ରୀ କଳ୍ପନା କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ଓ ଧୂପ ପ୍ରଜ୍ୱଳନ କରି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଜେପି ନେତା ଦେବେନ୍ଦ୍ର କୁଦେଇ ମୁଖ୍ୟବକ୍ତା ଏବଂ ଅଭିରାମ ରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ରଣା, ପୂର୍ବତନ ସଭାପତି ସଦାନନ୍ଦ କୁଦେଇ, ଆଂଚଳିକ ସାଧନା ସଂଯୋଜକ ରମେଶ ଚନ୍ଦ୍ର ସୁବୁଦ୍ଧି, ଦିବ୍ୟଲୋଚନ ମହାରଣା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୦ଟି ଇଭେଂଟକୁ ତିନୋଟି ସ୍ତରରେ ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରଛାତ୍ରୀ ମାନେ ନିଜର ଜ୍ଞାନ, ଦକ୍ଷତା ଓ ସୃଜନଶୀଳତା ପ୍ରଦର୍ଶନ କରିବାର ସୁଯୋଗ ପାଇଥିଲେ। ଏଭଳି ପ୍ରତିଯୋଗିତା ଶିକ୍ଷା ସହିତ ପିଲାମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ଓ ସାମଗ୍ରିକ ବିକାଶରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସଞ୍ଜୀବ ବେହେରା, ମନୋଜ କୁମାର ସାହୁ, ବିଭୁ ପ୍ରସାଦ କହଁର, ଅନାମ ପଣ୍ଡା ଓ ମଦନ ମୋହନ ପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଆଂଚଳିକ ସାଧନା ସଂଯୋଜକ ରମେଶ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

୧୦ଦଫା ଦାବି ନେଇ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ୟୁନିୟନ ତଥା ଭାରତୀୟ ମଜଦୁର ସଂଘର ବିକ୍ଷୋଭ

ଭଦ୍ରକ, ୧୩/୧୦ (ଆ.ପ୍ର) : ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ ୟୁନିୟନ ତଥା ଭାରତୀୟ ମଜଦୁର ସଂଘ ପକ୍ଷରୁ ୧୦ଦଫା ଦାବିନେଇ ଆଜି ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭଦ୍ରକ ଜିଲା ୟୁନିୟନ୍‌ର ଏକ ବିଶାଳ ଶୋଭାଯାତ୍ରା ଗାନ୍ଧିପଡିଆ ଠାରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ନାରାବାଜି ପ୍ରଦର୍ଶନ କରିଥିଲେ। ଏହି ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ ସରକାରଙ୍କ ତରଫରୁ ୫୫ ବୟସରେ ଅଙ୍ଗନୱାଡି କର୍ମୀଙ୍କ ଶାରୀରିକ ପରୀକ୍ଷା କରାଇ ବହିଷ୍କାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ତୀବ୍ର ବିରୋଧ କରି ଅଙ୍ଗନୱାଡି କର୍ମୀମାନେ ବୟସସୀମା ପ୍ରତ୍ୟାହାର କରିବାକୁ ଦାବି କରିଥିଲେ। ସରକାରଙ୍କର ଅଙ୍ଗନୱାଡି କର୍ମଚାରୀମାନଙ୍କ ପ୍ରତି ମାରଣ ନୀତିକୁ ଦୃଢ ନିନ୍ଦା କରିବା ସହ ଆଗାମୀ ଦିନରେ ଦାବି ଗୁଡିକ ପୁନଃ ବିଚାର ନକରାଯାଏ, ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କହିଥିଲେ। ଏମାନଙ୍କର ଅଭିଯୋଗ ହେଲା ୧୯୭୫ ଅକ୍ଟୋବର ୨ ତାରିଖରେ ଏହି ଯୋଜନା ଆରମ୍ଭ ହୋଇଥିଲା। ୫୨ ବର୍ଷ କାଳ କୌଣସି ଯୋଜନା ଚାଲେ ନାହିଁ। ସ୍କିମ୍‌ରୁ ବାହାର କରି ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କରଣ କରାଯାଉ, ନରେଡ୍ କର୍ମୀଙ୍କୁ ୩୦ ହଜାର ଟଙ୍କା ଓ ସହାୟିକାଙ୍କୁ ୧୫ ହଜାର ଟଙ୍କା ଦରମା ଦିଆଯାଉ। ଏହାସହିତ ସାମାଜିକ ସୁରକ୍ଷା ଯଥା ଇଏସଆଇ, ସୋଶିଆଲ ସିକୁରିଟି, ଇପିଏଫ ପ୍ରଦାନ କରିବା ସହ ସମସ୍ତ ଡିପେନଡାଂଟଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ଓ ଲିଭିଂ ଓ୍ୱେଜେସ୍ ଦିଆଯିବା ପାଇଁ ଦାବି କରାଯାଇଛି। ଏହାବ୍ୟତୀତ ରିଟାୟର୍ଡ ବେନିଫିଟ୍ ୧୦ ଲକ୍ଷ ଟଙ୍କା ଓ ମାସିକ ୭ ହଜାର ଟଙ୍କା ପେନସନ ପାଇଁ ସଂଘ ପକ୍ଷରୁ ଦାବି କରଯାଇଛି। ଶିକ୍ଷାଗତ ଯୋଗ୍ୟତା ଅନୁସାରେ ପଦୋନ୍ନତି ଦିଆଯିବା ପାଇଁ ଆଦି ଦାବି ରହିଛି। ୨୦୧୮ ମସିହାରୁ ଦରମା ବଢାଯାଉନଥିବାବେଳେ କାମ ଉପରେ କାମ ଲଦି ଦିଆଯାଉଛି, ପୋଷଣ ନାରେ ଶୋଷଣ କରିଚାଲିଛନ୍ତି। ଯଦି ସରକାର ଦାବିଗୁଡିକ ପ୍ରତି ଗୁରୁତ୍ୱ ନଦିଅନ୍ତି, ତେବେ ମହିଳା ଶିଶୁ ବିକାଶ ଯୋଜନା ତଥା ସରକାରଙ୍କ ବହୁମୁଖୀ ଯୋଜନା ଗୁଡିକରେ କାମ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସେଥିପାଇଁ ଯଦି ଗର୍ଭବତୀ, ପ୍ରସୂତି, ସାମ୍ ମାମ୍ ଛୁଆ କଷ୍ଟରେ ପଡନ୍ତି, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କସ୍ ୟୁନିୟନର ରାଜ୍ୟ ସଭାନେତ୍ରୀ ତଥା ଭାରତୀୟ ମଜଦୁର ସଂଘର ଉପସଭାନେତ୍ରୀ ସୁମିତା ମହାପାତ୍ର କହିଛନ୍ତି। ଅନୁଷ୍ଠିତ ରାଲି ଓ ବିକ୍ଷୋଭ ପ୍ରଦର୍ଶନରେ ଜିଲା ସଭାପତି ଜୟନ୍ତୀ ଜେନା, ସଂପାଦିକା ଅନ୍ନପୂର୍ଣ୍ଣା ବିଶ୍ୱାଳଙ୍କ ସହ କୋଷାଧ୍ୟକ୍ଷ ସୁଜାତା ଜେନା, ରଂଜିତା ମହାନ୍ତି, ସୋଫିକା ସେରଓ୍ୱଡ ନାଇ୍, ମଂଜୁଲତା ରାଉିକ, ନକ୍ଷତ୍ରମାଳିନୀ ଧଳୀ, ସୁଷମା ମହାପାତ୍ର, ମମତା ପତି, ମଧୁସ୍ମିତା ପତି, ମମତା ସାହୁ, ସଂଗୀତା ବଳ, ସାମନ୍ତ୍ରି ଦାସ, ପ୍ରତିମା ରାଉତ, ମିନତୀ ମହାପାତ୍ର, ତପସ୍ୱିନୀ ମହାନ୍ତି, ହେମାଙ୍ଗିନୀ ଧଳ ପ୍ରମୁଖ କର୍ମୀମାନେ ଯୋଗଦେଇଥିଲେ। ପରେ ଜିଲା ପ୍ରଶାସନ ଜରିଆରେ ମୁଖ୍ୟମନ୍ତ୍ରୀ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଜଗତସିଂହପୁର-ବାଲିକୁଦା ବସଷ୍ଟାଣ୍ଡ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା:
କଂଟେନର ଚାପାରେ କଲେଜ ଛାତ୍ର ମୃତ, ଉତେଜନା

ଜଗତସିଂହପୁର, ୧୩/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକର ମୁଖ୍ୟ ରାସ୍ତାର ବସଷ୍ଟାଣ୍ଡ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ନିର୍ବାଚନୀ କ୍ୟାମ୍ପେନିଂ ସାରି ଘରକୁ ଫେରୁଥିବା ଜଣେ କଲେଜ ଛାତ୍ରଙ୍କୁ ଏକ ଦ୍ରୁତଗାମୀ କଂଟେନର ଚାପି ଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର କରୁଣ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ଅଡ୍‌ଙ୍ଗା ପଂଚାୟତ କୋଳନ୍ଦା ଗ୍ରାମର ରାହୁଲ ନାୟକ। ସେ ବାଲିକୁଦା ଡିଗ୍ରୀ କଲେଜର ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ର ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ରାହୁଲ ଜଣେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାମରେ ଯୋଗଦେଇ ନିଜ ଗାଁକୁ ଫେରୁଥିବା ସମୟରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପ୍ରବଳ ଉତେଜନା ପ୍ରକାଶ ପାଉଛି। ଉତ୍ୟକ୍ତ ଲୋକେ ରାସ୍ତାରୋକ କରିବା ସହ କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା ଗାଡ଼ି ଓ ଡ୍ରାଇଭରକୁ ଗିରଫ ଦାବିରେ ରାସ୍ତା ରୋକ କରିଛନ୍ତି। ଖବର ପାଇ ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ ଜାରି ରଖିଛି। ଦୁର୍ଘଟଣା ପରେ କଂଟେନର ସହ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଶବ ଜବତ କରି ଅଧିକ ତଦନ୍ତ ଚଳାଉଛି। ଏହି ଅଂଚଳରେ ଏଭଳି ଦୁର୍ଘଟଣାକୁ ନେଇ ସାଧାରଣରେ ଗଭୀର ଶୋକ ଓ ଅସନ୍ତୋଷ ପ୍ରକାଶ ପାଇଛି।

ଶକ୍ତିଶ୍ରୀ ସଶକ୍ତୀକରଣ ପ୍ରକୋଷ୍ଠ ପକ୍ଷରୁ ମାନସିକ ଓ ଭାବନାତ୍ମକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୧୩/୧୦ (ଆ.ପ୍ର) : ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ, ପାରଳାଖେମୁଣ୍ଡିର ଶକ୍ତିଶ୍ରୀ ସଶକ୍ତୀକରଣ ପ୍ରକୋଷ୍ଠ ପକ୍ଷରୁ ଭାବନାତ୍ମକ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ସୁସ୍ଥତା, ଭାବନାର ସନ୍ତୁଳନ, ଚାପ ପରିଚାଳନା ଏବଂ ସକାରାତ୍ମକ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା । ଏହି ଅବସରରେ ମନ ଶିକ୍ଷା ବିଶେଷଜ୍ଞ ପ୍ରଫେସର ମନମୋହନ ନାୟକ ବକ୍ତା ଭାବେ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ, ଭାବନାତ୍ମକ ସମସ୍ୟାର ମୁକାବିଲା, ମାନସିକ ଚାପ ନିୟନ୍ତ୍ରଣ ଏବଂ ଜୀବନରେ ସକାରାତ୍ମକ ଚିନ୍ତାଧାରାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ସଲ୍ଟ ଫାଉଣ୍ଡେସନର ନିର୍ଦ୍ଦେଶକ ସାଧକ ପାଣି ମଧ୍ୟ ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସମ୍ବେଦନଶୀଳ ହେବା ସହ ଆବଶ୍ୟକ ସମୟରେ ଉପଯୁକ୍ତ ସହଯୋଗ ଓ ପରାମର୍ଶ ଗ୍ରହଣ କରିବାର ଆବଶ୍ୟକତା ଉପରେ ମତପ୍ରକାଶ କରିଥିଲେ । ଶକ୍ତିଶ୍ରୀ ସଶକ୍ତୀକରଣ ପ୍ରକୋଷ୍ଠର ସଦସ୍ୟା ତଥା ସ୍ନାତକୋତର ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପିକା ଡ. ଚାରୁପ୍ରଭା ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାର ସଫଳ ଆୟୋଜନରେ ସହଯୋଗ କରିଥିଲେ ଏବଂ କହିଥିଲେ ଯେ ମନ ଓ ଶରୀରର ସୁସ୍ଥତା ଜଣେ ବ୍ୟକ୍ତିର ସାମଗ୍ରିକ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ ବୋଲି କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ରୋହିତ କୁମାର ନାୟକ, ଅନୁପମା ଏକ୍କା ଓ ଅନ୍ୟାନ୍ୟ ସଲ୍ଟ ଫାଉଣ୍ଡେସନର କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ରାଇଟର୍ ଷ୍ଟାର୍ ଟିମ୍ ପକ୍ଷରୁ ଏକ ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଛାତ୍ରୀ ସ୍ନେହା ବେହେରା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଡ଼.କିରଣବାଳା ଭୂୟାଁ, ଡ. ବିପ୍ଳବ ରଞ୍ଜନ ପ୍ରଧାନ, ଡ. ସୁଭଶ୍ରୀ ପ୍ରିୟଦର୍ଶିନୀ, ଡ. କୋମଳ ଶିଖା ମଲ୍ଲିକ ଓ ଡ. ସୁନାସୀର ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ଇତିହାସ ବିଭାଗର ଅଧ୍ୟାପିକା ସୁଜାତା ଗମାଙ୍ଗ ଧନ୍ୟବାଦ ଅର୍ପଣ କରି ଅତିଥି, ବକ୍ତା, ଆୟୋଜକ ଓ ସମସ୍ତ ସହଯୋଗୀଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରିବା ସହ ଏକ ସୁସ୍ଥ , ସମ୍ବେଦନଶୀଳ ଓ ସହଯୋଗପୂର୍ଣ୍ଣ ଶିକ୍ଷା ପରିବେଶ ଗଠନ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା ।

ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ, ଭକ୍ତି ଓ ସେବାର ନିଚ୍ଛକ ନିଦର୍ଶନ -ଧର୍ମେନ୍ଦ୍ର ପ୍ରଧାନ

ପୁରୀ, ୧୩/୧୦ (ଆ.ପ୍ର) : ଜଗନ୍ନାଥ ସଂସ୍କୃତି କହିଲେ କେବଳ ଆଚାର-ବିଚାର କିମ୍ବା ପୂଜା-ପଦ୍ଧତିକୁ ବୁଝାଏ ନାହିଁ । ଜଗନ୍ନାଥ ସଂସ୍କୃତି ହେଉଛି ଜୀବନର ସର୍ବୋଚ୍ଚ ସମର୍ପଣ, ଭକ୍ତି ଓ ସେବାର ଜୀବନ୍ତ ନିଦର୍ଶନ । ସୋମବାର ପୁରୀ ଠାରେ ଶ୍ରୀମନ୍ଦିରର ଅନନ୍ୟ ସେବକ ସଂଘ 'ପ୍ରତିହାରୀ ନିଯୋଗ' ଦ୍ୱାରା ଆୟୋଜିତ 'ସମର୍ପଣ – ସେବା ଓ ସେବକ ସମ୍ମାନ-୨୦୨୬'ରେ ଯୋଗଦେବା ଅବସରରେ କହିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀମନ୍ଦିରର ସେବା ପଦ୍ଧତିରେ ଛତିଶା ନିଯୋଗର ଏକ ବିଶେଷ ଓ ଅନନ୍ୟ ମହତ୍ୱ ରହିଛି । କିନ୍ତୁ ସେହି ସମସ୍ତ ସେବକ ସମ୍ପ୍ରଦାୟ ମଧ୍ୟରେ 'ପ୍ରତିହାରୀ ନିଯୋଗ' ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସ୍ୱତନ୍ତ୍ର ଓ ମହାନ । 'ପ୍ରତିହାରୀ', ଏହି ଶବ୍ଦଟି ମଧ୍ୟରେ ହିଁ ସୁରକ୍ଷା, ସମର୍ପଣ, ଅନୁଶାସନ ଓ ନିଷ୍ଠାର ଭାବ ଭରି ରହିଛି । ଶ୍ରୀମନ୍ଦିରର ଶ୍ରୀଅଙ୍ଗ ରକ୍ଷା, ଦ୍ୱାର ସୁରକ୍ଷା, ନୀତିକାନ୍ତିକୁ ସୁଚାରୁରୂପେ ପରିଚାଳିତ କରିବା ଏବଂ କୋଟି କୋଟି ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାରେ ପ୍ରତିହାରୀ ସେବକମାନେ ଦିନରାତି ନିଜକୁ ନିୟୋଜିତ କରିଥାନ୍ତି । ଏହି ପରିପ୍ରେକ୍ଷୀରେ ଆଜିର ସଭା କିମ୍ବା ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଶ୍ରୀମନ୍ଦିରର ସହସ୍ର ବର୍ଷର ନିଷ୍ଠାପର ସେବା ପରମ୍ପରା, ଭକ୍ତି, ତ୍ୟାଗ ଓ ଶୃଙ୍ଖଳାର ଏକ ମହାନ ସଂସ୍କୃତିକୁ ପ୍ରଣାମ ଜଣାଇବାର ଏକ ଦିବ୍ୟ ଅବସର । ଶ୍ରୀ ପ୍ରଧାନ କହିଛନ୍ତି, ମହାପ୍ରଭୁଙ୍କ ମନ୍ଦିର ଭିତରେ ଯେଉଁ ଲୋକ ସମର୍ପଣ ଓ ଲୋକ ସମାବେଶ ତିଆରି ହୁଏ, ସେଭଳି ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ଭଗବାନଙ୍କ ପାଖରେ କୌଣସି କୌଣସି ବିଭେଦ ନାହିଁ ଏବଂ କୌଣସି ବିଭାଜନ ନାହିଁ । ପୁରୀ କେବଳ ଏକ ମନ୍ଦିର ନୁହେଁ, ପୁରୀ ହେଉଛି ମାନବ ଚେତନାର ଏକ ଅନନ୍ୟ କେନ୍ଦ୍ର । ପୁରୀକୁ ମନୁଷ୍ୟର ଆବଶ୍ୟକତା ଅଛି ଶାନ୍ତି, ପରସ୍ପରକୁ ଭଲ ପାଇବା ଏବଂ ବିଶ୍ୱାସ କରିବା - ଏ ସବୁର ପ୍ରୟୋଗଶାଳା ହେଲା ଆମ ପୁରୀ । ସେ ଆହୁରି କହିଛନ୍ତି, ଆଜିଠୁ ପ୍ରାୟ ଦୁଇ ଶହ ବର୍ଷ ପୂର୍ବେ ଓଡ଼ିଶାର ଜଣେ ସାଧାରଣ ବ୍ୟକ୍ତି, ଯାହାଙ୍କୁ ପୁରୀରେ ଆପଣମାନେ 'ଧୂଳି ବାବା' ଭାବରେ ନାମିତ କରିଥିଲେ, ସେ ପରେ ଯାଇ ମହିମା ଗୋସାଇଁଙ୍କ ଦ୍ୱାରା ପରିଚିତ ଓ ପ୍ରଭାବିତ ହୋଇଥିଲେ । ସେହି 'ଶୂନ୍ୟ ବ୍ରହ୍ମ' ଓ ଦାରୁବ୍ରହ୍ମ ଠାରୁ ପ୍ରେରଣା ଲାଭ କରି ଶୂନ୍ୟ ବ୍ରହ୍ମର ପରିକଳ୍ପନାକୁ ବ୍ୟାଖ୍ୟାନ, ପରିଭାଷିତ ଏବଂ ଭାଷ୍ୟ କରିଥିଲେ । ସେହି ମହାନ ପ୍ରେରଣାରୁ ଉଦ୍‌ଭୂତ ହୋଇ ସମ୍ବଲପୁର ଜିଲ୍ଲାର ଏକ ଗ୍ରାମରେ ସନ୍ଥ କବି ଭୀମ ଭୋଇ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଭାବେ ଜନ୍ମନେଇଥିଲେ । ତାଙ୍କର ଅମର ବାଣୀ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ପ୍ରମାଣ କରେ ଯେ ଓଡ଼ିଶାରେ କୌଣସି ବିଚାର କିମ୍ବା ସାଧନା କେବେବି ସାମାନ୍ୟ କିମ୍ବା ଛୋଟ ହୋଇନଥାଏ । ମହାପ୍ରଭୁଙ୍କର ଲୀଳା ଓ ଶୂନ୍ୟ ବ୍ରହ୍ମର କଳ୍ପନା ସମଗ୍ର ବିଶ୍ୱକୁ ପ୍ରେରିତ କରୁଛି । ଇତିହାସରେ ଗୁରୁ ନାନକଦେବ ଏବଂ ଆଦି ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଦେଶବିଦେଶରୁ ସନ୍ଥ ଓ ଭକ୍ତମାନେ ଆସିଛନ୍ତି । ଓଡ଼ିଶାରେ ଗ୍ୟାସ୍ ଭିତ୍ତିକ ଅର୍ଥନୀତି ଏବଂ ମହାପ୍ରଭୁଙ୍କ କୃପାରୁ ପୁରୀ-କୋଣାର୍କ ସମୁଦ୍ରର ଅନତି ଦୂରରେ ବଡ଼ଧରଣର ଗ୍ୟାସ୍ ଭଣ୍ଡାରର ସମ୍ଭାବନା ଓଡ଼ିଶାକୁ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ପୁରୀକୁ ଏବଂ ଶ୍ରୀମନ୍ଦିରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଆମକୁ ମନ୍ଦିର ଭିତରୁ ସଫେଇ ଅଭିଯାନ ଆରମ୍ଭ କରିବାକୁ ପଡ଼ିବ । ପ୍ଲାଷ୍ଟିକ୍ କାରଣରୁ ପରିବେଶ, ଜଳବାୟୁ ଏବଂ ସମୁଦ୍ର ଜଳସମ୍ପଦ ପ୍ରଭାବିତ ହେଉଛି । ତେଣୁ ବଡ଼ଦାଣ୍ଡ ଏବଂ ଶ୍ରୀମନ୍ଦିର ପରିସରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ପଡ଼ିବ । ଭାରତ ସରକାରଙ୍କ 'ଜ୍ଞାନ ଭାରତମ୍' ଯୋଜନା ମାଧ୍ୟମରେ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ଦେଶର ସମସ୍ତ ପୁରଣା ପୋଥି ଓ ଗ୍ରନ୍ଥଗୁଡ଼ିକୁ ଏକାଠି କରି ଡିଜିଟାଲାଇଜ୍ ଏବଂ କୃତ୍ରିମ ବୁଦ୍ଧିମତା ବା ଏଆଇ ଜରିଆରେ ସେଗୁଡ଼ିକର ଭାଷ୍ୟ ପ୍ରସ୍ତୁତ କରାଯାଉଛି । ଏହି ଅଭିଯାନ ମାଧ୍ୟମରେ ଆଜିର ପିଢ଼ିକୁ ସନାତନ ପରମ୍ପରାରେ ମଜବୁତ୍ କରାଯିବ । ଏହି ଅବସରରେ ଶ୍ରୀ ପ୍ରଧାନ ମଂଚରେ ପ୍ରଦର୍ଶିତ ଓଡ଼ିଶାର ପାରମ୍ପରିକ ତଥା ବିଲୁପ୍ତ ପ୍ରାୟ 'ମାହାରୀ' ନୃତ୍ୟକୁ ଜୀବନରେ ପ୍ରଥମ ଥର ପାଇଁ ଦେଖିବା ସହ ଏହାର ପ୍ରଶଂସା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା, କ୍ରୀଡ଼ା-ଯୁବସେବା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ, ପୁରୀର ସାଂସଦ ଡକ୍ଟର ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଜୟନ୍ତ କୁମାର ଷଡ଼ଙ୍ଗୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ସମେତ ସେବାୟତମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

'ବାଲ୍ୟ ବିବାହର ଅନ୍ତ ଘଟାଇବା ଏବଂ କନ୍ୟାମାନଙ୍କ ଅଧିକାରରେ ନିବେଶ କରିବା'

ପାରଳାଖେମୁଣ୍ଡି, ୧୩/୧୦ (ଆ.ପ୍ର) : ଆଇଏସଆରଡି 'ସଖୀ' ୱାନ ଷ୍ଟପ ସେଂଟର, ଗଜପତି ତରଫରୁ ଆନ୍ତର୍ଜାତୀୟ କନ୍ୟା ଶିଶୁ ଦିବସ ଜିଲ୍ଲା ପ୍ରଶାସନ, ଗଜପତି ଓ ମହିଳା ଶିଶୁ ବିକାଶ ବିଭାଗ ଓଡିଶା ସରକାରଙ୍କ ସହାୟତାରେ ଉତ୍କଳ ବାଳାଶ୍ରମ, ପାରଳାଖେମୁଣ୍ଡି ଠାରେ ଅନୁଷ୍ଠାନର ଶିଶୁ କନ୍ୟାମାନଙ୍କୁ ନେଇ ମହା ଉତ୍ସାହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମଟିକୁ ଆଗକୁ ବଢେଇ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସଂଗୀତ ଉତ୍କଳ ବାଳାଶ୍ରମର ଶିଶୁ କନ୍ୟା ମାନେ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଖୀ ୱାନ ଷ୍ଟପ ସେଂଟରର କେନ୍ଦ୍ର ପ୍ରଶାସିକା ଶ୍ରୀମତୀ ସୁନିତା ରଥ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ଲକ୍ଷ ଏବଂ ଉଦ୍ଦେଶ୍ୟ ବିଷୟରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ । ୧୧ ଅକ୍ଟୋବର ୨୦୨୬ ରେ ପାଳିତ ହେଉଥିବା 'ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ'ର ବିଷୟବସ୍ତୁ ହେଉଛି 'ବାଲ୍ୟ ବିବାହର ଅନ୍ତ ଘଟାଇବା ଏବଂ କନ୍ୟାମାନଙ୍କ ଅଧିକାରରେ ନିବେଶ କରିବା' । ପ୍ରତିବର୍ଷ ୧୧ ଅକ୍ଟୋବରରେ ପାଳିତ ହେଉଥିବା 'ଆନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ' ହେଉଛି ସମଗ୍ର ବିଶ୍ୱରେ କନ୍ୟାମାନଙ୍କୁ ସମ୍ମାନ ଜଣାଇବା ଏବଂ ସେମାନଙ୍କ ସ୍ୱର, କାର୍ଯ୍ୟ ଓ ନେତୃତ୍ୱକୁ ସୁଦୃଢ଼ କରିବାର ଏକ ବିଶ୍ୱସ୍ତରୀୟ ଅବସର । ଏହା ସେହି ସମସ୍ତ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯେଉଁମାନେ କନ୍ୟା ଏବଂ ସେମାନଙ୍କ ଅଧିକାରକୁ ଗୁରୁତ୍ୱ ଦିଅନ୍ତି । ଏହି ବିଷୟରେ ଶିଶୁ କଲ୍ୟାଣ ବିଭାଗର ଅଧ୍ୟକ୍ଷ ଅମିୟ କୁମାର ତ୍ରିପାଠୀ, କିଶୋର ନ୍ୟାୟ ପରିଷଦର ସଦସ୍ୟା ଭାଗ୍ୟଲକ୍ଷ୍ମୀ ନାୟକ, ଶିଶୁ କଲ୍ୟାଣ ବିଭାଗର ସଦସ୍ୟ ନାରେଶ୍ୱର ଚୌଧୁରୀ, ରୀତା ଦାସ, ଶୁଭ୍ରକାନ୍ତି ବେହେରା, ହବର ଜିଲ୍ଲା ସଂଯୋଜକ ଏଲ୍. ରାମ ପ୍ରସାଦ, ଜିଲ୍ଲା ସଞ୍ଚୋଳିକା ଓ ଏଲ ଏମ୍ ସ୍ୱୟଂ ପ୍ରୋଜେକ୍ଟ ଶିବାନୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇ ନିଜ ନିଜ ବକ୍ତବ୍ୟରେ କହିଥିଲେ ଏହି ଦିନ, ଆମେ ସମସ୍ତେ ଏକତ୍ରିତ ହୋଇ କନ୍ୟାମାନଙ୍କ ସମସ୍ତ ପ୍ରକାରର ଅଧିକାରକୁ ସ୍ୱୀକୃତି ଦେବା ଏବଂ ସେଥିପାଇଁ ସ୍ୱର ଉତୋଳନ କରିବାକୁ ସଂକଳ୍ପବଦ୍ଧ ହେବା । ୱାନ ଷ୍ଟପ କେନ୍ଦ୍ରର ଡ. ଦେବାନନ୍ଦ ଦାଶ, ମଧୁସ୍ମିତା ପାତ୍ରୀ, ମୋହିନୀ ପ୍ରଧାନ, ସୁନିତା ବେହେରା, ଶିବାନୀ ସାମନ୍ତ, ନିରୁପମା ରାଉଳ, ହରିକୃଷ୍ଣ ଚୌଧୁରୀ, ଦିବ୍ୟ କୁମାର ସୁଆର ଏବଂ ଆଇଏସଆରଡ଼ି ପରିବାରର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ପରିଶେଷରେ ସଖୀ ୱାନ ଷ୍ଟପ ସେଂଟରର ଆଇନ ପରାମର୍ଶଦାତା ଡ. ଦାଶ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଡ଼େନାୟୁ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜି.ଉଦୟଗିରି, ୧୩/୧୦ (ଆ.ପ୍ର) : ଜି.ଉଦୟଗିରି ବ୍ଲକ ବାଡେନାୟୁ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ବହୁ ମେଧାବୀ ଛାତ୍ରୀଛାତ୍ର ମାନେ ଯୋଗ ଦେଇ ବିଭିନ୍ନ ପରିଯୋଗିତାରେ ଅଂଶ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୧୦ ଜଣ ମେଧାବୀ ଛାତ୍ରୀଛାତ୍ର ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଳରାମ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ମିଡ଼ିଆ କ୍ଲବ ସଭାପତି ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଷଡଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଗ୍ରେସୀଙ୍ଗିଆ ସିଆରସିସି ରଶ୍ମିତା ମହାରଣା, ଡୁଗୁଦ୍ଧି ସିଆରସିସି ନିତେଶ ନାୟକ, ପ୍ରଧାନ ଶିକ୍ଷୟତ୍ରୀ କିରଣ ବାଳା ନାୟକ, ବାଡେନାୟୁ ବିଦ୍ୟାଳୟ ସଭାପତି ସୁନନ୍ୟା ପ୍ରଧାନ, ସ୍ଥାନୀୟ ୱାର୍ଡ ମେମ୍ବର ଅମିତ୍ କୁମାର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ଦୀପକ ସିଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସି ସୁଶ୍ରୀ ସସ୍ମିତା ନାୟକ ସଭାପତିତ୍ୱ କରିଥିଲେ । ଶେଷରେ ଶିକ୍ଷୟତ୍ରୀ ସାଗରିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଭକ୍ତିର ମାହୋଲ : ତିନି ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ, ଆଉ ଦୁଇ ମଣ୍ଡପରେ ସପ୍ତମୀରୁ ଆରାଧନା

ବାଲିଗୁଡ଼ା, ୧୨/୧୦ :(ଆ.ପ୍ର.): ଶାରଦୀୟ ନବରାତ୍ର ଉତ୍ସବକୁ ନେଇ କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ମା'ଙ୍କ ଆଗମନରେ ଚଳଚଂଚଳ ହୋଇଉଠିଛି ବିଭିନ୍ନ ଦେବୀପୀଠ । ମନ୍ଦିରରେ ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ଆଧ୍ୟାତ୍ମିକ ପରମ୍ପରା ମଧ୍ୟରେ ମା'ଙ୍କ ଆରାଧନା ଚାଲିଥିବାବେଳେ ଆକର୍ଷଣୀୟ ଆଲୋକସଜ୍ଜା ଓ ସୁନ୍ଦର ସାଜସଜ୍ଜା ଭକ୍ତଙ୍କ ମନ ମୋହୁଛି । ନବରାତ୍ର ଉତ୍ସବକୁ ନେଇ ସହରରେ ଭକ୍ତି, ଉତ୍ସାହ ଓ ଉଦ୍ଦୀପନାର ପରିବେଶ ଦେଖିବାକୁ ମିଳୁଛି । ବାଲିଗୁଡ଼ାର ତିନୋଟି ପ୍ରମୁଖ ସ୍ଥାନରେ ନବରାତ୍ର ପୂଜା ଆରମ୍ଭ ହୋଇଛି । ସେଥିମଧ୍ୟରେ ରହିଛି ସହରର ଆରାଧ୍ୟ ଦେବୀ ମା' ପାଟଖଣ୍ଡାଙ୍କ ମନ୍ଦିର ପରିସର, ମା' ବରାଳଦେବୀଙ୍କ ମନ୍ଦିର ପରିସର ଏବଂ ବିରାଗୁଡ଼ା ନିକଟରେ ନୂତନ ଭାବେ ନିର୍ମିତ ବନଦୁର୍ଗା ମନ୍ଦିର । ଏହି ତିନୋଟି ପୀଠରେ ପୂଜା କମିଟି ପକ୍ଷରୁ ଉତ୍ସବର ଆୟୋଜନ କରାଯାଇଥିବାବେଳେ ଦେବୀଙ୍କ ଆରାଧନା ପାଇଁ ସମସ୍ତ ପ୍ରସ୍ତୁତିକୁ ଗୁରୁତ୍ୱ ଦିଆଯାଇଛି । ଆଲୋକସଜ୍ଜା ଓ କାରୁକାର୍ଯ୍ୟରେ ଝଲସୁଛି ମନ୍ଦିର ପରିସର ନବରାତ୍ର ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ତିନୋଟି ମନ୍ଦିର ପରିସରରେ ଆଲୋକସଜ୍ଜା, ସୁନ୍ଦର ଡିଜାଇନ୍, ଆକର୍ଷଣୀୟ ଡେକୋରେସନ୍ ଓ ବିଭିନ୍ନ କାରୁକାର୍ଯ୍ୟ କରାଯାଇଛି । ମନ୍ଦିରର ସାଜସଜ୍ଜା ଓ ଉତ୍ସବର ପରିବେଶ ଭକ୍ତଙ୍କୁ ଆକୃଷ୍ଟ କରୁଛି । ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନାରେ ସାମିଲ ହେବାକୁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ରହିଛି । ପାରମ୍ପରିକ ରୀତିନୀତି ଓ ଧାର୍ମିକ ଆୟୋଜନ ମାଧ୍ୟମରେ ଦେବୀଙ୍କ ନବରାତ୍ର ପୂଜା ଆଗକୁ ବଢୁଛି । ସପ୍ତମୀରୁ ଆରାଧନା, ସାଜସଜ୍ଜାରେ ବ୍ୟସ୍ତ ପୂଜା କମିଟି, ଅନ୍ୟପକ୍ଷରେ ବାଲିଗୁଡ଼ା ସହରର ଆଉ ଦୁଇଟି ସ୍ଥାନରେ ମହାସପ୍ତମୀଠାରୁ ଦୁର୍ଗାପୂଜା ଆରମ୍ଭ ହେବାକୁ ଯାଉଛି । ନୂଆସାହିସ୍ଥିତ ଦୁର୍ଗାମନ୍ଦିର ଏବଂ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପରିସରରେ ପୂଜାମଣ୍ଡପ ପ୍ରସ୍ତୁତି ଜୋରସୋର ରେ ଚାଲିଛି । ମଣ୍ଡପର ରୂପସଜ୍ଜା, ଆଲୋକୀକରଣ ଓ ଅନ୍ୟାନ୍ୟ ସାଜସଜ୍ଜା କାର୍ଯ୍ୟରେ ଆୟୋଜକ ମାନେ ବ୍ୟସ୍ତ ରହିଛନ୍ତି । ପୂଜା ଆରମ୍ଭ ପୂର୍ବରୁ ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ରୂପ ଦେବା ସହ ଭକ୍ତଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଉଛି । ସପ୍ତମୀଠାରୁ ଏହି ଦୁଇ ସ୍ଥାନରେ ମା'ଙ୍କ ପୂଜା ଆରମ୍ଭ ହେଲେ ବାଲିଗୁଡ଼ାର ନବରାତ୍ର ଉତ୍ସବର ଆକର୍ଷଣ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି । ମୋଟାମୋଟି ଭାବେ, ବାଲିଗୁଡ଼ାରେ ନବରାତ୍ର ଉତ୍ସବ କେବଳ ଧାର୍ମିକ ଆୟୋଜନରେ ସୀମିତ ନରହି ସହରର ସାମୂହିକ ଆସ୍ଥା, ପରମ୍ପରା ଓ ସାଂସ୍କୃତିକ ଏକତାର ପ୍ରତୀକ ହୋଇଉଠିଛି । ମା'ଙ୍କ ଆଗମନକୁ ନେଇ ମନ୍ଦିରଠାରୁ ପୂଜାମଣ୍ଡପ ପର୍ଯ୍ୟନ୍ତ ସବୁଠି ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି ।

ଉତର ଭୁବନେଶ୍ୱର ଦୁର୍ଗାପୂଜା ଭସାଣି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୩/୧୦ (ଆ.ପ୍ର) : ଉତର ଭୁବନେଶ୍ୱର ଦୁର୍ଗାପୂଜା ଭସାଣି କମିଟି ପକ୍ଷରୁ ଚଳିତବର୍ଷ ଦୁର୍ଗାପୂଜା ଭସାଣି ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ନନ୍ଦନକାନନ ସ୍ଥିତ ଏକ ଘରୋଇ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଭସାଣି କମିଟିର ସଭାପତି କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ମାଙ୍କ ପୂଜା ଉତ୍ସବରେ ରାଜନୀତି ନପୂରାଇ ଉତରର ଭାଇଚାରାକୁ ମଜବୁତ ରଖିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ବିଜେପି ନେତା ଗୋଲକ ମହାପାତ୍ର, ରଘୁନାଥପୁର ଦୁର୍ଗାପୂଜା କମିଟି ସଭାପତି ତଥା ବିଜେଡି ନେତା ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ସୁରେଶ ରଥ, ସମ୍ପାଦକ ସନ୍ତୋଷ ମହାନ୍ତି, ମୁଖ୍ୟ ଉଦ୍ୟୋକ୍ତା ତଥା କର୍ପୋରେଟର ମିହିର କୁମାର ରାଉତ, ବିଶ୍ୱନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ରଘୁନାଥପୁର ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତରର ୧୩ ଟି ଦୁର୍ଗାପୂଜା କମିଟିର ସଭାପତି, ସଂପାଦକ ଓ କର୍ମକର୍ତାମାନେ ଯୋଗଦାନ କରି ଚଳିତବର୍ଷ ଡମଣା ଦୁର୍ଗାପୂଜା ପଡିଆରେ ହେବାକୁଥିବା ଭସାଣି ମହୋତ୍ସବ କିପରି ଶୃଙ୍ଖଳିତ ଭାବରେ ପାଳନ କରାଯିବ ସେ ଉପରେ ମତାମତ ରଖିଥିଲେ । ପ୍ରତ୍ୟେକ ଦୁର୍ଗାପୂଜା ମଣ୍ଡପ ଠାରୁ ଡମଣା ଭସାଣି ପଡିଆ ପର୍ଯ୍ୟନ୍ତ ମେଢ ଆସିବା ଏବଂ ପଡିଆ ଠାରୁ କିପରି ଶୃଙ୍ଖଳିତ ଭାବରେ ଯିବା, ରୋଷଣୀ, ସୁରକ୍ଷା ବ୍ୟବସ୍ଥା, ପ୍ରଶାସନିକ ସହଯୋଗ ଓ ଡିଜେ ମୁକ୍ତ ଭସାଣି ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା । ଶୃଙ୍ଖଳିତ ଓ ସରସ ସୁନ୍ଦର ଭସାଣି କରିବାକୁ ନିଷ୍ପତି ହୋଇଥିଲା । ଏହି ଅବସରରେ ବିଗତ ବର୍ଷ ସର୍ବାଧିକ ମୂଲ୍ୟରେ ଲଡୁ ନିଲାମ ନେଇଥିବା ରଘୁନାଥପୁର ଦୁର୍ଗାପୂଜା କମିଟିକୁ ସମ୍ମାନିତ କରାଯାଇଥିଲା । ନୀହାରକାନ୍ତ ପରିହାରୀ ଓ ଅନ୍ୟାନ୍ୟ କର୍ମକର୍ତା ସମ୍ମାନ ଗ୍ରହଣ କରିବା ସହିତ ଭସାଣି କମିଟିକୁ ଲଡୁ ନିଲାମ ଅର୍ଥକୁ ଚେକ୍ ଆକାରରେ ପ୍ରଦାନ କରିଥିଲେ । ଭଗବାନ ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲା ବେଳେ ରଘୁନାଥପୁର ପୂଜା କମିଟିର ସମ୍ପାଦକ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଚୋରି ଓ ଅପରାଧର ଖିଅ ଖୋଜିବ ସିସିଟିଭି : ଦାରିଙ୍ଗବାଡ଼ିର ସବୁ ହୋଟେଲ, ରିସର୍ଟ ଓ ରେଷ୍ଟୁରାଂଟରେ କ୍ୟାମେରା ଲାଗିବା ବାଧ୍ୟତାମୂଳକ



ବାଲିଗୁଡା, ୧୩/୧୦ (ଆ.ପ୍ର) : ପର୍ଯ୍ୟଟନର ଆକର୍ଷଣୀୟ ସ୍ଥଳ ଦାରିଙ୍ଗବାଡ଼ିରେ ପର୍ଯ୍ୟଟକଙ୍କ ସୁରକ୍ଷା ସହ ଅପରାଧ ନିୟନ୍ତ୍ରଣକୁ ନେଇ ପୋଲିସ ଏବେ ଆକ୍ସନ ମୋଡ୍‌ରେ । ହୋଟେଲରୁ ଆରମ୍ଭ କରି ରିସର୍ଟ ଓ ରେଷ୍ଟୁରାଂଟ ପର୍ଯ୍ୟନ୍ତ ସବୁଠି ସିସିଟିଭି କ୍ୟାମେରା ଲଗାଇବା ସହ ରେକର୍ଡିଂ ସଂରକ୍ଷଣ ରଖିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ମାତ୍ର ୭ ଦିନର ସମୟସୀମା ଧାର୍ଯ୍ୟ କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ନିୟମ ପାଳନ ନକଲେ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ପୋଲିସ ସ୍ପଷ୍ଟ କରିଛି । କନ୍ଧମାଳ ଏସପି ରାମେନ୍ଦ୍ର ପ୍ରସାଦ ଓ ବାଲିଗୁଡ଼ା ଏସଡିପିଓ ଶୁଭମ ଭୋସଲେଙ୍କ ନିର୍ଦ୍ଦେଶକ୍ରମେ ଦାରିଙ୍ଗବାଡ଼ି ଥାନା ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଏହି ପଦକ୍ଷେପ ଆରମ୍ଭ ହୋଇଛି । ପୋଲିସ ପକ୍ଷରୁ ଅଂଚଳର ବିଭିନ୍ନ ହୋଟେଲ, ରିସର୍ଟ ଓ ରେଷ୍ଟୁରାଂଟ ଯାଂଚ କରାଯାଇ ନିର୍ଦ୍ଦେଶ ପାଳନ କରିବାକୁ ମାଲିକମାନଙ୍କୁ କୁହାଯାଉଛି । କେବଳ କ୍ୟାମେରା ଲଗାଇଲେ ହେବନି, ଫୁଟେଜ୍ ରଖିବା ବି ବାଧ୍ୟତାମୂଳକ ପୋଲିସର ନିର୍ଦ୍ଦେଶ ଅନୁଯାୟୀ, ହୋଟେଲ ଓ ଅନ୍ୟାନ୍ୟ ରହଣି ସ୍ଥଳରେ ସିସିଟିଭି କ୍ୟାମେରା ଲଗାଇବା ସହ ଏହାର ଭିଡିଓ ଫୁଟେଜ୍ ଅତିକମରେ ୧୫ ଦିନ ପର୍ଯ୍ୟନ୍ତ ସଂରକ୍ଷିତ ରଖିବାକୁ ହେବ । ଆବଶ୍ୟକ ସମୟରେ ତଦନ୍ତ ପାଇଁ ଏହି ଫୁଟେଜ୍ ପୋଲିସକୁ ସହାୟତା କରିବ । ଏଥିସହ ହୋଟେଲରେ ରାତ୍ରିଯାପନ କରୁଥିବା ପର୍ଯ୍ୟଟକଙ୍କ ପରିଚୟ ସମ୍ବନ୍ଧୀୟ ତଥ୍ୟ ଓ ଆଧାରକାର୍ଡ ସମ୍ପର୍କିତ ବିବରଣୀ ଥାନାରେ ଦାଖଲ କରିବାକୁ ମଧ୍ୟ ପୋଲିସ ପକ୍ଷରୁ କୁହାଯାଇଛି । ନିର୍ଦ୍ଦେଶ ଅନୁପାଳନର ସ୍ଥିତି ଯାଂଚ କରିବାକୁ ଆସନ୍ତା ୨୨ ତାରିଖରେ ପୁଣିଥରେ ଯାଂଚ କରାଯିବ । ଏହି ସମୟରେ ନିୟମ ଉଲ୍ଲଂଘନ ଚିହ୍ନଟ ହେଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପୋଲିସ ସୂଚନା ଦେଉଛି । ସୂଚନା ଅନୁଯାୟୀ, ପ୍ରାୟ ଦୁଇ ମାସ ମଧ୍ୟରେ ଦାରିଙ୍ଗବାଡ଼ି ଅଂଚଳରେ ଏକାଧିକ ଚୋରି ଘଟଣା ସାମ୍ନାକୁ ଆସିଛି । ଏହି ମାମଲା ଗୁଡ଼ିକରେ ଅଭିଯୁକ୍ତଙ୍କୁ ଧରିବା ଦିଗରେ ପୋଲିସ ସଫଳ ହୋଇପାରିନଥିବା ଅଭିଯୋଗ ରହିଛି । ଅନ୍ୟପଟେ, ଭଦ୍ରକ ଜିଲ୍ଲାର ଭଣ୍ଡାରିପୋଖରୀ ଅଂଚଳର ଜଣେ ଯୁବକ ଦାରିଙ୍ଗବାଡ଼ିର ଏକ ହୋଟେଲରେ ରହିବା ପରେ ରେନବୋ ଜଳପ୍ରପାତ ନିକଟରେ ତାଙ୍କ ମୃତଦେହ ମିଳିବା ଘଟଣା ମଧ୍ୟ ଚର୍ଚ୍ଚାକୁ ଆସିଥିଲା । ଉକ୍ତ ଘଟଣାର ତଦନ୍ତ ସମୟରେ ପୋଲିସକୁ ସିସିଟିଭି ଫୁଟେଜ୍ ସଂଗ୍ରହ କରିବାରେ ଅସୁବିଧା ହୋଇଥିବା ସୂଚନା ମିଳିଛି । ଏପରି ପରିସ୍ଥିତିରେ ଅପରାଧର ତଦନ୍ତକୁ ଅଧିକ ସୁଦୃଢ଼ କରିବା, ସନ୍ଦିଗ୍ଧଙ୍କ ଗତିବିଧି ଯାଂଚ କରିବା ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସିସିଟିଭି ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି । କେବଳ ହୋଟେଲ ଓ ରିସର୍ଟରେ ସୀମିତ ରହିବନି ଏହି ସୁରକ୍ଷା ବ୍ୟବସ୍ଥା । ଦାରିଙ୍ଗବାଡ଼ିର ବିଭିନ୍ନ ବଜାର ଓ ଛକରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଯୋଜନା ହୋଇଛି । ଏଥି ନିମନ୍ତେ ହୋଟେଲ ସଂଘ, ବଣିକ ସଂଘ ଓ ପ୍ରଶାସନକୁ ନେଇ ଏକ ମିଳିତ ବୈଠକ କରାଯିବ । ସମସ୍ତଙ୍କ ସହଯୋଗରେ ବିଭିନ୍ନ ଛକ ଓ ବଜାରରେ କ୍ୟାମେରା ସ୍ଥାପନ କରିବାର ବ୍ୟବସ୍ଥା କରାଯିବ ବୋଲି ଆଇଆଇସି ସଂଗ୍ରାମ କେଶରୀ ଜେନା କହିଛନ୍ତି । ଦାରିଙ୍ଗବାଡ଼ି ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ହୋଇଥିବାରୁ ବର୍ଷସାରା ଏଠାକୁ ପର୍ଯ୍ୟଟକଙ୍କ ଆଗମନ ଲାଗି ରହିଥାଏ । ଏଭଳି ସ୍ଥିତିରେ ସୁରକ୍ଷା ବ୍ୟବସ୍ଥାରେ କୌଣସି ଅବହେଳା ନହେବା ଏବଂ ଅପରାଧ ଘଟିଲେ ତଦନ୍ତ ପାଇଁ ଆବଶ୍ୟକ ତଥ୍ୟ ଉପଲବ୍ଧ ହେବା ଜରୁରୀ । ଏବେ ପୋଲିସର ଏହି ପଦକ୍ଷେପ କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଆସନ୍ତା ୨୨ ତାରିଖର ଯାଂଚ ପରେ ସ୍ପଷ୍ଟ ହେବ ।

କ୍ରସର ୱାଚ୍ ମ୍ୟାନ୍‌ଙ୍କୁ ବୀଭତ୍ସ ହତ୍ୟା, ଥାନାରେ ଆତ୍ମସମର୍ପଣ କଲା ଅଭିଯୁକ୍ତ



ବଣାଇଁ, ୧୩/୧୦ (ଆ.ପ୍ର) : ବନ୍ଦ ଥିବା କ୍ରସରରେ ବୀଭତ୍ସ ହତ୍ୟା । ସୁନ୍ଦରଗଡ଼ କୋଇଡା ଥାନା ସର୍ଗିଗଡ଼ ମୁଣ୍ଡା ବସ୍ତି ନିକଟରେ ବହୁ ବର୍ଷ ଧରି ବନ୍ଦ ଥିବା କ୍ରସରରେ ହତ୍ୟାକାଣ୍ଡ ଘଟିଛି । ମୃତକ ଜଣଙ୍କ ହେଲେ କ୍ରସରର ୱାଚ୍ ମ୍ୟାନ୍ ପାନପୋଷିଆ ଗାଁର ସନାତନ ମୁଣ୍ଡା । ହତ୍ୟାକାଣ୍ଡ ପରେ ନିଜେ ଯାଇ ଥାନାରେ ଆତ୍ମସମର୍ପଣ କଲା ଅଭିଯୁକ୍ତ । ସୂଚନାନୁଯାୟୀ, ପାନପୋଷିଆ ଗାଁର ସନାତନ ମୁଣ୍ଡା କ୍ରସରରେ ୱାଚ ମ୍ୟାନ୍ ଭାବେ ରାତିରେ କାମ କରନ୍ତି । ସୋମବାର ସନ୍ଧ୍ୟାରେ କାମ ପାଇଁ ଘରୁ ବାହାରିଥିଲେ । କ୍ରସରରେ ପହଂଚିବା ପରେ ସେଠାରେ ଥିବା ଗାଡ଼ିରୁ ବ୍ୟାଟେରୀ ଚୋରି ହୋଇଥିବା ଦେଖିଥିଲେ । ନିକଟ ସର୍ଗିଗଡ଼ ବସ୍ତିରେ ରହୁଥିବା ଜୟରାମ ମୁଣ୍ଡାଙ୍କୁ ବ୍ୟାଟେରି ଚୋରି ସମ୍ପର୍କରେ ପଚାରିଥିଲେ । ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା । ଏଥିରେ ରାଗିଯାଇ ଜୟରାମ ଘରୁ ଟାଙ୍ଗିଆ ଆଣି ସନାତନଙ୍କୁ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ସନାତନଙ୍କ ମୃତ୍ୟୁ ହୋଇଥିଲା । ହତ୍ୟାକାଣ୍ଡ ପରେ ଜୟରାମ ନିଜେ ଆସି କୋଇଡା ଥାନାରେ ଆତ୍ମସମର୍ପଣ କରିଥିଲେ । କୋଇଡା ପୁଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

ଏସିଆନ ଚାମ୍ପିୟନ୍ସ ଟ୍ରଫି: ୧୮ ଜଣିଆ ଟିମରେ ଓଡ଼ିଶାର ଅମିତ, ଅମନଦୀପ ଓ ଶିଳାନନ୍ଦ ଲାକ୍ରା

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): ଅକ୍ଟୋବର ୨୭ରୁ ପଞ୍ଜାବରେ ଆରମ୍ଭ ହେବ ଏସିଆନ ଚାମ୍ପିୟନ୍ସ ଟ୍ରଫି ୨୦୨୬। ନଭେମ୍ବର ୫ ଯାଏ ଚାଲିବାକୁ ଥିବା ଏହି ହକି ମହାକୁମ୍ଭ ପାଇଁ ଘୋଷଣା ହୋଇଛି ୧୮ ଜଣିଆ ଭାରତୀୟ ସ୍କ୍ୱାଡ। ଏହି ସ୍କ୍ୱାଡରେ ୩ ଓଡ଼ିଆ ତାରକା ଅମିତ ରୋହିଦାସ, ଅମନଦୀପ ଲାକ୍ରା ଓ ଶିଳାନନ୍ଦ ଲାକ୍ରା ରହିଛନ୍ତି। ଏସିଆନ ଗେମ୍ସ ସ୍ୱର୍ଣ୍ଣିମ ସଫଳତା ପାଇଥିବା ଭାରତୀୟ ହକି ଟିମରେ ଦୁଇ ଓଡ଼ିଆ ହକି ଷ୍ଟାର ଅମିତ ଓ ଶିଳାନନ୍ଦ ରହିଥିଲେ। ଏବେ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଅମିତ ଓ ଶିଳାନନ୍ଦଙ୍କ ବ୍ୟତୀତ ଓଡ଼ିଶାର ଯୁବ ଖେଳାଳି ଅମନଦୀପଙ୍କୁ ମଧ୍ୟ ସାମିଲ କରିଛି ହକି ଇଣ୍ଡିଆ। କ୍ରେଗ ଫୁଲ୍ଟନଙ୍କ କୋଚିଂରେ ଖେଳୁଥିବା ଭାରତୀୟ ହକି ଟିମ ନିକଟରେ ଜାପାନାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଦଳ ଫାଇନାଲରେ ମାଲେସିଆକୁ ହରାଇ କ୍ରମାଗତ ଦ୍ୱିତୀୟ ଥର ଏସିଆ ଦଖଲ କରିବାକୁ ସକ୍ଷମ ହୋଇଛି। ଏବେ ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ଦଳ ପୁଣି ଚାମ୍ପିୟନ ହେବାର ଲକ୍ଷ୍ୟ ରଖିଛି। ଭାରତ ବ୍ୟତୀତ ଏହି ଟୁର୍ଣ୍ଣାମେଂଟରେ ମାଲେସିଆ, ଜାପାନ, କୋରିଆ, ଚାଇନା ଓ ବାଂଲାଦେଶ ଭାଗ ନେଉଛନ୍ତି। ପାକିସ୍ତାନ ଏହି ଟୁର୍ଣ୍ଣାମେଂଟ ପଞ୍ଜାବ ବଦଳରେ ଆଉ ଏକ ନିରପେକ୍ଷ ସ୍ଥାନରେ ଆୟୋଜନ କରିବାକୁ ଦାବି କରି ଓହରି ଯାଇଛି। ଭାରତୀୟ ଟିମ ଅକ୍ଟୋବର ୨୭ରେ ବାଂଲାଦେଶ ବିପକ୍ଷରୁ ନିଜର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜଲନ୍ଧରରେ ଖେଳାଯିବ। ୧୮ ଜଣିଆ ସ୍କ୍ୱାଡର ନେତୃତ୍ୱ ହରମନ ନେବାକୁ ଯାଉଥିବା ବେଳେ ଦଳରେ ୨ ଜଣ ଗୋଲର କିପର ସୂରଜ କାରକେରା ଓ କିଷନ ପାଠକ ରହିଛନ୍ତି। ୧୮ ଜଣିଆ ସ୍କ୍ୱାଡ ବ୍ୟତୀତ ହକି ଇଣ୍ଡିଆ ବିଶ୍ୱ କାନ୍ତ ସିଂହ ଓ ଅଙ୍ଗଦ ବୀର ସିଂହଙ୍କୁ ରିଜର୍ଭ ଖେଳାଳି ଭାବେ ଦଳ ସହ ରଖିଛି। ଭାରତୀୟ ସ୍କ୍ୱାଡ ଗୋଲ କିପର: ସୂରଜ ଓ କିଷନ ଡିଫେଣ୍ଡର: ସଞ୍ଜୟ, ହରମନପ୍ରୀତ ସିଂହ(ଅଧିନାୟକ), ଅମିତ ରୋହିଦାସ, ଯୁଗରାଜ ସିଂହ, ଜରମନପ୍ରୀତ ସିଂହ, ଅମନଦୀପ ଲାକ୍ରା ମିଡଫିଲ୍ଡର: ରାଜିନ୍ଦର ସିଂହ, ଆଦିତ୍ୟ ଲାଲାଗେ, ନୀଳକଣ୍ଠ ଶର୍ମା, ହାର୍ଦ୍ଦିକ ସିଂହ ଓ ମନପ୍ରୀତ ସିଂହ ଫରୱାର୍ଡସ: ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ ସିଂହ, ଦୀଲପ୍ରୀତ ସିଂହ ଓ ମନଦୀପ ସିଂହ।

ଗିଲ୍ ଓ ଶେଫାଳି ମାସର ଶ୍ରେଷ୍ଠ ଆଇସିସି ଖେଳାଳି

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): ଆଇସିସିର ମାସିକ ପୁରସ୍କାରରେ ଭାରତୀୟଙ୍କ ଦବଦବା। ଭାରତୀୟ ପୁରୁଷ ଟିମର କ୍ୟାପ୍ଟେନ ଶୁବମନ ଗିଲ ଓ ମହିଳା କ୍ରିକେଟ ଟିମର ଓପନର ଶେଫାଳୀ ବର୍ମାଙ୍କୁ ମିଳିଛି ବଡ଼ ପୁରସ୍କାର। ଉଭୟ ସେପ୍ଟେମ୍ବର ମାସର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଆଇସିସି ପ୍ଲେୟାର ଅଫ ଦି ମନ୍ଥ ପୁରୁଷ ବିଭାଗରେ ଗିଲ ଓ ମହିଳା ବର୍ଗରେ ଶେଫାଳୀ ଜିତିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆରେ ଦମଦାର ପ୍ରଦର୍ଶନ ପାଇଁ ଗିଲଙ୍କୁ ଏହି ପୁରସ୍କାର ମିଳିଛି। ସେହିପରି ଏସିଆନ ଗେମ୍ସ ଓ ଏସିଆ କପରେ ଚମତ୍କାର ବ୍ୟାଟିଂ ପାଇଁ ଶେଫାଳୀ ମାସର ଶ୍ରେଷ୍ଠ ପୁରସ୍କାର ପାଇଛନ୍ତି। ଏହାକୁ ମିଶାଇ ଗିଲ୍ ୫ମଥର ପାଇଁ ଆଇସିସି ପକ୍ଷରୁ ମାସର ଶ୍ରେଷ୍ଠ ପୁରସ୍କାର ଜିତିଛି। ଏଥିସହ ସର୍ବାଧିକ ଥର ମାସିକ ପୁରସ୍କାର ଜିତିଥିବା ୱେଷ୍ଟଇଣ୍ଡିଜ ମହିଳା ଟିମର ଅଧିନାୟକ ହେଲୀ ମାଥ୍ୟୁସଙ୍କ ସମକକ୍ଷ ହୋଇଛନ୍ତି। ୨୦୨୩ ଜାନୁଆରୀ ଓ ସେପ୍ଟେମ୍ବର, ୨୦୨୫ ଫେବୃଆରୀ ଓ ଜୁଲାଇ ମାସର ଆଇସିସି ପକ୍ଷରୁ ଶ୍ରେଷ୍ଠ ଖେଳାଳି ମାନ୍ୟତା ପାଇଥିଲେ ଗିଲ୍। ଶେଫାଳୀଙ୍କୁ ଦ୍ୱିତୀୟ ଥର ଏପରି ସମ୍ମାନ ମିଳିଛି। ଏହାପୂର୍ବରୁ ୨୦୨୫ ନଭେମ୍ବରରେ ସେ ଆଇସିସିର ମାସିକ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଥିଲେ। ମହିଳା ଦିନିକିଆ ବିଶ୍ୱକପରେ ଭାରତର ବିଜୟରେ ଶେଫାଳୀଙ୍କ ଦମଦାର ଯୋଗଦାନ ଯୋଗୁ ତାଙ୍କୁ ଏହି ସମ୍ମାନ ମିଳିଥିଲା। ବିଶେଷ କରି ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲରେ ଶେଫାଳୀ ଚମତ୍କାର ଖେଳ ଦେଖାଇଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ଗିଲ ୧୧୦ ଓ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିଥିଲେ ରେକର୍ଡ ବ୍ରେକିଂ ୧୩୩ ବଲରେ ଅପରାଜିତ ୨୨୩ ରନର ଇନିଂସ। ତାଙ୍କର ଦୁଇ ଶତକ ଯୋଗୁ ଭାରତ ୪୦୬ ରନର ଟାର୍ଗେଟକୁ ୮ ୱିକେଟ ପୂର୍ବରୁ ଜିତି ନେଇଥିଲା। ଏତେ ବଡ଼ ସ୍କୋର ଭାରତ କରିଥିଲେ ହେଁ ୩୯ ବଲ ବାକି ରହିଥିଲେ। ଏହା ଦିନିକିଆ ଇତିହାସରେ ଦ୍ରୁତତମ ଦୁଇ ଶତକ ମଧ୍ୟ ରହିଥିଲା। ଶେଫାଳୀ ସେପ୍ଟେମ୍ବର ମାସରେ ୭ଟି ଟି-୨୦ରେ ୩୬୦ ରନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୭୨ ରହିଥିବା ବେଳେ ଷ୍ଟ୍ରାଇକ ରେଟ୍? ହେଉଛି ୧୮୪.୬୧। ସେ ୧୩ ହାରରେ ୬ଟି ୱିକେଟ ମଧ୍ୟ ନେଇଛନ୍ତି। ପ୍ରଥମଥର ପାଇଁ ଗୋଟିଏ ମାସରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ଭାରତୀୟଙ୍କ ଦବଦବା ଦେଖିବାକୁ ମିଳିନି। ଏହାପୂର୍ବରୁ ୨୦୨୪ ଜୁନ ମାସରେ ପୁରୁଷ ବର୍ଗରେ ଯଶପ୍ରୀତ ବୁମ୍ରା ଓ ମହିଳା ବର୍ଗରେ ସ୍ମୃତି ମନ୍ଧାନା ଶ୍ରେଷ୍ଠ ବିବେଚିତ ହୋଇଥିଲେ। ସେହିପରି ୨୦୨୫ ସେପ୍ଟେମ୍ବରରେ ଅଭିଷେକ ଶର୍ମା ଓ ମନ୍ଧାନା ଆଇସିସିର ମାସିକ ପୁରସ୍କାର ଜିତିଥିଲେ।

୧୮ରୁ ପାରା ଏସିଆଡ, ଭାଗ ନେବ ୨୭୫ ଜଣିଆ ଭାରତୀୟ ଦଳ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୩/୧୦(ନ୍ୟୁ.ଏ): ଆସନ୍ତା ୧୮ ତାରିଖରୁ ଜାପାନର ନାଗୋୟାରେ ଆରମ୍ଭ ହେବାକୁ ଯାଉଛି ପାରା ଏସିଆଡ୍। ୨୭୫ ଜଣିଆ ଭାରତୀୟ ଦଳ କ୍ରୀଡ଼ାରେ ଭାଗ ନେବେ। ଏଥିରେ ୧୬୬ ଜଣ (୫୫ ଜଣ ମହିଳା) କ୍ରୀଡ଼ାବିତ ରହିଛନ୍ତି। ଭାରତୀୟ ଦଳର ନେତୃତ୍ୱ ନେଇ ଉଦଘାଟନୀ ଉତ୍ସବରେ ତ୍ରିରଙ୍ଗା ଧାରଣ କରିବେ ଓଡ଼ିଆ ପାରାଲିମ୍ପିଆନ ପ୍ରମୋଦ ଭଗତ ଏବଂ ପାରା ଟେବୁଲ ଟେନିସ ଖେଳାଳି ଭବାନୀ ପଟେଲ। ଆଥଲେଟିକ୍ସରେ ସର୍ବାଧିକ ୬୨ ଜଣ ସାମିଲ ରହିଛନ୍ତି। ଏହି ଦଳରେ ଓଡ଼ିଶାରୁ ବ୍ୟାଡମିଂଟନରେ ପ୍ରମୋଦ ଭଗତ, ତୀରନ୍ଦାଜୀରେ ପାୟଲ ନାଗ ଏବଂ ଆଥଲେଟିକ୍ସରେ ସୁଚିତ୍ରା ପରିଡ଼ା ଓ ଜୟନ୍ତୀ ବେହେରା (ଟି୪୭) ସାମିଲ ରହିଛନ୍ତି। ପାରା ଏସିଆଡ୍ ଆସନ୍ତା ୧୮ରୁ ଆରମ୍ଭ ହୋଇ ୨୪ ତାରିଖରେ ଉଦଯାପିତ ହେବ। ମୋଟ୍ ୧୮ଟି କ୍ରୀଡ଼ାରେ ୪୯୨ଟି ଇଭେଂଟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏସିଆର ୪୫ଟି ଦେଶ ଏଥିରେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୨୦ତମ ଏସିଆଡ୍‌ରେ ଭାରତ ମୋଟ ୮୫ଟି ପଦକ ଜିତିବାରେ ସଫଳ ହୋଇଥିଲା। ଯେଉଁଥିରେ ୨୧ଟି ସ୍ୱର୍ଣ୍ଣ ପଦକ ସାମିଲ ରହିଥିଲା।

ଲଦାଖ ଅବିଚ୍ଛେଦ୍ୟ ଅଙ୍ଗ: ଚାଇନାକୁ କାଉଂଟର କଲା ଭାରତ

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): ଲଦାଖ ପ୍ରସଙ୍ଗରେ ଚାଇନାକୁ କାଉଂଟର କଲା ଭାରତ। କେନ୍ଦ୍ର ଶାସିତ ଅଂଚଳ ଲଦାଖ ଭାରତ ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଛି ନୂଆଦିଲ୍ଲୀ। ଭାରତ ସରକାର ଲଦାଖର ୨୮ଟି ରଣନୀତିକ ସ୍ଥଳ ଓ ଭୌଗଳିକ ବିଶେଷତ୍ୱକୁ ଅଧିକୃତ ମାନଚିତ୍ରରେ ସ୍ଥାନିତ କରିଥିବାରୁ ଏହା ବିରୋଧରେ ସ୍ୱର ଉଠାଇଥିଲା ଚାଇନା। ଏହାର ଜବାବ ଏବେ ଭାରତ ପକ୍ଷରୁ ଦିଆଯାଇଛି। ସରକାର ଲଦାଖ ପ୍ରଶାସନ ସହ ଆଲୋଚନା କରି ୨୮ଟି ସ୍ଥାନକୁ ସେଗୁଡ଼ିକ ବିଶେଷତ୍ୱ ଅନୁସାରେ ନାମିତ କରିଛନ୍ତି। ଏହାଦ୍ୱାରା ସେଗୁଡ଼ିକ ଭାରତୀୟ ସର୍ବେକ୍ଷଣ ବିଭାଗର ଅଧିକୃତ ମାନଚିତ୍ରରେ ସାମିଲ ହୋଇପାରିବ। ଏବେ ଲଦାଖର ସେହି ସବୁ ସ୍ଥାନ ଗୁଡ଼ିକ ଭାରତୀୟ ସର୍ବେକ୍ଷଣ ମାନଚିତ୍ରରେ ରହିଛି। ଏହାଦ୍ୱାରା ଲୋକମାନେ ସେହି ସ୍ଥାନଗୁଡ଼ିକର ବିଶେଷତ୍ୱକୁ ଭଲ ଭାବେ ବୁଝି ପାରିବେ। କେନ୍ଦ୍ର ଶାସିତ ଅଂଚଳ ଲଦାଖ ଭାରତର ଗୋଟିଏ ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ। ଚାଇନିଜ ପକ୍ଷ ଏହାକୁ ଯେତେ ଅଗ୍ରାହ୍ୟ କଲେ ମଧ୍ୟ ପ୍ରକୃତ ସ୍ଥିତି ଓ ତଥ୍ୟ କେବେ ହେଲେ ବି ବଦଳିବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି। ଭାରତ ସରକାର ଲଦାଖର ୨୮ଟି ସ୍ଥାନକୁ ଚିହ୍ନଟ କରିବା ପରେ ଚାଇନା କଡ଼ା ଆପତ୍ତି ଦର୍ଶାଇଥିଲା। ଚାଇନା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ ଗ୍ଲୋବାଲ ଟାଇମ୍ସକୁ ଭାରତର ଲଦାଖକୁ ନିଜର ବୋଲି କହିଥିଲେ। ଏଥିସହ ଭାରତର ପଦକ୍ଷେପକୁ ବେଆଇନ ଦର୍ଶାଇଥିଲେ। ସେ କହିଥିଲେ, "ଚାଇନା କେବେ ହେଲେ ବି ଭାରତ ସରକାର ଏକତରଫା ଓ ବେଆଇନ ଭାବେ ତଥାକଥିତ କେନ୍ଦ୍ର ଶାସିତ ଅଂଚଳ ଲଦାଖକୁ ଦେଇଥିବା ମାନ୍ୟତାକୁ ଅନୁମତି ଦେଇ ନାହିଁ। ଏହା ଭାରତର ପଶ୍ଚିମ ପ୍ରାନ୍ତରେ ଥିବା ସ୍ଥାନ ସବୁବେଳେ ଚାଇନାର। କୌଣସି ବେଆଇନ ଓ ଅବୈଧ ପଦକ୍ଷେପ ପ୍ରକୃତ ତଥ୍ୟକୁ ବଦଳାଇ ପାରିବ ନାହିଁ।" ଲଦାଖର ୨୮ଟି ସ୍ଥାନକୁ ଭାରତୀୟ ସର୍ବେକ୍ଷଣ ମାନଚିତ୍ରରେ ସ୍ଥାନ ଦେଇ ଭାରତ ସରକାର ସେଗୁଡ଼ିକୁ ନେଇ ଲାଗି ରହିଥିବା ପ୍ରଶାସିନକ ଦ୍ୱନ୍ଦ୍ୱ ଓ ସ୍ୱଚ୍ଛତାରେ ଏକ ସ୍ପଷ୍ଟତା ଆଣିଥିଲେ। ଚାଇନା କରୁଥିବା ଦାବି ମଧ୍ୟ ଏହି ପଦକ୍ଷେ ଦ୍ୱାରା ଫସର ଫାଟିଥିଲା।

ହର୍ମୁଜ୍ ପ୍ରଣାଳୀ ବନ୍ଦ ଯୋଗୁଁ ସଙ୍କଟରେ ଉପସାଗରୀୟ ଅର୍ଥନୀତି

ୱାସିଂଟନ, ୧୩/୧୦(ନ୍ୟୁ.ଏ): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବଂହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଦ୍ୱାରା ବିଶ୍ୱ ଅର୍ଥନୀତି ଉପରେ ଚାପ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)ର ଅକ୍ଟୋବର ୨୦୨୬ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ମଧ୍ୟପ୍ରାଚ୍ୟ ଏବଂ ମଧ୍ୟ ଏସିଆ କ୍ଷେତ୍ରର ଆର୍ଥିକ ଅଭିବୃଦ୍ଧି ହାର ମାଇନସ୍ ୦.୩ ପ୍ରତିଶତରେ ପହଂଚିପାରେ। ଏହା ଉପସାଗରୀୟ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଉପରେ ସର୍ବାଧିକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ସେହି ସମୟରେ, ଅଶୋଧିତ ତୈଳର ହାରାହାରି ମୂଲ୍ୟ ପ୍ରତି ବ୍ୟାରେଲ ପିଛା ୯୫.୭୪ ହେବ ବୋଲି ଆକଳନ କରାଯାଇଛି। ଏହା ୨୦୨୫ ମସିହାରେ ପ୍ରତି ବ୍ୟାରେଲ ୬୭.୭୪ ଡଲାର ହାରାହାରି ମୂଲ୍ୟ ଅପେକ୍ଷା ଯଥେଷ୍ଟ ଅଧିକ ରହିବ। ଆଇଏମଏଫର ବିଶ୍ୱ ଅର୍ଥନୈତିକ ଆଉଟଲୁକ୍ ରିପୋର୍ଟ ଅନୁଯାୟୀ, ମଧ୍ୟପ୍ରାଚ୍ୟ ଏବଂ ମଧ୍ୟ ଏସିଆ କ୍ଷେତ୍ରର ଅର୍ଥନୈତିକ ଅଭିବୃଦ୍ଧି ହାର ୨୦୨୫ରେ ୩.୭ ପ୍ରତିଶତରୁ ୨୦୨୬ ରେ ମାଇନସକୁ ହ୍ରାସ ପାଇପାରେ। ଏପ୍ରିଲ ୨୦୨୬ ପ୍ରୋଜେକସନ ତୁଳନାରେ ଅଭିବୃଦ୍ଧି ପୂର୍ବାନୁମାନ ୨.୨ ପ୍ରତିଶତ ହ୍ରାସ କରାଯାଇଛି। ରିପୋର୍ଟରେ ମୁଖ୍ୟତଃ ହର୍ମୁଜ୍ ପ୍ରଣାଳୀର ଦୀର୍ଘ ସମୟ ବନ୍ଦ ରହିବା ଏବଂ ଶକ୍ତି ଯୋଗାଣରେ ବାଧା ସୃଷ୍ଟି ହେବା ଯୋଗୁଁ ଏଭଳି ହୋଇଥିବା କୁହାଯାଇଛି। ତେବେ ୨୦୨୭ ମସିହାରେ ଏହି ଅଂଚଳର ଅର୍ଥନୀତି ୬.୩ ପ୍ରତିଶତ ହାରରେ ଅଭିବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। କୁଏତ, ଇରାକ ଏବଂ କତାରର ଅର୍ଥନୀତି ସବୁଠାରୁ ଅଧିକ ପ୍ରଭାବିତ ହେବେ। ରିପୋର୍ଟ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଦ୍ୱାରା ଛୋଟ ଉପସାଗରୀୟ ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଉପରେ ସବୁଠାରୁ ଗୁରୁତର ପ୍ରଭାବ ପଡ଼ିପାରେ। ୨୦୨୬ ମସିହାରେ କୁଏତର ଅର୍ଥନୀତି ୧୬.୭ ପ୍ରତିଶତ, ଇରାକର ୧୬ ପ୍ରତିଶତ, କତାରର ୧୫.୬ ପ୍ରତିଶତ ଏବଂ ବାହାରିନର ୧୧.୩ ପ୍ରତିଶତ ହ୍ରାସ ପାଇବାର ଆକଳନ କରାଯାଇଛି। ଏହି ଦେଶଗୁଡ଼ିକର ଅର୍ଥନୀତି ଶକ୍ତି ଉତ୍ପାଦନ ଏବଂ ତୈଳ ଏବଂ ଗ୍ୟାସ୍ ରପ୍ତାନି ଉପରେ ବହୁଳ ଭାବରେ ନିର୍ଭରଶୀଳ। ତେଣୁ ଉତ୍ପାଦନ, ପରିବହନ ଏବଂ ରପ୍ତାନିରେ ବାଧା ସେମାନଙ୍କ ଆର୍ଥିକ କାର୍ଯ୍ୟକଳାପକୁ ପ୍ରଭାବିତ କରିପାରେ। ଉପସାଗରୀୟ ଦେଶଗୁଡ଼ିକ ୨୦୨୭ ମସିହାରେ ଦ୍ରୁତ ପୁନରୁଦ୍ଧାର ଆକଳନ କରାଯାଇଛି। ରିପୋର୍ଟ ଅନୁଯାୟୀ, ଇରାକର ଅର୍ଥନୈତିକ ଅଭିବୃଦ୍ଧି ହାର ୧୯ ପ୍ରତିଶତ, କତାରର ୧୮.୮ ପ୍ରତିଶତ, କୁଏତର ୧୭.୧ ପ୍ରତିଶତ ଏବଂ ବାହାରିନର ୧୩.୯ ପ୍ରତିଶତରେ ପହଂଚିପାରେ। ଏହି ଆକଳନ ଉନ୍ନତ ଶକ୍ତି ଯୋଗାଣ ଏବଂ ରପ୍ତାନି ମାର୍ଗର ସମ୍ଭାବନା ଉପରେ ଆଧାରିତ। ତେବେ ପ୍ରକୃତ ପୁନରୁଦ୍ଧାର ଏହି ଅଂଚଳର ସୁରକ୍ଷା ପରିସ୍ଥିତି ଏବଂ ଶକ୍ତି ବାଣିଜ୍ୟର ସ୍ୱାଭାବିକୀକରଣ ଉପରେ ନିର୍ଭର କରିବ ବୋଲି ଉଲ୍ଲେଖ କରାଯାଇଛି। ଆକଳନ ଅନୁଯାୟୀ, ସାଉଦି ଆରବର ଅର୍ଥନୀତି ୨୦୨୬ ରେ ୩.୩ ପ୍ରତିଶତ ହ୍ରାସ ପାଇପାରେ, ଯେତେବେଳେ ୨୦୨୭ରେ ଅଭିବୃଦ୍ଧି ୭.୯ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଅର୍ଥନୀତି ୨୦୨୬ ରେ ୩.୯ ପ୍ରତିଶତ ହ୍ରାସ ପାଇବ ଏବଂ ୨୦୨୭ ରେ ୭.୭ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ରିପୋର୍ଟରେ କୁହାଯାଇଛି, ସାଉଦି ଆରବ ଏହାର ତୁଳନାତ୍ମକ ବିବିଧ ତୈଳ ରପ୍ତାନି ମାର୍ଗରେ କିଛି ଆଶ୍ୱସ୍ତି ପାଇପାରେ। ଏହି ସମୟରେ ଓମାନ ଏହି ଅଂଚଳର ଅନ୍ୟ ଦେଶମାନଙ୍କଠାରୁ ପୃଥକ ରହିପାରେ, ଏହାର ଅର୍ଥନୀତି ୨୦୨୬ ରେ ୪.୧ ପ୍ରତିଶତ ଅଭିବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ରିପୋର୍ଟରେ ୨୦୨୬ ମସିହାରେ ଇରାନର ଅର୍ଥନୀତି ୭.୬ ପ୍ରତିଶତ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି।

ଜେଲେନସ୍କିଙ୍କ ଅପେକ୍ଷା ପୁଟିନ ଅଧିକ ଶାନ୍ତି ଚାହୁଁଛନ୍ତି

ୱାସିଂଟନ, ୧୩/୧୦(ନ୍ୟୁ.ଏ): ପ୍ରସ୍ତାବିତ ଶକ୍ତି ଅସ୍ତ୍ରବିରାମକୁ ରୁଷ ଉଲ୍ଲଂଘନ କରିଥିବା ନେଇ ପ୍ରଶ୍ନ ଉଠିବା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିୟର ଜେଲେନସ୍କିଙ୍କ ତୁଳନାରେ ଶାନ୍ତି ଚୁକ୍ତିରେ ପହଂଚିବାକୁ ଅଧିକ ଇଚ୍ଛୁକ ମନେ ହେଉଛନ୍ତି। ଓହାୟୋରେ ଏକ ରାଜନୈତିକ ରାଲିକୁ ଯିବା ପୂର୍ବରୁ ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଟ୍ରମ୍ପ କହିଛନ୍ତି, ମୁଁ ଭାବୁଛି ପୁଟିନ ପ୍ରକୃତରେ ଜେଲେନସ୍କିଙ୍କ ତୁଳନାରେ ଅଧିକ ଆପୋଷ ବୁଝାମଣା କରିବାକୁ ଚାହୁଁଛନ୍ତି। ୟୁକ୍ରେନ ଉପରେ ରୁଷର ନିରନ୍ତର ଆକ୍ରମଣ ଏବଂ ଶକ୍ତି ଭିତିଭୂମି ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ତାଙ୍କ ପ୍ରସ୍ତାବରେ ମସ୍କୋ ରାଜି ହୋଇଛି କି ନାହିଁ ସେ ବିଷୟରେ ସାମ୍ବାଦିକମାନେ ତାଙ୍କୁ ପ୍ରଶ୍ନ କରିବା ସମୟରେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପ ଜୋର ଦେଇଥିଲେ ଯେ ଉଭୟ ଦେଶ ଅସ୍ତ୍ରବିରତି ପଦକ୍ଷେପକୁ ସମର୍ଥନ କରନ୍ତି। ପୁଟିନ ଏନେଇ ସାର୍ବଜନୀନ ଭାବରେ ପ୍ରତିବଦ୍ଧତା ପ୍ରକାଶ କରିନାହାନ୍ତି। ମୁଁ ଭାବୁଛି ସେମାନେ ଉଭୟ ଏହାକୁ ସମର୍ଥନ କରୁଛନ୍ତି। ସେମାନେ ଆପୋଷ କରିବାକୁ ଚାହାଁନ୍ତି, କିନ୍ତୁ ସେମାନେ କିପରି ଏହା କରିବେ ତାହା ଜାଣିନାହାନ୍ତି। ଆମେ ସେମାନଙ୍କୁ ଆପୋଷ ବୁଝାମଣା କରିବାକୁ ବାଧ୍ୟ କରିବୁ। ଯେତେବେଳେ ସ୍ପଷ୍ଟ ଭାବରେ ପଚରାଗଲା ଯେ ସେ, ପୁଟିନଙ୍କୁ ପ୍ରସ୍ତାବିତ ଅସ୍ତ୍ରବିରତି ପାଳନ କରିବାକୁ କିପରି ରାଜି କରାଇବେ, ଟ୍ରମ୍ପ କହିଛନ୍ତି, ମୁଁ ଭାବୁଛି ଯାହା ଘଟୁଛି ତାହା ସେମାନେ ଆପୋଷ ବୁଝାମଣା କରିବାକୁ ଚାହୁଁଛନ୍ତି ବୋଲି ମନେ ହେଉଛି। ସେ ଦୁଇ ଦେଶ ମଧ୍ୟରେ କୌଣସି ଆନୁଷ୍ଠାନିକ ବୁଝାମଣା ବିଷୟରେ ବିସ୍ତୃତ ଭାବରେ କହି ନାହାନ୍ତି କି ପ୍ରସ୍ତାବିତ ବ୍ୟବସ୍ଥାକୁ କିପରି ତଦାରଖ ଏବଂ କାର୍ଯ୍ୟକାରୀ କରାଯିବ ସେନେଇ କୌଣସି ସୂଚନା ପ୍ରଦାନ କରିନାହାନ୍ତି। ରାତାରାତି ୟୁକ୍ରେନ ଉପରେ ଆକ୍ରମଣ କରି ରୁଷ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ବୋଲି ପଚରାଯାଇଥିବା ରିପୋର୍ଟ ବିଷୟରେ ପଚରାଯିବାରୁ, ଟ୍ରମ୍ପ କହିଛନ୍ତି, ଆମକୁ ପରିସ୍ଥିତିର ତଦନ୍ତ କରିବାକୁ ପଡିବ। ମୁଁ ଏ ବିଷୟରେ ନିଶ୍ଚିତ ନୁହେଁ। ଆମେ ଏହା ଉପରେ ବିଚାର କରିବୁ। ସେ ସୂଚିତ କରିଛନ୍ତି ଯେ, ଉଲ୍ଲଂଘନ କେବଳ ମସ୍କୋ ପର୍ଯ୍ୟନ୍ତ ସୀମିତ ନାହିଁ। ମୁଁ ଏହାକୁ ଯାଂଚ୍ କରି ଦେଖିବି କାରଣ ଉଭୟ ପାର୍ଶ୍ୱରୁ ଉଲ୍ଲଂଘନ ହୋଇଛି।

ହର୍ମୁଜ୍‌ରେ ବେଆଇନ ଟୋଲ୍ ଆଦାୟ ବିରୋଧରେ ୬୦ ଦେଶ ଏକଜୁଟ

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): ବିଶ୍ୱର ୬୦ ଦେଶ ଏବେ ହର୍ମୁଜ୍‌ରେ ଜାହାଜ ଚଳାଚଳ ନେଇ ଏକଜୁଟ ହୋଇ ଏକ ସହମତିରେ ପହଂଚିଛନ୍ତି। ୟୁରୋପୀୟ ସଂଘର ଉଦ୍ୟମରେ ଏସବୁ ଦେଶ ବେଆଇନ ଟୋଲ୍ ଏବଂ ଅନ୍ତର୍ଜାତୀୟ ସାମୁଦ୍ରିକ ମାର୍ଗରେ ପରିବହନ କରୁଥିବା ଜାହାଜଗୁଡ଼ିକ ଉପରେ କଟକଣା ବିରୋଧରେ ପ୍ରତିବାଦ କରିଛନ୍ତି। ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳକୁ ନେଇ ଉତେଜନା ବୃଦ୍ଧି ପାଇଥିବା ସମୟରେ ଏକଜୁଟ ହୋଇ ଦେଶଗୁଡ଼ିକ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଅକ୍ଟୋବର ୧୨ ତାରିଖରେ ଜାରି ହୋଇଥିବା ଏହି ଘୋଷଣାନାମାକୁ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଅଷ୍ଟ୍ରେଲିଆ, ଜାପାନ ଏବଂ ବ୍ରିଟେନ ସମେତ ଅନେକ ଦେଶ ସମର୍ଥନ କରିଛନ୍ତି। ଦେଶଗୁଡ଼ିକ କହିଛନ୍ତି ଯେ, ଆନ୍ତର୍ଜାତୀୟ ସାମୁଦ୍ରିକ ପଥ ଦେଇ ସୁରକ୍ଷିତ ଏବଂ ବାଧାହୀନ ନୌଚାଳନା ବଜାୟ ରଖିବା ପାଇଁ ସେମାନଙ୍କୁ ଏକାଠି କାମ କରିବା ଜରୁରୀ। ଘୋଷଣାପତ୍ରରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ ଅନ୍ତର୍ଜାତୀୟ ଜଳପଥରେ ଆଇନଗତ ଭାବରେ ପରିବହନ କରୁଥିବା ଜାହାଜଗୁଡ଼ିକର ଗତିବିଧିକୁ ବାଧା ଦେଉଥିବା ଭଳି ଶୁଳ୍କ ଆଦାୟ କରିବା ଉଚିତ୍ ନୁହେଁ। ଦେଶଗୁଡ଼ିକ ଅଯୌକ୍ତିକ ଶୁଳ୍କ, ପକ୍ଷପାତପୂର୍ଣ୍ଣ କଟକଣା ଏବଂ ପୂର୍ବ ଅନୁମତିର ଆବଶ୍ୟକତା ବିରୋଧରେ ପ୍ରତିବାଦ କରିଛନ୍ତି ବୋଲି ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟ କାଜା କାଲାସ ଘୋଷଣା କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସମୁଦ୍ର ପଥଗୁଡ଼ିକୁ ଖୋଲା ରଖିବା ଏବଂ କୌଣସି ଦେଶର ଏକପାଖିଆ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଜାହାଜଗୁଡ଼ିକର ଗତିବିଧି ପ୍ରଭାବିତ ନ ହେବା। ହୁତିମାନେ ସାଉଦି ଆରବରେ ଆକ୍ରମଣକୁ ତୀବ୍ର କରି ରିୟାଦ-ଦମ୍ମାମ ବିମାନବନ୍ଦର ସମେତ ଅନ୍ୟ ଅଂଚଳଗୁଡ଼ିକୁ ଟାର୍ଗେଟ କରିଛନ୍ତି। ଇରାନ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ବିଶ୍ୱର ପ୍ରାୟ ଏକ ପଂଚମାଂଶ ତୈଳ ଏବଂ ତରଳୀକୃତ ପ୍ରାକୃତିକ ଗ୍ୟାସ୍ ହର୍ମୁଜ୍ ସାମୁଦ୍ରିକ ପଥ ଦେଇ ଯାଉଥିଲା। ଇରାନ ନୌଚାଳନା ସୁରକ୍ଷା ଏବଂ ଅନ୍ୟାନ୍ୟ ସେବା ପାଇଁ ହର୍ମୁଜ୍ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକରୁ ଶୁଳ୍କ ଆଦାୟ କରିବାକୁ ଆଗୁଆ ଯୋଜନା କରିଥିଲା। ଏହି ପ୍ରସ୍ତାବ ଆନ୍ତର୍ଜାତୀୟ ସାମୁଦ୍ରିକ ବାଣିଜ୍ୟ ଏବଂ ଜାହାଜ ଚଳାଚଳ ବିଷୟରେ ଚିନ୍ତା ସୃଷ୍ଟି କରିଛି। ସମୁଦ୍ର ପଥରେ ପ୍ରତିବନ୍ଧକ କିମ୍ବା ଅତିରିକ୍ତ ଶୁଳ୍କ ମାଲ ପରିବହନ ଖର୍ଚ୍ଚ ବୃଦ୍ଧି କରିବାର ଆଶଙ୍କା ରହିଛି। ଏହା ଯୋଗୁଁ ତେଲ ଏବଂ ଗ୍ୟାସ୍ ଯୋଗାଣ, ବାଣିଜ୍ୟ ଏବଂ ସାମଗ୍ରୀ ମୂଲ୍ୟ ପ୍ରଭାବିତ ହୋଇପାରେ। ଏହି କାରଣରୁ ୬୦ ଦେଶ ସମୁଦ୍ର ପଥକୁ ଖୋଲା ରଖିବା ଏବଂ ଅନ୍ତର୍ଜାତୀୟ ନିୟମ ପାଳନ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ମୁଦ୍ରାସ୍ଫୀତି ବୃଦ୍ଧିକୁ ନେଇ କେନ୍ଦ୍ର ଉପରେ ବର୍ଷିଲା କଂଗ୍ରେସ

ନୂଆଦିଲ୍ଲୀ, ୧୩/୧୦(ନ୍ୟୁ.ଏ): ଦେଶରେ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଓ ଦରଦାମ ବୃଦ୍ଧିକୁ ନେଇ କଂଗ୍ରେସ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛି। ''ଅଚ୍ଛେ ଦିନ''ର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ସରକାର କେବଳ ଭୋଟ୍ ଚୋରି କରୁନାହାଁନ୍ତି, ବରଂ ସାଧାରଣ ଜନତାଙ୍କ ସଂଚୟ ମଧ୍ୟ ଲୁଟୁଛନ୍ତି ବୋଲି ଦଳ ଅଭିଯୋଗ କରିଛି। ଏଥିସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏବେ ନିଜର ''ଝୋଲା'' ଉଠାଇ ଚାଲିଯିବାର ସମୟ ଆସିଯାଇଛି ବୋଲି କଂଗ୍ରେସ କହିଛି। ରିପୋର୍ଟ ଅନୁଯାୟୀ, ସେପ୍ଟେମ୍ବର ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପାଇ ୭.୭୪ ପ୍ରତିଶତରେ ପହଂଚିଛି ଏବଂ ସାଧାରଣ ମୁଦ୍ରାସ୍ଫୀତି ୫.୫୪ ପ୍ରତିଶତ ରହିଛି, ଯାହା ଗତ ୨୩ ମାସରେ ସର୍ବାଧିକ। ପିଆଜ ଦର ୧୦୮ ପ୍ରତିଶତ, ରସୁଣ ୫୫ ପ୍ରତିଶତ, ଅଦା ୬୩ ପ୍ରତିଶତ ଏବଂ ଲେମ୍ବୁ ଦର ୩୬ ପ୍ରତିଶତ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି କେବଳ ଥାଳିର ଖାଦ୍ୟ ନୁହେଁ, ବରଂ ପରିବହନ, ଶିକ୍ଷା ଓ ଗୃହୋପକରଣକୁ ମଧ୍ୟ ମହଙ୍ଗା କରିଛି। ଗରିବଙ୍କ ଖାଦ୍ୟ ଏବଂ ମଧ୍ୟବିତ୍ତଙ୍କ ସଂଚୟ କମୁଥିବା ବେଳେ ପ୍ରଧାନମନ୍ତ୍ରୀ ଜଣେ ''ମୌନୀ ବାବା''ଙ୍କ ଭଳି ନୀରବ ରହିଛନ୍ତି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅଭିଯୋଗ କରିଛନ୍ତି। ବର୍ଦ୍ଧିତ ମୁଦ୍ରାସ୍ଫୀତିକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ (ଆରବିଆଇ) ରେପୋ ରେଟ୍ ୨୫ ବେସିସ୍ ପଏଂଟ ବୃଦ୍ଧି କରି ୫.୫୦ ପ୍ରତିଶତ କରିଛି। ନିକଟ ଭବିଷ୍ୟତରେ ସୁଧହାର କମିବାର କୌଣସି ସମ୍ଭାବନା ନାହିଁ ଏବଂ ଚଳିତ ଆର୍ଥିକ ବର୍ଷ ପାଇଁ ଖାଉଟି ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୫.୨ ପ୍ରତିଶତକୁ ବୃଦ୍ଧି କରାଯାଇଛି। ପାର୍ବଣ ଋତୁରେ ଏହି ଆର୍ଥିକ ମହାବିପତି ପାଇଁ ବିରୋଧୀ ଦଳ ସରକାରଙ୍କୁ କ୍ରମାଗତ ଭାବେ ଘେରି ରହିଛନ୍ତି।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das